• Vol.- 46, Issue No. 86
• Friday, 26 June 2026
• ଶୁକ୍ରବାର, ୨୬ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




# ଭେନେଜୁଏଲାରେ ଭୂକମ୍ପ ତାଣ୍ଡବ: ୧୬୪ ମୃତ

ଭେନେଜୁଏଲା, ୨୫।୬: ଭେନେଜୁଏଲାରେ ଦୁଇଟି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଭେନେଜୁଏଲାର ରାଜଧାନୀ କାରାକାସ୍ ନିକଟବର୍ତ୍ତୀ ଅଞ୍ଚଳରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ଝଟକା । ଦୁଇଟି ଶକ୍ତିଶାଳୀ ଭୂକମ୍ପରେ ପ୍ରାୟ ୧୬୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧ ହଜାରରୁ ଅଧିକ ଆହତ ହୋଇଛନ୍ତି । ଧ୍ୱଂସାବଶେଷ ତଳେ ବହୁ ଲୋକ ଫସି ରହିଥିବାରୁ ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କା ରହିଛି । ବିପନ୍ନଙ୍କୁ ଉଦ୍ଧାର ପାଇଁ ବ୍ୟାପକ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଉଦ୍ଧାର କାର୍ଯ୍ୟରେ ସେନାକୁ ମଧ୍ୟ ମୁତୟନ କରାଯାଇଛି । ଭୂମିକମ୍ପ ପରେ ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତି ଦେଲସି ରୋଡ୍ରିଗେଜ ଦେଶରେ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି। ପ୍ରଥମେ ୭.୨ ଏବଂ ଏହାର କିଛି ସେକେଣ୍ଡ ପରେ ୭.୫ ତୀବ୍ରତାର ଭୂମିକମ୍ପ ହୋଇଥିବା ସୂଚନା ମିଳିଛି । ଏହାର କେନ୍ଦ୍ରସ୍ଥଳ କାରିବିଆନ୍ ଉପକୂଳରେ ମୋରୋନ୍ ସହରରୁ ପ୍ରାୟ ୨୮ କିଲୋମିଟର ପଶ୍ଚିମରେ ଥିଲା ଏବଂ ଏହାର ଗଭୀରତା ୧୩ କିଲୋମିଟର ଥିବା ଜଣାପଡିଛି । ଭୂକମ୍ପ ଯୋଗୁଁ ଲୋକେ ଭୟରେ ଘର ବାହାରକୁ ଦୌଡ଼ି ପଳାଇ ଆସିଥିଲେ । ଏହି ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହାରି ମଧ୍ୟରେ ଭେନେଜୁଏଲାର ଗୃହମନ୍ତ୍ରୀ ଦିଓସଡାଡୋ କାବେୟୋ କହିଛନ୍ତି ଯେ କାରାକାସର ଆଲଟାମିରା ଅଞ୍ଚଳର ପରିସ୍ଥିତି ବହୁତ ଗମ୍ଭୀର ରହିଛି । ଅନେକ ଘର ଏବଂ କୋଠା ଭୁଶୁଡ଼ି ପଡ଼ିଛି । ଭୂକମ୍ପ ପରେ ଦୁର୍ବଳ କୋଠାଗୁଡ଼ିକୁ ଆହୁରି କ୍ଷତି ପହଞ୍ଚାଇପାରେ । ତେଣୁ ଲୋକଙ୍କୁ ଘର ଭିତରକୁ ନ ଯିବାକୁ ସେ ଅନୁରୋଧ କରିଛନ୍ତି । କିଛି ଲୋକ ଆହତ ହୋଇଥିବା ରିପୋର୍ଟ ହୋଇଛି । ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ଯାନବାହନ ପାଇଁ ରାସ୍ତା ଛାଡ଼ିବାକୁ ମଧ୍ୟ ଡ୍ରାଇଭରମାନଙ୍କୁ କୁହାଯାଇଛି । ଏବେ ପ୍ରଶାସନ ସ୍ଥିର ନିୟମ ମଧ୍ୟରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ପୋଷ୍ଟ କରି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସଙ୍କଟ ସମୟରେ ଠିଆ ହେଉଛୁ, ସମସ୍ତ ସହାୟତା ଯୋଗାଇବାକୁ ପ୍ରସ୍ତୁତ ଅଛୁ ବୋଲି ମୋଦି କହିଛନ୍ତି।

## ଭାରତ ପଠାଇବ ଏନଡିଆରଏଫ୍ ଟିମ୍

ନୂଆଦିଲ୍ଲୀ, ୨୫।୬: ଭୂମିକମ୍ପରେ ଥରିଛି ଭେନେଜୁଏଲା । ଦେଶରେ ଲାଗିଛି ଡବଲ ଝଟକା । ମାତ୍ର ୩୯ ସେକେଣ୍ଡ ମଧ୍ୟରେ ଆସିଥିବା ଦୁଇ ଦୁଇଟି ଭୂକମ୍ପ ରାଜଧାନୀ କାରାକସ ସମେତ ଅନେକ ସହରକୁ ଦୋହଲାଇ ଦେଇଛି । ବଡ ବଡ ଘର ଏବଂ କୋଠା ଭୁଶୁଡି ପଡିଛି । ବିଦେଶୀ ଗଣମାଧ୍ୟମରେ ୧୦ ହଜାର ପ୍ରାଣ ହରାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ଆଉ କିଛି ଜାଗାରେ ମୃତ୍ୟୁସଂଖ୍ୟା ଲକ୍ଷେ ଛୁଇଁବା ନେଇ ତଥ୍ୟ ରହିଛି । ତେବେ ଏହି ପ୍ରତିକୂଳ ସମୟରେ ଭେନେଜୁଏଲା ପ୍ରତି ଭାରତ ସହାୟତାର ହାତ ବଢାଇଛି । ଭୂମିକମ୍ପ ପରେ ଭେନେଜୁଏଲାର ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଭଗ୍ନାବଶେଷ ତଳୁ ଜୀବନର ସନ୍ଧାନ ଚାଲିଛି । ଏହି ସ୍ଥିତି ଉପରେ ଭାରତ ସରକାର ନଜର ରଖିଛନ୍ତି । ଏହାସହ ସରକାର ସେଠାକୁ ଏନଡିଆରଏଫ୍ ଟିମ୍ ପଠାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

## ସାଇକେଲରେ ବୁହାହେଲା ଶବ

ପାଇକମାଳ, ୨୫।୬: ଶବକୁ ମିଳିଲାନି ସମ୍ମାନ। ବରଗଡ଼ଜିଲ୍ଲା ପାଇକମାଳ ବ୍ଲକ ଅନ୍ତର୍ଗତ କଣ୍ଟାପଡ଼ା ଗାଁରେ ଆଜି ଏଭଳି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଗାଁର ଜଣେ ବୃଦ୍ଧା ଜୟନ୍ତୀ ବଛାଙ୍କ ମୃତ୍ୟୁ ପରେ ଶବ ବୋହିବା ପାଇଁ ଜାତିଭାଇ ମାନେ କାନ୍ଧ ଦେବାରୁ ମୃତଦେହକୁ ସାଇକେଲରେ ନିଆଯାଇଛି। ମୃତକଙ୍କ ନାତି ବାଧ୍ୟ ହୋଇ ଆଈଙ୍କ ମୃତଦେହକୁ ସାଇକେଲରେ ବୋହି ଶ୍ମଶାନକୁ ନେଇଛନ୍ତି। ସକାଳେ ୮ଟାରେ ଜୟନ୍ତୀଙ୍କର ମୃତ୍ୟୁ ହୋଇଥିଲା। ଜୟନ୍ତୀଙ୍କର ଶବ ସତ୍କାର ପାଇଁ ପୁତ୍ରବଧୂ ଯଜ୍ଞାସିନୀ ବଛା, ନାତି ଶୁଭମ୍ ବଛା, ନାତୁଣୀ ଶିବାନୀ ବଛା ଜାତିଭାଇଙ୍କୁ ଗୁହାରି କରିଥିଲେ। କିନ୍ତୁ ସେମାନଙ୍କର କଥା କେହି ଶୁଣି ନଥିଲେ। ଶେଷରେ ସେମାନେ ଜୟନ୍ତୀଙ୍କର ମୃତଦେହକୁ ସାଇକଲରେ ବୋହି ସଂସ୍କାର କରିଥିଲେ। କଣ୍ଟାପଡ଼ାର ନିଲେଶ୍ୱର୍ ବନଛୋର, ଧବଳେଶ୍ୱର ବାଗ, ଆରତୀ ବରର୍ତ୍ତି, ନୃପତି ବନଛୋର ଶବ ସତ୍କାର କାମରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଅସହାୟ ଜୟନ୍ତୀ ବଛା ଝିଅ ବାସନ୍ତୀ ବଛାଙ୍କ ସହିତ ରହୁଥିଲେ। ତାଙ୍କ ଦୁଇ ବଡ଼ପୁଅ ତୁଳାରାମ ବଛା ଓ ସାନପୁଅ ପଞ୍ଚା ଓ ଝିଅ ବାସନ୍ତୀ ମାନସିକ ରୋଗୀ ଅଟନ୍ତି। ଦୀର୍ଘ ଦିନରୁ ସାନପୁଅ ପଞ୍ଚା ସ୍ତ୍ରୀ ସହିତ ଗଂଜାମ ଜିଲ୍ଲା ଭଞ୍ଜନଗରରେ ରହୁଛନ୍ତି। ବଡ ପୁଅ ତୁଳାରାମଙ୍କ ୮ମାସ ତଳେ ମୃତ୍ୟୁ ହୋଇଥିଲା।

# ଶଙ୍ଖ ଧରିଲେ ସୁଜାତା

## କହିଲେ, ଆଗାମୀ ନିର୍ବାଚନରେ ନିଜେ ନେବେ ନେତୃତ୍ୱ



ଭୁବନେଶ୍ୱର, ୨୫।୬: ଦୀର୍ଘ ଦିନର କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡିରେ ମିଶିଛନ୍ତି ସୁଜାତା ଆର.କାର୍ତ୍ତିକେୟନ । ନବୀନ ପଟ୍ଟନାୟକ ଓ ଦଳର ବହୁ ନେତା ଓ କର୍ମୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଶଙ୍ଖ ଧରିଛନ୍ତି । କିନ୍ତୁ ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଦଳରେ ମିଶିଛନ୍ତି ଏବଂ ଆସନ୍ତା ନିର୍ବାଚନରେ ନବୀନ ହିଁ ବିଜେଡିର ନେତୃତ୍ୱ ନେବେ ବୋଲି ସ୍ପଷ୍ଟ କରିଛନ୍ତି । ସୁଜାତା କାର୍ତ୍ତିକେୟନଙ୍କୁ ନେଇ ଲାଗି ରହିଥିବା ସବୁ ଚର୍ଚ୍ଚାର ଘଟିଛି ଅବସାନ । ଶଙ୍ଖ ଭବନରେ ବିଧିବଦ୍ଧ ଭାବେ ସେ ବିଜେଡିରେ ହୋଇଛନ୍ତି ସାମିଲ । ଦଳର ନେତା ଓ କର୍ମୀଙ୍କ ଉପସ୍ଥିତିରେ ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଉତ୍ତରୀୟ ପିନ୍ଧାଇ ଦଳରେ ସାମିଲ କରାଇଛନ୍ତି । ସୁଜାତାଙ୍କୁ ଦଳରେ ସାମିଲ କରାଇବା ପରେ ଦଳର ନେତୃତ୍ୱକୁ ନେଇ ବଡ଼ ଘୋଷଣା କରିଛନ୍ତି । ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଥିବାବେଳେ ନବୀନ ସ୍ପଷ୍ଟ କରି କହିଛନ୍ତି, ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଦଳରେ ମିଶିଲେ। ଆସନ୍ତା ନିର୍ବାଚନରେ ମୁଁ ହିଁ ବିଜେଡିର ନେତୃତ୍ୱ ନେବି । ଦୀର୍ଘ ଦିନ ହେବ ସୁଜାତା ବିଜେଡିରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ଦଳର କୌଣସି ବରିଷ୍ଠ ନେତା ମୁହଁ ଖୋଲିନଥିଲେ ବି ସୋସିଆଲ ମିଡିଆରେ ଜୋରଦାର ପ୍ରଚାର କରାଯାଉଥିଲା । ବିଜେଡିର ଦ୍ୱିତୀୟ ପିଢ଼ିର ନେତା ବି ସୁଜାତାଙ୍କ ଆସିବାକୁ ନେଇ ସଂକେତ ଦେଉଥିଲେ । ଯାହାର ଝଲକ ଆଜି ଶଙ୍ଖ ଭବନରେ ଦେଖିବା ପାଇଁ ମିଳିଛି । ସୁଜାତାଙ୍କୁ ସାଂସଦ, ବିଧାୟକ, ବରିଷ୍ଠ ନେତା, ମହିଳା ମୋର୍ଚ୍ଚା, ଯୁବ ଓ ଛାତ୍ର ମୋର୍ଚ୍ଚା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି । ଦଳରେ ସାମିଲ ହେବା ପରେ କହିଛନ୍ତି, ଓଡ଼ିଶାବାସୀଙ୍କ ପାଇଁ ନବୀନଙ୍କ ନେତୃତ୍ୱରେ କାମ କରିବି। ଦଳରେ କର୍ମୀ ହିସାବରେ ଦାୟିତ୍ୱ ନିର୍ବାହ କରିବି । ୨୦୨୪ ମାର୍ଚ୍ଚ ମାସରେ ଚାକିରିରୁ ଅବସର ନେଇଥିଲେ ଚର୍ଚ୍ଚିତ ଆଇଏଏସ୍ ଅଧିକାରୀ ସୁଜାତା। ସେବେଠୁ ସେ ବିଜେଡିରେ ମିଶିବା ନେଇ ଦଳ ଭିତରେ ଗୁଞ୍ଜରଣ ଲାଗି ରହିଥିଲା । ହେଲେ, ଆଗକୁ କର୍ମୀ ହୋଇ ରହିବେ ନା ବଡ଼ ଭୂମିକାରେ ଆସିବେ? ତା ଉପରେ ନଜର।

### କମର୍ସିଆଲ ଗ୍ରାହକଙ୍କ ପାଇଁ ବଡ଼ ଆଶ୍ୱସ୍ତି

## ଏଲ୍‌ପିଜି ଯୋଗାଣ ଉପରେ ଥିବା ସମସ୍ତ କଟକଣା ହଟିଲା

ନୂଆଦିଲ୍ଲୀ, ୨୫।୬: କେନ୍ଦ୍ର ସରକାର ଶିଳ୍ପ ଏବଂ ବାଣିଜ୍ୟିକ ଏଲପିଜି ଗ୍ରାହକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଘୋଷଣା କରିଛନ୍ତି। ସରକାର ଅଣ-ଘରୋଇ ପ୍ୟାକ ହୋଇଥିବା ଏଲପିଜି ଯୋଗାଣ ଉପରେ ସମସ୍ତ କ୍ଷେତ୍ର-ୱାରି କଟକଣା ଉଠାଇ ଦେଇଛନ୍ତି, ଯାହା ପଶ୍ଚିମ ଏସିଆ ସଙ୍କଟ ପୂର୍ବରୁ ଦେଖାଯାଇଥିବା ଯୋଗାଣ ସ୍ତରକୁ ପୁନଃସ୍ଥାପିତ କରିଛି। ଏହା ସହିତ, ସରକାର ସଙ୍କଟ ଆରମ୍ଭରେ ଲାଗୁ ହୋଇଥିବା ବଲ୍କ ଏଲପିଜି ଯୋଗାଣ ଉପରେ କଟକଣାକୁ ଯଥେଷ୍ଟ ଆଶ୍ୱସ୍ତି ଦେଇଛନ୍ତି, ଯାହା ବ୍ୟବହାରକୁ ପୂର୍ବ ସଙ୍କଟ ସ୍ତରର ୫୦%କୁ ଫେରିବାକୁ ଅନୁମତି ଦେବ। ଏହି ପଦକ୍ଷେପ ବାଣିଜ୍ୟିକ ଏବଂ ଶିଳ୍ପ ଗ୍ରାହକଙ୍କ ପାଇଁ ଯଥେଷ୍ଟ



ଆଶ୍ୱସ୍ତି ଆଣିଥାଏ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନରେ ଏଲପିଜି ଯୋଗାଣ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ପଶ୍ଚିମ ଏସିଆ ସଙ୍କଟ ସମୟରେ, ସରକାର ଘରୋଇ ଏଲପିଜି ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ଏକ ଆଦେଶ ଜାରି କରିଥିଲେ, ଯେଉଁଥିରେ ସି୩-ସି୪ ଷ୍ଟ୍ରିମ କେବଳ ପେଟ୍ରୋକେମିକାଲ କିମ୍ବା ଅନ୍ୟାନ୍ୟ ଡାଉନଷ୍ଟ୍ରିମ ପ୍ରୟୋଗ ପରିବର୍ତ୍ତେ ଏଲପିଜି ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ବାଧ୍ୟ କରାଯାଇଥିଲା।

## ଏଲ୍‌ଇଡି ଦୁର୍ନୀତି: ୩ ଠିକାଦାର ଗିରଫ

କଟକ, ୨୫।୬(ନିପ୍ର): ବହୁ ଚର୍ଚ୍ଚିତ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ମାମଲାରେ ଗୁରୁବାର ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଟିମ୍ ନୟାଗଡ଼, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ପରେ ତିନି ଜିଲ୍ଲାରୁ ଉକ୍ତ ବିଦ୍ୟୁତକରଣ କାର୍ଯ୍ୟର ଠିକା ନେଇଥିବା ତିନି ଠିକାଦାରଙ୍କୁ ଗିରଫ କରିଛି। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଜିଲ୍ଲା ଦେବୀ ଦ୍ୱାରର ମେସର୍ସ ବିରଜା ଇଲେକ୍ଟ୍ରିକାଲ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନସର ମାଲିକ ଧରଣୀଧର ସାହୁ, ଭୁବନେଶ୍ୱର ଖଣ୍ଡଗିରିର ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ତୁରନ୍ତ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ଏହି ଦୁର୍ନୀତି ଘଟଣାରେ ଭିଜିଲାନ୍ସ, ଦୁର୍ନୀତି ନିବାରଣ ଆଇନ ୧୯୮୮ ଓ ଆଇପିସିର ବିଭିନ୍ନ ଧାରାରେ ୫,୬,୭/୨୦୨୬ରେ ତିନିଟି ପୃଥକ ମାମଲା ରଜୁକରିଛି। ତଦନ୍ତରେ ଉକ୍ତ ତିନି ଠିକାଦାରଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଓ ଦୁର୍ନୀତିର ପ୍ରମାଣ ମିଳିଛି। ସେମାନଙ୍କୁ ତିନି ଜିଲ୍ଲାରେ ରାସ୍ତାକଡ଼ ବିଦ୍ୟୁତକରଣ ନିମନ୍ତେ ଠିକା ଦିଆଯାଇଥିଲା। ରାଜ୍ୟ ଅର୍ଥ ଆୟୋଗର ଇଭୋଲ୍ୟୁସନ୍ ଗ୍ରାଣ୍ଟରୁ ୨୦୨୧ରୁ ୨୦୨୩ ମଧ୍ୟରେ ଅନୁଦାନ ମିଳିଥିଲା। ତିନିଟି ଜିଲ୍ଲାରେ ୧୦୦୦ଟି କ୍ଲଷ୍ଟରରେ ଏହି ଦୁର୍ନୀତି ହୋଇଛି। ପ୍ରତି କ୍ଲଷ୍ଟରରେ ୧୦ଟି ଏଲ୍‌ଇଡି ଲାଇଟ୍ ରହିଥାଏ। ପ୍ରାଥମିକ ଆକଳନରେ ପ୍ରାୟ ୩ କୋଟି ଟଙ୍କା ହଡ଼ପ ହୋଇଥିବା ଜଣାଯାଇଛି। ସମସ୍ତ କ୍ଲଷ୍ଟରର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ହେରଫେର ଓ ହଡ଼ପ ହୋଇଥିବା ସ୍ପଷ୍ଟ ହୋଇଛି। ଏଥିରେ ଜଡ଼ିତ ନଥିପତ୍ରଗୁଡ଼ିକ ଜବତ ହୋଇଛି। ମାମଲାର ତଦନ୍ତ ଜାରି ରହିଛି।

## ବାଲେଶ୍ୱର ବଜାରରେ ଗୁଳିକାଣ୍ଡ, ବ୍ୟବସାୟୀ ମୃତ

ବାଲେଶ୍ୱର: ବାଲେଶ୍ୱର ସହଦେବ ଖୁଣ୍ଟା ଅଡର ବଜାର ଗୁଳିକାଣ୍ଡ। ବାଇକରେ ୨ ଜଣ ଦୁର୍ବୃତ୍ତ ଆସି ଗୁଳିମାଡ଼ କରିଛନ୍ତି। ଗୁଳିମାଡରେ ବ୍ୟବସାୟୀ ଶେଖ ହମିଦଙ୍କ ମୃତ୍ୟୁ ଘଟିଛି। ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୮ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଶେଖ ହମିଦ ନିଜ କାରରେ ଅଡର ବଜାରକୁ ଆସୁଥିଲେ। ଏହି ସମୟରେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ଏକ ବାଇକରେ ତାଙ୍କୁ ପିଛା କରୁଥିଲେ। ହମିଦ କାରରୁ ଓହ୍ଲାଇବା ମାତ୍ରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଅତର୍କିତ ଭାବେ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ହମିଦଙ୍କ ଉପରକୁ ୮ ରାଉଣ୍ଡ ଗୁଳିମାଡ କରିଥିବା ଜଣାପଡିଛି। ଗୁଳି ବାଜିବା ପରେ ହମିଦ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲକୁ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସହଦେବଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ନିକଟସ୍ଥ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ, ଗୁଳିକାଣ୍ଡ ପଛର କାରଣ ନେଇ ମଧ୍ୟ ଖୋଳତାଡ଼ ଚାଲିଛି। ପୂର୍ବ ଶତ୍ରୁତା, ବ୍ୟବସାୟିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି।

### ।। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ।।

## ପୁଷ୍କରା, ମାଇଁ ସୁଇଟ୍ ହାଉସ୍ ୱାଇଫ୍ ଓ 'ଆଶ୍ରମ' ଶ୍ରେଷ୍ଠ ଫିଲ୍ମ




ଭୁବନେଶ୍ୱର, ୨୫।୬: ୨୦୨୩-୨୪ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ୨୦୨୩ ପାଇଁ ପୁଷ୍କରା ଓ ମାଇଁ ସୁଇଟ୍ ହାଉସ୍ ୱାଇଫ୍ ଶ୍ରେଷ୍ଠ ଚଳଚ୍ଚିତ୍ର । ୨୦୨୪ ପାଇଁ 'ଆଶ୍ରମ' ଶ୍ରେଷ୍ଠ ଚଳଚ୍ଚିତ୍ର । ଏନେଇ ଘୋଷଣା କଲେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପୁଷ୍କରାର ଅଭିନେତ୍ରୀ ସୁପ୍ରିୟାଙ୍କୁ ୨୦୨୩ର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବିବେଚନା କରାଯାଇଥିବା ବେଳେ ହରିହର ମହାପାତ୍ର ୨୦୨୩ର ଶ୍ରେଷ୍ଠ ଅଭିନେତା। ଅନ୍ୟପଟେ ମାଇଁ ସୁଇଟ୍ ହାଉସ୍ ୱାଇଫ୍ ପାଇଁ ନୈନା ଦାସ ଶ୍ରେଷ୍ଠ ଅଭିନେତ୍ରୀ। ଧୋରେ ବାବୁ ଧୋ' ପାଇଁ ହରିହର ମହାପାତ୍ର ୨୦୨୩ର ଶ୍ରେଷ୍ଠ ଅଭିନେତା । ସେହିପରି ମୋ ବୋଉ ମୋ ଗାଁକୁ ପ୍ରାମାଣିକ ଚଳଚ୍ଚିତ୍ର ସମ୍ମାନ ନେଇ ଘୋଷଣା କରାଯାଇଛି। 'ପାବାର' ଚଳଚ୍ଚିତ୍ର ପାଇଁ ବାବୁସାନ୍ ଶ୍ରେଷ୍ଠ ଅଭିନେତା । ୨୦୨୩ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର: ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର - 'ପୁଷ୍କରା', 'ମାଇଁ ସ୍ୱିଟ ହାଉସ୍ ୱାଇଫ (ଯୁଗ୍ମ), ଶ୍ରେଷ୍ଠ ନିର୍ଦ୍ଦେଶକ - ପିନାକୀ ସିଂ, ଶିଶିର କୁମାର ସାହୁ, ଶ୍ରେଷ୍ଠ ଅଭିନେତା - ହରିହର ମହାପାତ୍ର, ଭଗିଆ ଭାରିଜା, ଶ୍ରେଷ୍ଠ ଅଭିନେତ୍ରୀ - ନୈନା ଦାସ, ସୁପ୍ରିୟା ନାୟକ, ଶ୍ରେଷ୍ଠ ଖଳ ଅଭିନେତା- ଚୌଧୁରୀ ବିକାଶ ଦାସ, ଶ୍ରେଷ୍ଠ ଖଳ ଅଭିନେତ୍ରୀ-ପିଙ୍କି ପ୍ରଧାନ, ଶ୍ରେଷ୍ଠ ହାସ୍ୟ ଅଭିନେତା- ସନ୍ତୋଷ କୁମାର କାଣ୍ଡୀ, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ–ଆଲିଆ ନନ୍ଦ, ୨୦୨୪ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର: ଶ୍ରେଷ୍ଠ ଚଳଚ୍ଚିତ୍ର - ଆଶ୍ରମ, ଶ୍ରେଷ୍ଠ ନିର୍ଦ୍ଦେଶକ-ଅଶୋକ ପତି, ଶ୍ରେଷ୍ଠ ଅଭିନେତା - ବାବୁଶାନ୍, ଶ୍ରେଷ୍ଠ ଅଭିନେତ୍ରୀ - ଦେବଯାନୀ ବେଗୁରିଆ, ଶ୍ରେଷ୍ଠ ଖଳ ଅଭିନେତା- ହର ରଥ, ଶ୍ରେଷ୍ଠ ଖଳ ଅଭିନେତ୍ରୀ-ଉଷସୀ ମିଶ୍ର, ଶ୍ରେଷ୍ଠ ହାସ୍ୟ ଅଭିନେତା -ଜୀବନ ପଣ୍ଡା

## ନିଶା ନିବାରଣ କେନ୍ଦ୍ର ତଥ୍ୟ ମାଗିଲେ ସରକାର

ଭୁବନେଶ୍ୱର, ୨୫।୬: ରାଜ୍ୟରେ ନିଶା ନିବାରଣ କେନ୍ଦ୍ର ଗୁଡ଼ିକରେ ଅନ୍ତେବାସୀଙ୍କ ସନ୍ଦେହ ଜନକ ମୃତ୍ୟୁ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ନେଇ ବଢୁଥିବା ଚିନ୍ତା ମଧ୍ୟରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ନେଇଛନ୍ତି । ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସଏସଇପିଡି) ସମସ୍ତ ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ)ଙ୍କୁ ଜିଲ୍ଲାରେ କାର୍ଯ୍ୟକ୍ଷମ ସମସ୍ତ ନିଶା ନିବାରଣ କେନ୍ଦ୍ରର ସବିଶେଷ ତଥ୍ୟ ୭ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି। ଗତ ସପ୍ତାହରେ ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳର ଏକ ଘରୋଇ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିବାବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଏହା ସହ ଗତ କିଛି ଦିନ ମଧ୍ୟରେ ଅନ୍ୟ କେତେକ ନିଶା ନିବାରଣ କେନ୍ଦ୍ରକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିବାରୁ ସରକାର ସମଗ୍ର ବ୍ୟବସ୍ଥାର ସମୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶେଷ କରି ଅନେକ ଅନ୍ତେବାସୀଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି।

# ଉତ୍ତମ ଚିକିତ୍ସା ପଦ୍ଧତି ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୫।୬ : ସ୍ୱାସ୍ଥ୍ୟ ହିଁ ପ୍ରକୃତ ସମ୍ପଦ। ଆମେ ସମସ୍ତେ ଏକଥା ଜାଣିଛେ। କିନ୍ତୁ କେତେଜଣ ବାସ୍ତବ ଜୀବନରେ ଏହାକୁ ଗୁରୁତ୍ୱ ଦିଅନ୍ତି ? ତେଣୁ ଆମକୁ ସୁସ୍ଥ ଜୀବନ ଯାପନ, ଉତ୍ତମ ଚିକିତ୍ସା ପଦ୍ଧତି ଓ ଶ୍ରେଷ୍ଠ ଚିକିତ୍ସା ସେବା ଉପରେ ଗୁରୁତ୍ୱଆରୋପ କରିବାକୁ ପଡିବ । ଏ ସବୁର ସମନ୍ୱୟରେ ଆମେ ଏକ ସୁସ୍ଥ ସମାଜ ଗଠନ କରିପାରିବା । ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଗଠନ ପଥରେ, ଆମେ ଅଗ୍ରସର ହେଉଛୁ । ଏହାର ମୂଳଭିତ୍ତି ହେଉଛି, ଏକ ସୁସ୍ଥ ଓଡିଶା, ଏକ ସୁସ୍ଥ ଭାରତ । ଓଡିଶା ସୁସ୍ଥ ନହେଲେ ସମୃଦ୍ଧ ହେବ ନାହିଁ । ଭାରତ ସୁସ୍ଥ ନହେଲେ, ବିକଶିତ ହେବ ନାହିଁ ବୋଲି ଟାଇମ୍ସ ହେଲ୍‌ଥ ଆଇକନ୍ସ ଓଡିଶା କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ହେଲ୍‌ଥ ଆଇକନ୍ କାର୍ଯ୍ୟକ୍ରମ ଏକ ପ୍ରଶଂସନୀୟ ଉଦ୍ୟମ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ଡାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ, ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ସେବା କର୍ମଚାରୀମାନେ ବୃତ୍ତିଗତ ଦକ୍ଷତା, ସେବା ଓ କର୍ତ୍ତବ୍ୟ ପରାୟଣତାର ଉଦାହରଣ ସୃଷ୍ଟି କରିଛନ୍ତି, ସେମାନଙ୍କୁ ସମ୍ମାନିତ କରିବା ଏକ ମହତ ଉଦ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ସ୍ୱାସ୍ଥ୍ୟ ସମସ୍ୟା ଆସିଲେ, ତାହାର ଖର୍ଚ୍ଚ କଥା ଭାବି କୌଣସି ଗୋଟିଏ ବି ଲୋକ ଭୟଭୀତ ନହେଉ । ସେଥିପାଇଁ ଆମେ ଆମର ଯୋଜନା ଗୁଡିକୁ ଅତ୍ୟନ୍ତ ସତର୍କତାର ସହିତ ପ୍ରସ୍ତୁତ କରିଛୁ । ସ୍ୱାସ୍ଥ୍ୟ ସେବା ପାଇବା ହେଉଛି ଲୋକଙ୍କ ଅଧିକାର। ସେ ଅଧିକାରର ସୁରକ୍ଷାକୁ ଆମେ ଆମର ଦାୟିତ୍ୱ ଭାବେ ଗ୍ରହଣ କରିଛୁ। ପୂର୍ବରୁ ଆମର ସ୍ୱାସ୍ଥ୍ୟନୀତିର ଲକ୍ଷ୍ୟ ଥିଲା ଲୋକଙ୍କୁ ଭଲ ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ସୃଷ୍ଟି କରିବା। ବର୍ତ୍ତମାନ ଆମର ନୀତି ଆଉ ଟିକେ ଉପରକୁ ଚିନ୍ତା କରିଛି । ଭଲ ଭିତ୍ତିଭୂମି, ଭଲ ହସ୍ପିଟାଲ, ଭଲ ଇନ୍‌ଷ୍ଟ୍ରୁମେଣ୍ଟ ଆଦି ଅତ୍ୟନ୍ତ ଆବଶ୍ୟକ ଏବଂ ଏହାର ବିକାଶ ମଧ୍ୟ କରାଯାଉଛି । କିନ୍ତୁ, ତାହାଠୁ ମଧ୍ୟ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ବ୍ୟବସ୍ଥା ଉପରେ ଭରସା । ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା, ସେବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ସହରର ସୁପର ସ୍ପେସିଆଲିଟି ହସ୍ପିଟାଲ ପର୍ଯ୍ୟନ୍ତ ଆମର ସମ୍ପୂର୍ଣ୍ଣ ହେଲ୍‌ଥ କେୟାର ନେଟୱାର୍କକୁ ଦକ୍ଷ ଓ ବିଶ୍ୱସନୀୟ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି।



## ମାର୍ଗଦର୍ଶନ

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୂଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ । ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

*ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ ।*

## ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ ଭଗବାନ କୃଷ୍ଣ

୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି ।

## ବିଳାସପ୍ରିୟ ଦେବରାଜ



**ଋଗ୍‌ବେଦର ଚତୁର୍ଥ ଅଧ୍ୟାୟରେ ଲିଖିତ ଅଛି ଯେ, ଇନ୍ଦ୍ରଙ୍କ ମାତାଙ୍କ ନାମ ଅଦିତ। ଏହା ମଧ୍ୟ କୁହାଯାଏ ଯେ, ଇନ୍ଦ୍ର ନିଜ ମାତାଙ୍କ ଗର୍ଭରେ ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲେ।**

ହିନ୍ଦୁଧର୍ମରେ ମୂଳତଃ ୩୩ ପ୍ରମୁଖ ଦେବତାଙ୍କ ସଂପର୍କରେ ଉଲ୍ଲେଖ ରହିଛି। ସମସ୍ତ ଦେବତାଙ୍କ କାର୍ଯ୍ୟ ଏବଂ ଚରିତ୍ର ଭିନ୍ନ ଭିନ୍ନ ଅଟେ। ତେବେ ଦେବରାଜ ଇନ୍ଦ୍ରଙ୍କ ବଦ୍‌ନାମ ଯଥେଷ୍ଟ ଅଧିକ। କାରଣ ଦେବରାଜ ସର୍ବଦା ଭୋଗ ଓ ଐଶ୍ୱର୍ଯ୍ୟରେ ବୁଡ଼ି ରହିବାକୁ ପସନ୍ଦ । ସବୁ ସମୟରେ ତାଙ୍କର ସିଂହାସନର ଚିନ୍ତା । ସମସ୍ତେ କାହିଁକି ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, କାରଣ ସେ ସ୍ୱର୍ଗର ରାଜା ଅଟନ୍ତି। ଇନ୍ଦ୍ର ଦେବତାଙ୍କ ଅଧିପତି ଅଟନ୍ତି। ସୁନ୍ଦରୀ ଅପ୍ସରାମାନେ ତାଙ୍କ ଦରବାରରେ ନୃତ୍ୟ କରନ୍ତି ଏବଂ ଗନ୍ଧର୍ବମାନେ ସଂଗୀତ ପରିବେଷଣ କରି ଇନ୍ଦ୍ରସଭାରେ ମନୋରଞ୍ଜନ କରିଥାନ୍ତି। ଦେବାସୁରଙ୍କ ସହ ଇନ୍ଦ୍ରଙ୍କର ସର୍ବଦା ଲଢ଼େଇ ଜାରି ରହିଥାଏ। ଦେବାସୁର ସୁରାପାନ କରିଥିଲେ ମଧ୍ୟ ସେ ଅସୁର ନୁହନ୍ତି। ଅଦିତିଙ୍କ ପୁତ୍ର ହେଉଛନ୍ତି ଦେବରାଜ ଇନ୍ଦ୍ର। ଇନ୍ଦ୍ରାଣୀ ବା ଶଚୀ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ଅଟନ୍ତି। ତାଙ୍କର ଅନ୍ୟନାମ ପୌଲୋମୀ ମଧ୍ୟ କୁହାଯାଏ। ଶଚୀପତି ଇନ୍ଦ୍ରଙ୍କ ପୂର୍ବରୁ ପାଞ୍ଚଜଣ ଇନ୍ଦ୍ର ଦେବରାଜ ଆସନରେ ଅଳଙ୍କୃତ ହୋଇଥିଲେ। ସେମାନଙ୍କୁ ସୁରେଶ, ସୁରେନ୍ଦ୍ର, ଦେବେନ୍ଦ୍ର, ଦେବେଶ, ବାସବ, ସୁରପତି, ଶକ୍ର, ପୁରନ୍ଦର ମଧ୍ୟ କୁହାଯାଏ। କ୍ରମଶଃ ୧୪ ଜଣ ଦେବରାଜ ଆସନ ଅଳଙ୍କୃତ କରିଥିଲେ। ସେମାନେ ହେଲେ ଯଜ୍ଞ, ବିପାଶ୍ଚିତ, ଶିବି, ବିଧୁ, ମନୋଜବ, ପୁରନ୍ଦର, ବାଲୀ, ଅଦ୍ଭୁତ, ଶାନ୍ତି, ବିଶ, ରିତୁଧାମ, ଦେବାସ୍ପତି ଏବଂ ସୁଚୀ। ଏମାନଙ୍କ ମଧ୍ୟରୁ ଶଚୀପତି ଇନ୍ଦ୍ର ପୁରନ୍ଦରଙ୍କ ପୂର୍ବରୁ ୫ ଜଣ ଇନ୍ଦ୍ର ଦେବରାଜ ଆସନରେ ବସିଥିଲେ। ଋଗ୍‌ବେଦରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସଂପର୍କରେ ବିଶଦ ବର୍ଣ୍ଣନା କରାଯାଇଛି। ଦେବତାଙ୍କ ଅଧିପତି ଇନ୍ଦ୍ର, ଗୁରୁ, ବୃହସ୍ପତି ଏବଂ ବିଷ୍ଣୁ ପରମ ଇଷ୍ଟ ଅଟନ୍ତି। ଅନ୍ୟପକ୍ଷରେ ଦୈତ୍ୟଙ୍କ ଅଧିପତି ହିରଣାକ୍ଷ ଓ ହିରଣ୍ୟକଶିପୁ ପରେ ବିରୋଚନ ଦୈତ୍ୟ ଅଧିପତି ଦାୟିତ୍ୱ ନେଲେ, ଯାହାଙ୍କ ଗୁରୁ ଅଟନ୍ତି ଶୁକ୍ରାଚାର୍ଯ୍ୟ ଏବଂ ଶିବ ପରମ ଇଷ୍ଟଦେବ ଅଟନ୍ତି। ଇନ୍ଦ୍ରଙ୍କର ବିବାହ ଅସୁରରାଜ ପୁଲୋମାଙ୍କ ପୁତ୍ରୀ ଶଚୀଙ୍କ ସହ ହୋଇଥିଲା ଇନ୍ଦ୍ରଙ୍କ ପୁତ୍ରଙ୍କ ନାମ ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେମାନଙ୍କୁ ଦୁଇ ବସୁକ୍ତ ତଥା ବୃଷା ଋଷି (ଯିଏ ବୈଦିକ ମନ୍ତ୍ର ରଚନା କରିଥିଲେ।) କୁହାଯାଏ। ଇନ୍ଦ୍ରଙ୍କର ଜନ୍ମ ସଂପର୍କରେ ମଧ୍ୟ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଛି। ଋଗ୍‌ବେଦର ଚତୁର୍ଥ ଅଧ୍ୟାୟରେ ଲିଖିତ ଅଛି ଯେ, ଇନ୍ଦ୍ରଙ୍କ ମାତାଙ୍କ ନାମ ଅଦିତ। ଏହା ମଧ୍ୟ କୁହାଯାଏ ଯେ, ଇନ୍ଦ୍ର ନିଜ ମାତାଙ୍କ ଗର୍ଭରେ ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲେ। ସେଥିପାଇଁ ଅଦିତିଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ତେବେ ଅଧିକ ଦିନ ଗର୍ଭରେ ରହିଥିବା କାରଣରୁ ସେ ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ଥିଲେ।

## ସୂର୍ଯ୍ୟ ପୂଜା

ଭାଗ୍ୟ ବଦଳାଇବା ଏବଂ ସୁନ୍ଦର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପୁରାତନ କାଳରୁ ଅନେକ ପ୍ରକାର ପରମ୍ପରାର ପ୍ରଚଳନ ହୋଇ ଆସୁଛି। କେତେକ ପରମ୍ପରା ରହିଛି ଯାହା ସ୍ତ୍ରୀ ଓ ପୁରୁଷ ଉଭୟଙ୍କ ପାଇଁ ସମାନ ରୂପରେ ଲାଗୁ ହୋଇଥାଏ। ପ୍ରତିଦିନ ପ୍ରତିଦିନ ସକାଳେ ସୂର୍ଯ୍ୟଙ୍କୁ ଜଳ ଚଢ଼ାଇବା ଦ୍ୱାରା ଅନେକ ଚମତ୍କାରିତା ଦେଖାଯାଇଥାଏ। ଶାସ୍ତ୍ରାନୁସାରେ ସୂର୍ଯ୍ୟଙ୍କୁ ପ୍ରତ୍ୟକ୍ଷ ଦେବତା ଭାବେ ଗ୍ରହଣ କରାଯାଏ। ସୂର୍ଯ୍ୟ ଦେବତା ଶକ୍ତି ପ୍ରଦାନର ପ୍ରମୁଖ ଉତ୍ସ। ଏହି କାରଣରୁ ସୂର୍ଯ୍ୟଙ୍କୁ ନିୟମିତ ଆରାଧନା କରିବା ଦ୍ୱାରା ଚମତ୍କାରିତା ଲାଭ ହୋଇଥାଏ। ତେବେ ସୂର୍ଯ୍ୟଙ୍କୁ ସକାଳ ୮.୩୦ ମିନିଟ୍ ପୂର୍ବରୁ ଆରାଧନା କରାଯିବା ଆବଶ୍ୟକ। ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବାର ସିଧା ଲାଭ ମିଳିଥାଏ। ସକାଳ ସମୟରେ ଶୀଘ୍ର ଶଯ୍ୟା ତ୍ୟାଗ କରି ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବା ସହ ପାଣି ମଧ୍ୟରେ ସୂର୍ଯ୍ୟଙ୍କୁ ଦେଖିବା ଆବଶ୍ୟକ। ଏହାଦ୍ୱାରା ସୂର୍ଯ୍ୟ କିରଣରୁ ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ। ଉଦୟ ସୂର୍ଯ୍ୟଙ୍କୁ ଜଳ ଚଢ଼ାଇଲେ ବ୍ୟକ୍ତି ତେଜସ୍ୱୀ ହୋଇଥାଏ। ମୁନିଋଷିଙ୍କ ମତରେ ସୂର୍ଯ୍ୟଙ୍କୁ ଜଳଦାନ କରିବା ଦ୍ୱାରା ଆମ ଶରୀରରୁ ହାନିକାରକ ତତ୍ତ୍ୱ ନଷ୍ଟ ହୋଇ ଯାଇଥାଏ। ଜ୍ୟୋତିଷ ଶାସ୍ତ୍ରରେ ସୂର୍ଯ୍ୟଙ୍କୁ ଯଶ ଓ ସମ୍ମାନର କାରକ ଗ୍ରହ ଭାବେ ଗ୍ରହଣ କରାଯାଉଛି। କୌଣସି ବ୍ୟକ୍ତିଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଉଚ୍ଚ ସ୍ଥାନରେ ରହିଥିଲେ ଉକ୍ତ ବ୍ୟକ୍ତି ପ୍ରତିଷ୍ଠିତ ଏବଂ ତେଜସ୍ୱୀ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କୁ ଯଥେଷ୍ଟ ସମ୍ମାନ ମିଳିଥାଏ।

## କରୁଣାମୟ ହୃଦୟର ସୌନ୍ଦର୍ଯ୍ୟ



ଆମ୍ରପାଲି ଅପୂର୍ବ ସୁନ୍ଦରୀ, କୁଶଳୀ ଗାୟିକା ତଥା ନର୍ତ୍ତକୀ ଥିଲେ । ରାଜକୁମାର ବିମ୍ବିସାରଙ୍କୁ ସେ ପ୍ରେମବିବାହ କରିଥିଲେ । କିନ୍ତୁ ରାଜମହଲରେ ତାଙ୍କୁ ଅପମାନ ସହିବାକୁ ପଡ଼ିଥିଲା । ସେ ବୈଶାଳୀ ନଗର ବାହାରେ ଥିବା ଏକ ଆମ୍ର ବନରେ ନିଜ ପୁତ୍ର ଜୀବକଙ୍କ ସହ ରହି ସାଧନାରେ ଲୀନ ଥିଲେ । ଦିନେ ଜୀବକଙ୍କ ସହ ସେ ଭଗବାନ ବୁଦ୍ଧଙ୍କ ଦର୍ଶନ ନିମନ୍ତେ ପହଞ୍ଚିଲେ । ସେ କହିଲେ ଯେ ଗୁରୁବର, ମୋ ପାଖରେ ଅପାର ଧନସମ୍ପତ୍ତି ରହିଛି ତଥାପି ମୋ ଜୀବନ ଅତୃପ୍ତ । ବୁଦ୍ଧ କହିଲେ, ଆମ୍ରପାଲି, ସୁନ୍ଦରତା ଅନ୍ୟ ସାଂସାରିକ ବସ୍ତୁ ଭଳି ଆସିଥାଏ ଏବଂ ଚାଲିଯାଇଥାଏ । ଧନ ସମ୍ପତ୍ତି ଏବଂ ଖ୍ୟାତି କ୍ଷଣଭଙ୍ଗୁର । ଧ୍ୟାନ-ସାଧନା ମଧ୍ୟରେ ଯେଉଁ ଆତ୍ମିକ ସନ୍ତୋଷ ମିଳିଥାଏ, ତାହା ଶାଶ୍ୱତ । ଏହି ଜୀବନରେ ଶେଷ ରହିଯାଇଥିବା ସମୟତକ ସାଧନା, ଧ୍ୟାନ, ପ୍ରାଣାୟାମ ଏବଂ ସଂଯମପୂର୍ଣ୍ଣ ଜୀବନ ଜିଇଁବାରେ ବିତାଇବା ଉଚିତ୍ । ଏହାଦ୍ୱାରା ଜୀବନ ସାର୍ଥକ ହୋଇଥାଏ । ବୁଦ୍ଧଙ୍କ ଏହି ବାଣୀ ଆମ୍ରପାଲିଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଆମ୍ରପାଲିଙ୍କୁ ବୁଦ୍ଧ ଏହି କଥା କହିବା ବେଳେ କାଳଦୁୟୀ ଓ ସାରିପୁତ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସାରିପୁତ୍ର ବୁଦ୍ଧଙ୍କୁ ପଚାରିଲେ, ନାରୀର ସୌନ୍ଦର୍ଯ୍ୟକୁ କେଉଁ ଦୃଷ୍ଟିରେ ଦେଖିବା ଉଚିତ୍ ବୁଦ୍ଧ କହିଲେ, ସୁନ୍ଦରତା ଏବଂ କୁରୂପତା, ଏହି ଦୁଇଟିର ସୃଜନ ପାଞ୍ଚଟି ତତ୍ତ୍ୱର ସମାହାର । ଶାରୀରିକ ସୁନ୍ଦରତା ଦ୍ୱାରା ସମ୍ମୋହିତ ହେଉନଥିବା ଏବଂ କୁରୂପତା ଦ୍ୱାରା ବିରକ୍ତ ହେଉନଥିବା ବ୍ୟକ୍ତି 'ମୁକ୍ତ ପୁରୁଷ' । ଗୋଟିଏ ମାତ୍ର ସୁନ୍ଦରତା ହେଉଛି ଶାଶ୍ୱତ ଏବଂ ତାହା ହେଉଛି କରୁଣାମୟ ହୃଦୟର ସୌନ୍ଦର୍ଯ୍ୟ । କରୁଣାର ଅର୍ଥ ହେଉଛି ଅହେତୁକ ପ୍ରେମ ଅର୍ଥାତ୍ କୌଣସି ଆଶା ନରଖି ଅନ୍ୟକୁ ଭଲ ପାଇବା । ବୁଦ୍ଧଙ୍କ ଏହି କଥା ଶୁଣିବା ପରେ ସାରିପୁତ୍ତଙ୍କ ଜିଜ୍ଞାସା ଶାନ୍ତ ହୋଇଥିଲା ।

## ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଦେବୀ ରୁକ୍ମିଣୀଙ୍କ ସହ ବିବାହ ନୀତି





ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଦେବୀ ରୁକ୍ମିଣୀଙ୍କ ସହ ବିବାହ ନୀତି ଜ୍ୟେଷ୍ଠ ମାସ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ସଂପନ୍ନ ହୋଇଛି। ପ୍ରାତଃକାଳୀନ ପୂଜା ସମାପ୍ତ ହେବା ପରେ ଦକ୍ଷିଣ ଘରୁ ଶ୍ରୀକୃଷ୍ଣଙ୍କ ପ୍ରତିମା ଆଣି ଶ୍ରୀଜଗନ୍ନାଥଙ୍କ ପାଖରେ ରଖି ଆଜ୍ଞା ମାଗି ନନ୍ଦିଘୋଷରେ ସ୍ଥାପନ କରାଯାଏ। ଯିଏ ରୁକ୍ମିଣୀ ସେ ହିଁ ଲକ୍ଷ୍ମୀ ଅଟନ୍ତି। ସେ ସର୍ବଦା କୃଷ୍ଣଙ୍କ ହୃଦୟରେ ଅଧିଷ୍ଠିତା ହୋଇରହିଛନ୍ତି। ତେଣୁ ଏହି ଭାବନାରେ ବର୍ତ୍ତମାନ ମନୁଷ୍ୟ ବିଗ୍ରହ ଧାରଣ କରି କୃଷ୍ଣ ରୂପରେ ଜାତ ହୋଇଥିବାରୁ ଲକ୍ଷ୍ମୀ ରୁକ୍ମିଣୀ ରୂପରେ ଶ୍ରୀକୃଷ୍ଣଙ୍କ ପ୍ରାଣପ୍ରିୟା ପତ୍ନୀ ରୂପରେ ଜାତ ହୋଇଛନ୍ତି। ଶ୍ରୀମନ୍ଦିରରେ ପବିତ୍ର ଜ୍ୟେଷ୍ଠ ରୁକ୍ମିଣୀ ହରଣ ଏକାଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ରୁକ୍ମିଣୀ (ଶ୍ରୀଦେବୀ)ଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥାଏ। ରୁକ୍ମିଣୀଙ୍କୁ ମହାଲକ୍ଷ୍ମୀଙ୍କ ଅବତାର ବୋଲି କୁହାଯାଏ। ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ଉତ୍ସବ ଅନୁଷ୍ଠିତ ହେବାବେଳେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଜଳକ୍ରୀଡ଼ା ଉତ୍ସବକୁ ବିଜେ ନ ହୋଇ କେବଳ ଶ୍ରୀଦୋଳଗୋବିନ୍ଦ ବିଜେ ହୁଅନ୍ତି ।ଜଳକ୍ରୀଡ଼ା ଶେଷ ପରେ ଶ୍ରୀମନ୍ଦିରେ ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଆଳତି ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କ ଅର୍ଥାତ୍ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ଶ୍ରୀମନ୍ଦିର ବିବାହ ମଣ୍ଡପ(ମାଜଣା ମଣ୍ଡପ) ଖଟକୁ ବିଜେ ହୋଇ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

## ସୁନ୍ଦର ସ୍ୱାସ୍ଥ୍ୟ ପାଇଁ



ପରିବର୍ତ୍ତନଶୀଳ ଜୀବନଶୈଳୀ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ସେବନ ଓଜନ ବୃଦ୍ଧିର ମୁଖ୍ୟ କାରଣ। ଓଜନ ହ୍ରାସ ପାଇଁ ସଭିଏଁ ବିଭିନ୍ନ ପ୍ରକାର ଉପାୟ ଆପଣାଉଥିବା ଦେଖାଯାଏ। ମାତ୍ର ଶୀତ ଦିନେ ବିଶେଷ କରି ଖାଦ୍ୟପେୟରେ ପରିବର୍ତ୍ତନ ପାଇଁ ଓଜନ ହ୍ରାସ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ସାଧାରଣତଃ ଲୋକେ ଥଣ୍ଡା କାରଣରୁ ବ୍ୟାୟାମ କରିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ତେବେ କିଛି ସ୍ୱତନ୍ତ୍ର ଖାଦ୍ୟର ମଜା ନେଇ ଓଜନ ହ୍ରାସ କରିବେ କିପରି ଜାଣନ୍ତୁ.. ପାଳଙ୍ଗ ଢୋକଲା କେବଳ ଖାଇବାକୁ ସ୍ୱାଦିଷ୍ଟ ନୁହେଁ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ଉପକାରୀ। ବେସନ, ଦହି, ସୁଜିରେ ଏହା ପ୍ରସ୍ତୁତ କରାଯାଏ। ଯାହା ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ମେଥି ପିଠା ମଧ୍ୟ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହାକୁ ନିୟମିତ ଭାବେ ସନ୍ଧ୍ୟା କିମ୍ବା ସକାଳର ଜଳଖିଆରେ ସାମିଲ କରନ୍ତୁ। ଏହା ଓଜନ ହ୍ରାସ ପାଇଁ ସହାୟକ ହୋଇଥାଏ। ମଖାନା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହାକୁ ବିନା ତେଲ କିମ୍ବା ଘିଅରେ ମଧ୍ୟ ପ୍ରସ୍ତୁତ କରି ପାରିବେ। ଏହାକୁ ମଧ୍ୟ ଜଳଖିଆରେ ସେବନ କରି ପାରିବେ। ଉପମା ଖାଇବାକୁ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ ଉପକାରୀ। ଏଥିରେ ବିଭିନ୍ନ ପ୍ରକାର ପନିପରିବା ବ୍ୟବହାର କରି ପ୍ରସ୍ତୁତ କରିପାରିବେ।

## ଶୁଷ୍କ ତ୍ୱଚା ପାଇଁ ସମସ୍ୟା

**ତ୍ୱଚା ଶୁଷ୍କ ହେଲେ ବ୍ରଣ ବଢ଼ିବାର ସମସ୍ୟା ଉପୁଜେ। – ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ।**



ଶୁଷ୍କ ତ୍ୱଚାରେ କେତେଜଣଙ୍କ ଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ। ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ। ନିଜ ଖାଦ୍ୟ ପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ ଦିନକୁ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ। ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ। – କ୍ଲିନଜିଂ ମିଲ୍କ ନଚେତ୍ କଞ୍ଚା ଖିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର୍ ଲଗାଇନେବେ। ତ୍ୱଚା ଶୁଷ୍କ ହେଲେ ବ୍ରଣ ବଢ଼ିବାର ସମସ୍ୟା ଉପୁଜେ। – ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ। ସକାଳ ବେଳା ଏହି ପ୍ୟାକ୍ ଲଗାଇବେ ନଚେତ ଥଣ୍ଡା, ସର୍ଦ୍ଦି ହେବାର ଭୟ ରହିଛି। – ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍। – ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ିପାରେ ବୋଲି ବିଉଟିସିଆନ୍‌ଙ୍କ ମତ। ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର୍, ଟୋନର୍ ଲଗାଇବାକୁ ଯେପରି ନ ଭୁଲିବେ।




## ଲୋକଙ୍କୁ ଦରକାରୀ ଖାଦ୍ୟ

କମ୍ପ୍ୟୁଟର ଆଗରେ ବସି ଘଣ୍ଟା ଘଣ୍ଟା ଧରି କାମ କଲେ ଆଖିର ପାୱାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଅଧିକ ସମୟ ପର୍ଯ୍ୟନ୍ତ ବସି ରହିଲେ ମଧ ଶରୀରରେ ଫ୍ୟାଟ୍ ଜମା ହୋଇଯାଇଥାଏ, ଯଦ୍ୱାରା ଓଜନ ବଢ଼ିବାର ସମ୍ଭାବନା ଦେଖାଦେଇଥାଏ। ଯେଉଁ ଲୋକ କମ୍ପ୍ୟୁଟରରେ ୩ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରିଥାଆନ୍ତି, ସେମାନଙ୍କୁ ଏମିତି କିଛି ଖାଦ୍ୟ ଖାଇବା ଦରକାର, ଯଦ୍ୱାରା ଓଜନ ନିୟନ୍ତ୍ରିତ ରହିପାରିବ ଏବଂ ଆଖିର ପାୱାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆଜି ଆମେ ଆପଣଙ୍କୁ ୭ଟି ଫୁଡ୍ ବିଷୟରେ କହିବୁ। ୧. ଦହି: ଏଥିରେ ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ରହିଥାଆନ୍ତି। ଏହାଦ୍ୱାରା ହଜମ ଠିକ୍ ଭାବେ ହୋଇଥାଏ ଏବଂ ଅଧିକ ସମୟ ବସିରହିଲେ ଗ୍ୟାସ୍ ସମସ୍ୟା ଆସି ନ ଥାଏ। ୨. କଦଳୀ: ଏଥିରେ ପୋଟାସିୟମ୍‌ରେ ମାତ୍ରା ଅଧିକ ଥାଏ, ଯଦ୍ୱାରା ତୁରନ୍ତ ଏନର୍ଜି ମିଳିଥାଏ ଏବଂ ଥକ୍କା ଅନୁଭବ ହୋଇ ନ ଥାଏ। ୩. ସେଓ: ଏଥିରେ ଫାଇବର ଅଧିକ ମାତ୍ରାରେ ଥାଏ। ଏହା ହଜମକୁ ବଢ଼ାଇଥାଏ ଏବଂ ଆପଣ ଗ୍ୟାସ୍ ସମସ୍ୟାରୁ ମୁକ୍ତି ପାଇଥାଆନ୍ତି। ୪. ଧନିଆ ପତ୍ର: ଏଥିରେ କ୍ୟାରୋଟେନ୍‌ଇଡ୍ ରହିଛି, ଯଦ୍ୱାରା ଆଖିର ପାୱାର ବଢ଼ିଥାଏ। ୫. ଦୁଧ: ଏଥିରେ ଭିଟାମିନ୍ ଏ ଏବଂ ପ୍ରୋଟିନ୍ ଅଧିକ ମାତ୍ରାରେ ରହିଛି। ଏହାଦ୍ୱାରା ମଧ ଆଖିର ପାୱାର ବଢ଼ିଥାଏ। ୬. ଡାର୍କ ଚକୋଲେଟ: ଏଥିରେ ଆଣ୍ଟି ଅକ୍ସିଡେଣ୍ଟସ୍ ରହିଛି, ଯାହାକି ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଅଣ୍ଟା ଯନ୍ତ୍ରଣାରୁ ଉପଶମ ମିଳିଥାଏ। ୭. ଲେମ୍ବୁ ପାଣି: ଏଥିରେ ଭିଟାମିନ୍ ସି ଅଧିକ ମାତ୍ରାରେ ରହିଛି, ଯାହାଦ୍ୱାରା ଆପଣଙ୍କୁ ଥକ୍କା ଅନୁଭବ ହୋଇ ନ ଥାଏ।

# ଡ୍ରେନେଜ୍ ନ ଥିବାରୁ ରାସ୍ତା କଡ଼ରେ ଜମୁଛି ମଇଳା ପାଣି

## ବର୍ଷା ହେଲେ ଘରେ ପଶୁଛି ଆବର୍ଜନା



ରେଢ଼ାଖୋଲ,(ନିପ୍ର): ବର୍ତମାନ ସରକାର ୨ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ଗାଁ ମାନଙ୍କରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ବିକାଶ ନାମରେ ନାନା ପ୍ରକାର କାର୍ଯ୍ୟକ୍ରମ କରୁଥିବା ବେଳେ ପ୍ରକୃତରେ ବିକାଶ ହେଉଛି ନାଁ ବିକାଶ ନାଁ ରେ ପ୍ରଚାର ହେଉଛି ତାହାକୁ ନେଇ ପ୍ରଶ୍ନ ଉଠୁଛି । କାହିଁକି ନା ବର୍ତ୍ତମାନ ମଧ୍ୟ କିଛି ପଞ୍ଚାୟତ ମଧ୍ୟସ୍ଥ ଗାଁ ଓ ସହର ମଧ୍ୟସ୍ଥ ଗାଁ ଗୁଡିକରେ ନା ହୋଇଛି ରାସ୍ତା ନା ଡ୍ରେନ୍ ର ସୁବିଧା । ଆଜି ଯାଏଁ ଲୋକେ ବର୍ଷା ହେଲେ କାଦୁଅ ପଚପଚ ରାସ୍ତାରେ ଯିବା ଆସିବା କରୁଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ ଏ ସି ଅନ୍ତର୍ଗତ ୱାର୍ଡ ନଂ ୩ଶିବଶଙ୍କର ପଡାରେ ନାହିଁ ଡ୍ରେନ୍‌ର ସୁବିଧା । ସରକାର ଆଜିକାଲି ଗାଁ ଗଣ୍ଡା ତଥା ଏନ୍‌ଏସି ଗୁଡିକ ଚକାଚକ୍ କରିବା ପାଇଁ ବିଭିନ୍ନ କାର୍ଯ୍ୟକରି ସଫାସୁତୁରା ସହ ୱାର୍ଡ ଗୁଡିକରେ ୱାର୍ଡ ସାଥି, କାଉନସିଲରଙ୍କୁ ଦାୟିତ୍ୱ ଦେବା ସହ ଅଜସ୍ର ଟଙ୍କା ବିନିଯୋଗ କରୁଛନ୍ତି ହେଲେ ଏହା କେବଳ କିଛି ମାତ୍ରାରେ କାର୍ଯ୍ୟକାରୀ ହେଉଥିବା ଜଣାପଡୁଛି । ଆଉ ଏହାର ଉଦାହରଣ ହେଉଛି ଶିବଶଙ୍କର ପଡା। କାହିଁକି ନା ଆଜି ପର୍ଯ୍ୟନ୍ତ ଏଠାରେ ଭଲଭାବରେ ହୋଇନି ଡ୍ରେନେଜ୍‌ର ସୁବ୍ୟବସ୍ଥା। ଦେଖିବାକୁ ଗଲେ ଗାଁ ମୁଣ୍ଡରୁ ନାହିଁ ଡ୍ରେନ୍ ଏବଂ କିଛି ଗଳିକନ୍ଦି ନାହିଁ ରାସ୍ତା ଯଦ୍ୱାରା ବର୍ତ୍ତମାନ ବର୍ଷା ଦିନ ଆସୁଥିବା ହେତୁ ଲୋକଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିକିଏ ବର୍ଷା ହେଲେ ରାସ୍ତା ଉପରେ ଡ୍ରେନ ପାଣି ଜମି ଘର ଭିତରକୁ ପଶୁଥିବା ଲୋକେ ଅଭିଯୋଗ କରିଛନ୍ତି । ଏହି ପଡ଼ାରେ ଗାଁ ମୁଣ୍ଡ ବରଗଛ ଆରମ୍ଭରୁ ଗଲାଯେ ସଜଲ ପୋଢ ଘର ପର୍ଯ୍ୟନ୍ତ ଡ୍ରେନ୍ ତଥା ମଇଳା ପାଣି ଯିବାକୁ ନାହିଁ ଡ୍ରେନ୍ ର ସୁବିଧା ଯାହା ଫଳରେ ରାସ୍ତା କଡ଼ରେ ପାଣି ଯାଇ ହ୍ରଦ ସ୍ୱରୁପ ନାଳ ସୃଷ୍ଟି ହୋଇ ମସା, ମାଛି, ବିଭିନ୍ନ ସରିସୃପ, କୁକୁରଙ୍କ ଆସରା ପାଲଟିଛି । ତାହା ଛଡା ସଜଲ ପୋଢ, ହରି ସୁନା,ନବ କିଶୋର ପୋଢ,ପ୍ରଶାନ୍ତ ଦୀପ ଗଳି ରାସ୍ତାଟି ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ରହୁଛି ଏବଂ ଏହି ଗଳି ରାସ୍ତା ରେ ଡ୍ରେନେଜ୍‌ର ସୁବିଧା ନଥିବାରୁ ପାଣି କାଦୁଅରେ ଲୋକେ ଯିବା ଆସିବା କରୁଥିବା ଦେଖାଯାଇଛି । ସବୁଠାରୁ ବଡ଼କଥା ଏହାକୁ ଲାଗି ରହିଥିବା ଆଖପାଖ ଘରଗୁଡିକରେ ଏହି ଡ୍ରେନ୍ ପାଣି ଓ ରାସ୍ତା ପାଣି ଜମିବା ହେତୁ ଛୋଟ ଛୁଆଙ୍କଠୁ ଆରମ୍ଭ କରି ବଡ଼ ଲୋକ ମସାମାଛିଙ୍କ ଦ୍ୱାରା ରୋଗାକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଜଣାପଡୁଛି । ଏଥିପ୍ରତି ଦୃଷ୍ଟି ନାହିଁ ବିଭାଗୀୟ ଅଧିକାରୀ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କ । ଏତେ ପୁରୁଣା ଗାଁ ଏନ୍ ଏ ସି ଅନ୍ତର୍ଗତ ଥାଇ ମଧ୍ୟ ଏହି ଗାଁ ରେ ନାହିଁ ଡ୍ରେନର ସୁବିଧା । ଯଦିଓ ସରକାର ତଥା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଗାଁ ର ଅଧା ରାସ୍ତା କଡ଼ରେ ଡ୍ରେନ୍‌ର ସୁବିଧା ହୋଇଛି ହେଲେ ବର୍ଷାପାଣି ଠିକ୍ ଭାବରେ ଯାଉନଥିବା ଜଣାପଡିଛି । ସବୁଠାରୁ ବଡ଼କଥା ଏହି ଗାଁ ର ମୁଖ୍ୟ ରାସ୍ତା କଡ଼ରେ ୫୦ମିଟର ଡ୍ରେନର ସୁବିଧା କରିଥିବା ବେଳେ ମୁଖ୍ୟ ରାସ୍ତାରେ ଆହୁରି ପାଖାପାଖି ୫ଶହ ମିଟର ରାସ୍ତା କଡ଼ରେ ଏପର୍ଯ୍ୟନ୍ତ ହୋଇପାରିନାହିଁ ଡ୍ରେନେଜ୍ ର ସୁବିଧା ନା ରାସ୍ତା ସୁବିଧା । ତେଣୁ ଏଥିପ୍ରତି ସରକାର ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ, ପ୍ରଶାସନ ଧ୍ୟାନ ଦେଇ ଡ୍ରେନେଜ୍ ଓ ପୁରୁଣା ରାସ୍ତା କୁ ନୂତନ ଭାବେ ସୁବ୍ୟବସ୍ଥା କଲେ ଏଠାକାର ଲୋକେ ଉପକୃତ ହେବା ସହ ଘରର ପାଣି ରାସ୍ତା ଉପରେ ତଥା ଏଣେତେଣେ ନଯାଇ ବା ନାଳନର୍ଦ୍ଦମା ସୃଷ୍ଟି ନହୋଇ ସିଧା ଡ୍ରେନେଜ୍ ରେ ଯାଇପାରନ୍ତା ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏହାକୁ ନେଇ ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା କିଛି ଦିନ ପୂର୍ବରୁ ଏହା ପରିଦର୍ଶନରେ ଆସି ଶୀଘ୍ର କାମ କରାଯିବ ବୋଲି କହିଥିଲେ । ଏବଂ କାମ ଆସିଥିବା ବେଳେ କାହିଁକି କରାଯାଉନାହିଁ ସେନେଇ ଲୋକେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ସବୁକୁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବୀ ହେଉଛି।

# ପୋଲ ନିର୍ମାଣ ପାଇଁ ରମ୍ଭା - ସାବୁଲିଆ ରାସ୍ତା ଶୋଚନୀୟ




ରମ୍ଭା,(ନିପ୍ର): ରମ୍ଭା ରେଳ ଫାଟକ(ନମ୍ବର ୨୬୪) ତଥା ସାବୁଲିଆ ଗେଟ୍ ବଜାର ପାର୍ଶ୍ୱ ସ୍ୱ-ଉଚ୍ଚ ପୋଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏଥିପାଇଁ ପୂର୍ତ୍ତ ବିଭାଗ ରାସ୍ତାର ଅଧା ଅଂଶ ବନ୍ଦ କରାଯାଇ ଅଧା ପାର୍ଶ୍ୱ ରାସ୍ତାରେ ଯାନବାହନ ଯାତାୟତ ହେଉଛି ।କିନ୍ତୁ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଜଣଙ୍କ ମନମାନୀ ଯୋଗୁଁ ଚାଳକ ଓ ପଥିକଙ୍କ ସୁରକ୍ଷା ଉପରେ ଉଠିଛି ପ୍ରଶ୍ନ । ପୋଲ ନିର୍ମାଣ ପାଇଁ ୫୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଧିମା ଗତିରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।ବାରମ୍ବାର ଫାଉଣ୍ଡେସନ ଭାଙ୍ଗୁଥିବା ଓ ନିର୍ମାଣ ହେଉଥିବା ପାର୍ଶ୍ୱବର୍ତ୍ତୀ ବାସିନ୍ଦା ତଥା ପ୍ରତ୍ୟକ୍ଷଦର୍ଶୀମାନେ ଅଭଯୋଗ ବାଢ଼ିଛନ୍ତି ।ଏନେଇ ଇଞ୍ଜିନୟରିଙ୍ଗମାନର ତତ୍ପରତା ଅଭାବ ଥିବା ଯୋଗୁଁ ପୋଲ ନିର୍ମାଣ ଦୁର୍ବଳ ହୋଇପାରେ ବୋଲି ନାନା ଲୋକଙ୍କ ମତ ମିଳୁଛି । ଅନ୍ୟପଟେ ଉକ୍ତ କାମ ପାଇଁ ଟିପର ଓ ଟ୍ରାକ୍ଟର ସାହାର୍ଯ୍ୟରେ ମାଟି ଆସୁଛି ।ମାଟି ଯେତିକି ପରିମାଣରେ ଆସିବା କଥା ନଆସି ଓଭରଲୋଡ ହୋଇ ଆସିବା ଫଳରେ ମାଟିସବୁ ଛିଟିକି ପଡ଼ି ରାସ୍ତା ଅବସ୍ଥା କଦର୍ଯ୍ୟ ହୋଇ ପଡୁଛି ।ସନ୍ଧ୍ୟା ସମୟରେ କାଳବୈଶାଖୀ ବର୍ଷା ହେବା ଯୋଗୁଁ ମାଟି ସବୁ ଧୋଇ ହୋଇ କାଦୁଅ ହୋଇ ଯାଉଛି ।ଯାହାଫଳରେ ରାସ୍ତାରେ ଯାଉଥିବା ପଥିକ ଓ ଚାଳକମାନେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି । ଭାରୀଯାନ ଯାତାୟାତ ନିଷେଧ ସୂଚନା ଫଳକ ବୋର୍ଡ଼ ଲାଗିଥିବା ବେଳେ ଭାରୀଯାନ ଅବାଧରେ ଯାତାୟତ କରୁଛି ।କିନ୍ତୁ ଭାରୀଯାନ ଯାତାୟତ ଉପରେ ରୋକ୍ ଲଗାଇବ କିଏ ଏନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ସହ ଚର୍ଚ୍ଚା ହେଉଛି । ଅନ୍ୟପଟେ ଦିନବେଳେ ମାଟିରୁ ଧୂଳି ଉଡ଼ି ପଥିକ ଓ ବାଇକ୍ ଚାଳକଙ୍କ ଆଖିରେ ପଶୁଛି । ଯାହାଫଳରେ ଆଖି ଖରାପ ହେବା ସହ ଦୁର୍ଘଟଣା ମଧ୍ୟ ବଢୁଛି ।ଏନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି ।ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବା ପାଇଁ ଦାବି ହୋଇଛି ।

# ନିଶାମୁକ୍ତ ଭାରତ ଅଭିଯାନ ସପ୍ତାହ



କୃଷ୍ଣପ୍ରସାଦ,(ନି ପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସିଆଳ ଗ୍ରାମପଞ୍ଚାୟତ ମୋରଡା ବଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟ କିଷାନ ୟୁଥ କ୍ଲବ ଜଙ୍କିଆ ଗଡ଼ସାହି କଣାସ ଆନୁକୂଲ୍ୟରେ ମାଲୁଦ ଠାରେ ଥିବା ନିଶାମୁକ୍ତି ଚିକିତ୍ସା ଓ ଥଇଥାନ କେନ୍ଦ୍ର ଆଶ୍ରୟ ତରଫରୁ ଏହି ସଚେତନତା ଶିବିର ହୋଇଥିଲା। ଆଶ୍ରୟ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ଅଜୟ କୁମାର ସୁନ୍ଦରାୟ, ସୁବାସ ଚନ୍ଦ୍ର ଦେବତା, ପ୍ରଶାନ୍ତ କୁମାର ଭଞ୍ଜଙ୍କ ନେତୃତ୍ୱ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାର୍ଥୀଙ୍କୁ ନେଇ ନିଶା ସେବନର ଅପକରିତା କିଭଳି ଭାବରେ ସୁସ୍ଥ ଜୀବନକୁ ମୃତ୍ୟୁ ମୁଖରେ ପକାଇଥାଏ ଅଜୟ କୁମାର ସୁନ୍ଦରାୟ ବର୍ଣ୍ଣନା କରିଥିଲେ। ନିଶା ସେବନରୁ ନିବୃତ କରିବା ପାଇଁ ଏହି ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଶିକ୍ଷାର୍ଥୀ ମାନଙ୍କୁ କହିଥିଲେ। ଜୀବନରେ ଥରେ ମଧ୍ୟ ନିଶା ସେବନ କରିବେ ନାହିଁ ସେଥିପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ନିଶାମୁକ୍ତି ଭାରତ ପାଇଁ ପ୍ଲା କାର୍ଡ ଧରି ପଦଯାତ୍ରାରେ ମୋରଡା, ପୁଟୁ ମୋରଡା, ବାଉରୀ ସାହିରେ ସ୍ଲୋଗାନ ଦେଇ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିନ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନାରୀ କଲ୍ୟାଣ ସୁରକ୍ଷା ବାହିନୀ




ସୋନପୁର,(ନିପ୍ର): ଖେମାଲୋଏ ପଞ୍ଚାୟତରେ ଚାଲିଥିବା ଦୁର୍ନୀତି ଏବଂ ବେଆଇନ ମଦ କାରବାର ବିରୋଧରେ ଏବେ ଗର୍ଜିଛି ନାରୀଶକ୍ତି। ପଞ୍ଚାୟତରେ ଚାଲିଥିବା ଲକ୍ଷାଧିକ ଟଙ୍କାର ହରିଲୁଟ୍ ଏବଂ ସାମାଜିକ ଶୃଙ୍ଖଳା ଭଙ୍ଗ କରୁଥିବା ମଦ ବ୍ୟବସାୟକୁ ବନ୍ଦ କରିବା ଦାବିରେ ଆଜି 'ନାରୀ କଲ୍ୟାଣ ଓ ସୁରକ୍ଷା ବାହିନୀ' ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଖେମାଲୋଏ ପଞ୍ଚାୟତରେ ରାସ୍ତା ଓ ବନ୍ଧ ନିର୍ମାଣ ନାଁରେ କେବଳ କାଗଜପତ୍ରରେ ଖର୍ଚ୍ଚ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ବିଭିନ୍ନ ପ୍ରକଳ୍ପ ସ୍ଥଳରେ ସରକାରୀ ନିୟମାନୁଯାୟୀ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଏପରିକି, ବାସ୍ତବରେ କାମ ନକରି ମିଥ୍ୟା ଶ୍ରମିକଙ୍କ ନାମରେ ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ପଞ୍ଚାୟତବାସୀ ଅତିଷ୍ଠ ହୋଇପଡ଼ିଥିବା ଦର୍ଶାଯାଇଛି। ଏହି ଦୁର୍ନୀତି ସାଙ୍ଗକୁ ଅଞ୍ଚଳରେ ଚାଲିଥିବା ବେଆଇନ ମଦ ବେପାର ମହିଳା ଓ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ପଞ୍ଚାୟତ କାର୍ଯ୍ୟାଳୟ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ପରି ପବିତ୍ର ସ୍ଥାନ ନିକଟରେ ମଦ ବିକ୍ରି ହେଉଥିବାରୁ ପରିବେଶ ଦୂଷିତ ହେଉଛି। ମଦ୍ୟପାନ ଯୋଗୁଁ ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ପାରିବାରିକ ଅଶାନ୍ତି ବଢ଼ିବାରେ ଲାଗିଛି। ମହିଳାମାନେ ସନ୍ଧ୍ୟା ହେଲେ ଏହି ବେଆଇନ କାରବାର ଯୋଗୁଁ ରାସ୍ତାରେ ଚଳାଚଳ କରିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ଚେତାବନୀ ଦେଲେ ମହିଳା ସଙ୍ଗଠନ ନାରୀ କଲ୍ୟାଣ ଓ ସୁରକ୍ଷା ବାହିନୀ ସିଧାସଳଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏହି ଅଭିଯୋଗକୁ ଗୁରୁତର ସହ ନିଆନଯାଏ, ତେବେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।

# ନିଶାମୁକ୍ତ ଭଦ୍ରକ ଗଠନ ପାଇଁ ଜିଲ୍ଲାବ୍ୟାପୀ ସଚେତନତା



ଭଦ୍ରକ(ନିପ୍ର): ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ଅବସରରେ ଭଦ୍ରକ ଜିଲ୍ଲାରେ ଗୁରୁବାର ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି ।ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା ।ସକାଳ ୮.୩୦ ଘଟିକାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ୨୫୦ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟଙ୍କୁ ନେଇ ଏକ ବିଶାଳ ନିଶା ନିବାରଣ ସଚେତନତା ରାଲି ବାହାରିଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରିଥିବା ଏହି ରାଲିରେ ଅଂଶଗ୍ରହଣକାରୀମାନେ ନିଶା ବିରୋଧୀ ସ୍ଲୋଗାନ ଦେବା ସହ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଚାର ରଥ ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା ।ପରେ ଟାଉନହଲ୍ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସଚେତନତା ସଭାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦତ୍ତ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ ?ଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଖଗେଶ୍ୱର ସେଠୀ ସଭାରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।ମୁଖ୍ୟ ଅତିଥି ଶ୍ରୀ ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର ଓ ସମାଜର ଶାନ୍ତି, ସୁରକ୍ଷା ଓ ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ।

# ପ୍ରେସ କ୍ଲବ୍ ପକ୍ଷରୁ ନବକିଶୋର ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ରେଢ଼ାଖୋଲ,(ନିପ୍ର) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ ଗୁରୁବାର ଦିନ ପ୍ରେସ କ୍ଲବ୍ ପକ୍ଷରୁ ସ୍ୱର୍ଗତ ନବ କିଶୋର ମହାପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଶଙ୍କର ପୃଷ୍ଟିଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ନବ କିଶୋର ମହାପାତ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅଶି ଦଶକରେ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନିଜ ଧର୍ମପତ୍ନୀଙ୍କୁ ହରାଇଥିଲେ। ଯାହା ଛବିରାଣୀ ହତ୍ୟାକାଣ୍ଡ ସମ୍ପର୍କରେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ସେ ଜଣେ ସ୍ୱାଭିମାନୀ, ନିର୍ଭିକ, ସଚ୍ଚୋଟ ଥାଇ ସାମ୍ବାଦିକତା କରି ସାମ୍ବାଦିକ ଜଗତର ଗର୍ବ ଓ ଆଦର୍ଶ ପାଲଟିଥିଲେ। ତାଙ୍କର ସ୍ୱଭାବ ଜୀବନୀ ସମ୍ପର୍କରେ ସଂଘର ବରିଷ୍ଠ ସାମ୍ବାଦିକମାନେ ଆଲୋକପାତ କରିଥିଲେ। ଏହି ସଭାରେ ପ୍ରେସ କ୍ଲବର ସମ୍ପାଦକ ତପନ କୁମାର ବିଶ୍ୱାଳ, ମୁଖ୍ୟ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଜୟନ୍ତ ଖଡିରନ୍, ସୁଶାନ୍ତ ନାଗ, ସରୋଜ କୁମାର ସାହୁ, ସରୋଜ ରାଉତଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ରାୟଗଡା ଜିଲ୍ଲାରେ କନ୍ୟା ସନ୍ତାନ ସଂଖ୍ୟା ତଳମୁହାଁ

## ଭ୍ରୁଣହତ୍ୟା ପାଇଁ ଆନ୍ଧ୍ର ଯାଉଛନ୍ତି ଦମ୍ପତି

ରାୟଗଡା:(ନିପ): ରାୟଗଡା ଜିଲ୍ଲାରେ କନ୍ୟା ସନ୍ତାନଙ୍କ ସଂଖ୍ୟା କ୍ରମାଗତ ଭାବେ କମିଯାଉଥିବା ଚିନ୍ତାର କାରଣ ପାଲଟିଛି ।ସରକାରୀ ତଥ୍ୟରୁ ଏକଥା ଜଣାପଡିଛି। ଜିଲ୍ଲାରେ ଭ୍ରୁଣହତ୍ୟା ନିୟମ କଡାକଡି ଭାବେ କାର୍ଯ୍ୟକାରୀ କରାଯାଉଥିବା ବେଳେ ବହୁ ଦମ୍ପତି ଆନ୍ଧ୍ର ଘରୋଇ ଚିକିତ୍ସାଳୟକୁ ଲୁଚିଛପି ଯାଉଛନ୍ତି। ଏଫ ଫର୍ମ ର ସୁଯୋଗ ନେଇ ଆନ୍ଧ୍ରର ଘରୋଇ ନର୍ସିଙ୍ଗ ହୋମ ଗୁଡିକ କୌଣସି ବାଧାବିଘ୍ନ ନଥାଇ ବେପରୁଆ ଭାବେ କନ୍ୟା ଭ୍ରୁଣ ହତ୍ୟା କରୁଛନ୍ତି। ଏହାଦ୍ୱାରା ବେସ ଅର୍ଥ ରୋଜଗାର କରି ମାଲାମାଲ ହେଉଛନ୍ତି। ଅଧିକ ରୋଜଗାର କରିବା ପାଇଁ ଏହା ଏକ ସୁଯୋଗ ବୋଲି ଭାବନ୍ତି ଘରୋଇ ନର୍ସିଙ୍ଗ ହୋମ ।ସରକାରୀ ତଥ୍ୟ ଅନୁସାରେ ୨୦୨୨-୨୩ ମସିହାରେ ପ୍ରତି ହଜାରେ ପୁତ୍ର ସନ୍ତାନରେ ୯୬୩ କନ୍ୟା ସନ୍ତାନ ଜନ୍ମ ନେଇଥିବା ବେଳେ ୨୦୨୩-୨୪ ମସିହାରେ ଏହା ୯୩୨ ଜଣ ବୋଲି ସରକାରୀ ନଥି କହୁଛି। ସେହିପରି ୨୦୨୪-୨୫ରେ ଏହି ସଂଖ୍ୟା ୯୬୫ ଏବଂ ୨୦୨୫-୨୬ରେ ୯୩୬ ଜଣ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରିଛନ୍ତି। ପୁଅ ଝିଅ ସଂଖ୍ୟାରେ ସମାନ ଆନୁପାତିକ ବା ସମତା ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ମୂଳକ ପଦକ୍ଷେପ ନିଆ ଯାଉଛି। ଏଥିପାଇଁ ପୁରସ୍କାର ବ୍ୟବସ୍ଥା ମଧ୍ୟ ରଖାଯାଇଛି। ପିସିପି ଏନ ଡ଼ି ଟି ରେ ଦର୍ଶିତ ନିୟମାବଳୀ ପ୍ରକାରେ ଏଫ ଫର୍ମ ପୂରଣ ବାଧ୍ୟତାମୂଳକ କରାଯାଇଥିବା ବେଳେ ସୀମାନ୍ତ ଅଞ୍ଚଳ ଆନ୍ଧ୍ରର ପାରବତିପୂରମ ରେ ଥିବା ଅନେକ ଡାକ୍ତର ଖାନା ଏହି ଫର୍ମ ପୂରଣ କରୁନଥିବା ବେଳେ ନିଜ ବିଭାଗକୁ ମଧ୍ୟ କୌଣସି ତଥ୍ୟ ଦେଉନାହାନ୍ତି। ନିଜ ଅଞ୍ଚଳରେ ରୋଗୀଙ୍କ ପାଇଁ ନିୟମକୁ ମାନିବା ବାଧ୍ୟତାମୂଳକ ଥିବା ବେଳେ ସୀମାନ୍ତ ଅଞ୍ଚଳବାସୀଙ୍କ ପାଇଁ ନିୟମକୁ କଡାକଡ଼ି କରାଯାଉନାହିଁ। ଅର୍ଥ ଲାଳସା ଏହାର ମୂଳ କାରଣ ବୋଲି ଚର୍ଚ୍ଚା ହେଉଛି। ଏହି ଅର୍ଥ ଲାଳସା ଭ୍ରୁଣ ହତ୍ୟାକୁ ପ୍ରୋତ୍ସାହିତ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନେକ ଦମ୍ପତି ପୁତ୍ର ସନ୍ତାନ ସୀମାନ୍ତ ଅଞ୍ଚଳରେ ଥିବା ଲିଙ୍ଗ ନିରୂପଣ କେନ୍ଦ୍ରକୁ ଯାଉଥିବା ଆଲୋଚନା ହେଉଥିବା ବେଳେ ଅନେକ କନ୍ୟା ଭ୍ରୁଣହତ୍ୟା କରୁଥିବା ଅଭିଯୋଗ ହେଉଛି। ଜିଲ୍ଲାରେ କନ୍ୟା ସନ୍ତାନ ହ୍ରାସ ପାଇବା ଏହା ଏକ ପ୍ରମୁଖ କାରଣ ଭାବେ ବିବେଚନା କରାଯାଉଛି। ବୁଦ୍ଧିଜୀବୀ ମହଲରେ ଏହା ଏକ ଚିନ୍ତାର କାରଣ ପାଲଟିଛି। ସୀମାନ୍ତ ଅଞ୍ଚଳକୁ ନେଇ କି ପ୍ରକାର ପଦକ୍ଷେପ ନିଆଯିବ ସେ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସେହି ପ୍ରଦତ୍ତ ନିର୍ଦ୍ଦେଶ ପ୍ରକାରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ:ନଗେନ୍ଦ୍ରନାଥ ମହାପାତ୍ର କହିଛନ୍ତି।

# ଅବ୍ୟବସ୍ଥା ଘେରରେ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ସବୁ ଥାଇ ବି ମିଳୁନି ସୁବିଧା

କଟକ(ନିପ୍ର) : ଅବହେଳିତ କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସବୁ କିଛି ଥାଇ ମଧ୍ୟ ମିଳୁନି ସୁବିଧା। ଖୋଲି ପାରୁନି ଆହାର କେନ୍ଦ୍ର, ମିସନ ଶକ୍ତି କାଫେ ଓ ଶୌଚାଳୟ। ଫଳରେ ଲୋକମାନେ ହନ୍ତସନ୍ତ ହେଉଛନ୍ତି। କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଆହାର କେନ୍ଦ୍ର ପାଖରୁ ଆରମ୍ଭ କରି ମିସନ ଶକ୍ତି କାଫେ, ଶୌଚାଳୟ ଆଦି ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏହି ସବୁ ଥାଇ ମଧ୍ୟ ଲୋକମାନେ ଏହାର ସୁବିଧା ପାଇ ପାରୁନାହାନ୍ତି। ଆହାର କେନ୍ଦ୍ର, ମିସନ ଶକ୍ତି କାଫେ ଓ ଶୌଚାଳୟ ନିର୍ମାଣ ହେବା ପରଠାରୁ ତାଲା ଝୁଲୁଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚାଉଳିଆଗଞ୍ଜ ସମେତ ସହରର ବିଭିନ୍ନ ସ୍ଥାନର ଲୋକମାନେ ନିର୍ଭର କରିଥାନ୍ତି। ଦୁଇ ବର୍ଷରୁ ଅଧିକ ସମୟ ହେବ ନିର୍ମାଣ ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏସବୁ ଖୋଲି ପାରୁନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଆବଶ୍ୟକତା ଠାରୁ କମ୍ ଡାକ୍ତର ରହିଛନ୍ତି। ୨ବର୍ଷ ହେବ ନାହାନ୍ତି ସ୍ଥାୟୀ ଅଧୀକ୍ଷକ। ୩୦ଶଯ୍ୟା ବିଶିଷ୍ଟ ଏହି ପ୍ରମୁଖ ଡାକ୍ତରଖାନା ଏବେ ସ୍ୱାସ୍ଥ୍ୟ ବିଭାଗର ନଜର ଆଢୁଆଳରେ ରହିଯାଇଛି। ସାଧାରଣ ରୋଗ ଥିଲେ ମଧ୍ୟ ରୋଗୀଙ୍କୁ ଏସ୍‌ସିବି ରେଫର କରି ଦିଆଯାଉଛି। ଶଯ୍ୟା ଥିଲେ ବି ଆଡ୍‌ମିସନ କରାଯାଉନାହିଁ। ରାତିରେ ଯଦି କୌଣସି ରୋଗୀ ଆସନ୍ତି ତେବେ ଡାକ୍ତରଙ୍କୁ ପାଇବା କଷ୍ଟକର। ଏନେଇ କଟକ ମେୟର ସୁବାସ ସିଂହ କହିଛନ୍ତି, ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ପାଇଁ ନିଷ୍ପତ୍ତି ହୋଇଛି। ଖୁବ୍ ଶୀଘ୍ର ଆହାର କେନ୍ଦ୍ର ଓ ମିସନ ଶକ୍ତି କାଫେ ଖୋଲାଯିବ। ତେବେ କେଉଁଦିନ କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

# ମୌଳିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ନକଟିକାନି ପଞ୍ଚାୟତବାସୀ

## ପ୍ରାଥମିକ ଚିକିତ୍ସା ପାଇଁ ଯିବାକୁ ପଡୁଛି ୧୩ କିଲୋମିଟର ଦୂର




ଗୋଲାମୁଣ୍ଡା, (ନି. ପ୍ର ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ନକଟିକାନୀ ପଞ୍ଚାୟତରେ ବିଭିନ୍ନ ସମସ୍ୟା ମଧ୍ୟରେ ଜନସାଧାରଣ ଜୀବନ ଅତିବାହିତ କରୁଥିବା ବେଳେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବା ଖବର ସାମ୍ନାକୁ ଆସିଛି। ଗତ ବିଜେଡି ସରକାର ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ ସରିବାର ଦୁଇରୁ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଆରୋଗ୍ୟ ମନ୍ଦିରରେ ନା ଅଛି ସ୍ୱାସ୍ଥ୍ୟ କର୍ମୀ ନା ସ୍ୱାସ୍ଥ୍ୟ ସେବା। ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କୌଣସି ଉଦଘାଟନ ମଧ୍ୟ ହୋଇନଥିବା ଲୋକେ କହିଛନ୍ତି । ଯାହାକୁ ନେଇ ପଞ୍ଚାୟତ ବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକମାନେ ସାଧାରଣ ଚିକିତ୍ସା ସେବା ପାଇଁ ପ୍ରାୟ ୧୩ କିଲୋମିଟର ଦୂର ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଯିବାକୁ ବାଧ୍ୟ ହେଉଛନ୍ତି। ଜରୁରୀ ପରିସ୍ଥିତିରେ ଏହା ଅଞ୍ଚଳବାସୀଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରୁଥିବା ସେମାନେ କହିଛନ୍ତି। ଏପଟେ ଆରୋଗ୍ୟ ମନ୍ଦିରର ଅବସ୍ଥା ଯେମିତି ସରକାରୀ ଉଦଘାଟନ ହେବା ପର୍ଯ୍ୟନ୍ତ ଠିକ ଥିବ କି ନାହିଁ ବୋଲି ସନ୍ଦେହ ଉପୁଜିଛି । କେତେକ ସ୍ଥାନରେ ଟାଇଲ୍ ଭାଙ୍ଗିଯାଇଥିବା ବେଳେ ରଙ୍ଗ ଫିକା ପଡ଼ିଯାଇଛି। ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ପାଣି ଯୋଗାଣ ପାଇଁ ଲଗାଯାଇଥିବା କିଛି ପାଇପ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକମାନେ ଶୀଘ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ କାର୍ଯ୍ୟକ୍ଷମ କରି ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତ କରିବା ସହ ଆବଶ୍ୟକ ଚିକିତ୍ସା ସେବା ଯୋଗାଇବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏନେଇ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରାଙ୍କୁ ଫୋନ ଯୋଗେ ପ୍ରତିକ୍ରିୟା ମାଗିବାରୁ ପୋଲିଓ କାର୍ଯ୍ୟ କ୍ରମ ସରିବା ପରେ ମୁଁ ପରିଦର୍ଶନ କରି ସମସ୍ୟା ର ସମାଧାନ କରିବି ବୋଲି ପ୍ରକାଶ କରିଥିଲେ । ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

ତିଥି :(ଦ୍ୱାଦଶୀ): (ବିଶାଖା ତୁଳା)
ଅମୃତ ବେଳା: ଦିବା ଘ ୧୧।୩୭ ଗତେ ଘ ୨।୨ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ କର୍ମ ଓ ପଦାର୍ଥ, ଜ୍ଞାନ(ତତ୍ତ୍ୱ ଜ୍ଞାନ)ରେ ସମାପ୍ତ ବା ଲୀନ ହୋଇଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ପଥ ପ୍ରଶସ୍ତ କରୁଛି !

ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସରେ କେତେ ମାତ୍ରାରେ ଅନ୍ତର୍ଦ୍ୱନ୍ଦ୍ୱ ଥିଲା ବା ଅଛି ତାହା ସଦ୍ୟ ଅତୀତର କିଛି ଘଟଣା ସୂଚାଇ ଦେଇଛି। ବସ୍ତୁତଃ ଏହି ଦଳ ତିନି ଫାଳ ଯଥା: ମମତାଙ୍କ ନେତୃତ୍ୱାଧୀନ ଟିଏମ୍‌ସି, ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦାୟିତ୍ୱ ତୁଲାଉଥିବା ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ଓ ପରିଶେଷରେ କାକୋଳି ଘୋଷଙ୍କ ନେତୃତ୍ୱାଧୀନ ଟିଏମ୍‌ସି ଯାହା ନ୍ୟାସନାଲ ସିଟିଜେନ ପାର୍ଟି ଅଫ୍ ଇଣ୍ଡିଆ ନାମକ କ୍ଷୁଦ୍ର ଦଳରେ ବିଲୟ ହୋଇ ପାର୍ଲାମେଣ୍ଟରେ ଏନ୍‌ଡିଏକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ରତବ୍ରତଙ୍କ ଗୋଷ୍ଠୀ ନିକଟରେ ଅଛନ୍ତି ଅନ୍ୟୂନ ୬୦ ବିଦ୍ରୋହୀ ବିଧାୟକ, ୭୦ କାଉନସିଲର ଓ ଅନ୍ୟମାନେ, ଯେତେଦୂର ସମ୍ଭବ ଏହି ଗୋଷ୍ଠୀ ସବୁଠୁ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ କରିବାବେଳେ ଟିଏମ୍‌ସି ପ୍ରତିଷ୍ଠାତା ମମତା ବାନାର୍ଜୀଙ୍କୁ ଦଳର ଅଧ୍ୟକ୍ଷ ପଦରୁ ଖସାଇ ଅରୂପ ରୟଙ୍କୁ ଦଳର ଅଧ୍ୟକ୍ଷ ଭାବରେ ଘୋଷଣା କରିଛି। ଘଟଣା କ୍ରମରେ ତୃଣମୂଳ କଂଗ୍ରେସର ୩ଟି ବ୍ୟାଙ୍କ ଖାତାରେ ଥିବା ପ୍ରାୟ ୪୪୦କୋଟି ଟଙ୍କାର ଫଣ୍ଡ୍ ଉପରେ ଡେବିଟ୍ ବ୍ୟାନ୍ ଲାଗୁ ହୋଇଥିବା ଓ ଦଳରେ ପ୍ରାୟ ୧୧କୋଟି ଟଙ୍କାର ଫଣ୍ଡ ଥିବାରୁ ଏହା କାହା ହାତକୁ ଯାଉଛି ସେଥିନେଇ ଟଣାଓଟରା ଆଗକୁ ନିଶ୍ଚୟ ଲାଗିରହିବ।

ସେମିତି ମହାରାଷ୍ଟ୍ର ରାଜନୀତିରେ ହଟଚମଟ ଦେଖିବାକୁ ମିଳିଛି। ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶାସକ ଶିବସେନାରେ ନିକଟରେ ସାମିଲ ହୋଇଛନ୍ତି ଶିବସେନା(ୟୁବିଟି)ର ୬ ବିଦ୍ରୋହୀ ସାଂସଦ। ଫଳରେ ଉଦ୍ଧବଙ୍କ ଶିବସେନାରେ ଏବେ ଅଛନ୍ତି ମାତ୍ର ୩ ସାଂସଦ। ସାଂସଦଙ୍କୁ ଅଯୋଗ୍ୟତାରୁ ରକ୍ଷା କରିବା ଲାଗି କୌଣସି ଦଳରେ ଦୁଇ-ତୃତୀୟାଂଶ ସଦ୍ୟସଙ୍କ ସମର୍ଥନ ଲୋଡ଼ା ପଡ଼ିଥାଏ। ଶିବସେନା(ୟୁବିଟି)ର ୬ ସାଂସଦ ବିଦ୍ରୋହ କରିଥିବା ହେତୁ ସେମାନଙ୍କ ଲୋକସଭା ସଦସ୍ୟତା ଉପରେ ଏବେ କୌଣସି ପ୍ରଭାବ ପଡ଼ିବ ନାହିଁ।

ଆମ ଓଡ଼ିଶାରେ ବିଜେଡ଼ି ଓ କଂଗ୍ରେସରେ ବିଦ୍ରୋହର ସ୍ୱର କିଛି କମ୍ ନୁହେଁ, ରାଜ୍ୟ ସଭାରେ କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ବିରୋଧରେ ସଦସ୍ୟତା ରଦ୍ଦ କରାଯାଉ ବୋଲି ବିଜେଡି ଓ କଂଗ୍ରେସ ପକ୍ଷରୁ ବାଚସ୍ପତିଙ୍କ ଠାରେ ଆବେଦନ ହୋଇଥିଲେ ହେଁ ତାହା ଖାରଜ ହୋଇଯିବା ପରଠାରୁ ବୟାନବାଜି ଚାଲିଛି। ସଭ୍ୟପଦ ରଦ୍ଦ ପାଇଁ ହୋଇଥିବା ଆବେଦନରେ ଆଇନଗତ ପ୍ରକ୍ରିୟା ସଂପୂର୍ଣ୍ଣ ଭାବରେ ପାଳନ ହୋଇ ନଥିବାରୁ ଆବେଦନ ଖାରଜ ବେଳେ ଦର୍ଶାଯାଇଥିଲା। ଏଭଳି ଭାବରେ ବିରୋଧୀ ଶିବିରରେ ପରିଲକ୍ଷିତ ବିଦ୍ରୋହ ଆଗକୁ ରାଜନୀତିରେ ନୂଆ ସମୀକରଣ ଆଡ଼କୁ ପଥ ପ୍ରଶସ୍ତ କରୁଥିବା ମନେହେଉଛି। ନିକଟରେ ସୁଜାତା କାର୍ତ୍ତିକେୟନ ବିଜେଡିରେ ଯୋଗ ଦେଇଥିବା ହେତୁ ଦଳର ଅଗ୍ରଗତି କିଭଳି ଘଟୁଛି କି ନା ତାହା ଉପରେ ବିଭିନ୍ନ ମହଲର ରହିଛି ଦୃଷ୍ଟି। ଆଗକୁ ଏ ବାବଦ ସ୍ଥିତି ସ୍ପଷ୍ଟ ହେବ ବୋଲି ମନେ ହେଉଛି। ଜନତା ଜନାର୍ଦ୍ଦନ ଶ୍ରେଷ୍ଠ ବିଚାରକ। ଯେ କୌଣସି ରାଜନୈତିକ ଦଳର ଉଚ୍ଚାରଣ ଓ ଆଚରଣ ପ୍ରତି ଜନତା ନଜର ରଖିଥାନ୍ତି,ଏହା ପ୍ରତି ଦଳ ମନେ ରଖିବା ଉଚିତ।

# ଜଳ ହିଁ ଜୀବନ

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଜଳ ବିନା ଜୀବନ ଅସମ୍ଭବ। ମନୁଷ୍ୟ, ପଶୁପକ୍ଷୀ, ବନବୃହସ୍ପତି ଆଦିର ଅସ୍ତିତ୍ୱ ଅକଳ୍ପନୀୟ। ମଣିଷ ଶରୀରର ସତୁରି ଭାଗ ଜଳରେ ତିଆରି। ଜଳ କେବଳ ତୃଷା ନିବାରଣ କରେନାହିଁ। ଏହା ଶରୀରର ପାଚନ, ରକ୍ତ ସଞ୍ଚାଳନ ଓ ତାପମାତ୍ରା ନିୟନ୍ତ୍ରଣରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ଜଳରୁ ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୁଏ। କୃଷିକାର୍ଯ୍ୟ, ଫସଲ ଉତ୍ପାଦନ ଏବଂ କଳକାରଖାନା ପାଇଁ ପାଣିର ଯଥେଷ୍ଟ ଆବଶ୍ୟକତା ରହିଛି। ସେଚନ ପାଇଁ ଜଳ ହିଁ ଏକମାତ୍ର ସ୍ରୋତ। ଏହାରି ଅଭାବରେ ଫସଲ ନଷ୍ଟ ହୁଏ। ଅମଳ କମେ। ଖାଦ୍ୟାଭାବ ହୁଏ। ମଣିଷ ସମେତ ସମସ୍ତ ଜୀବଜନ୍ତୁ ଅନ୍ନକଷ୍ଟ ଭୋଗନ୍ତି। ଗଛଲତା ମରେ। ପରିବେଶ ନଷ୍ଟ ହୁଏ। ତାପମାତ୍ରା ବୃଦ୍ଧି ପାଏ। ନଦୀ, ନାଳ, ପୋଖରୀ ଆଦି ଶୁଖିଯାଏ। ଜଳ ଦ୍ୱାରା ପ୍ରକୃତି, ପର୍ଯ୍ୟାବରଣ ସନ୍ତୁଳିତ ରୁହେ। ତେଣୁ ଜଳର ଅନ୍ୟ ନାମ ଜୀବନ।

ବର୍ତ୍ତମାନ ଆମେ ଏକ ଭିନ୍ନ ଦୁନିଆରେ ବାସ କରୁଛେ। ଯେଉଁଠି ମଣିଷ ଅପେକ୍ଷା ମେସିନ ଅଧିକ କାମ କରୁଛି। ଆଧୁନିକତାର ସ୍ୱର୍ଶରେ ବିଶ୍ୱର ସ୍ୱରୂପ ବଦଳି ଯାଇଛି। ପ୍ରାଦ୍ୟୋଗିକ ଜ୍ଞାନକୌଶଳ ଜୀବନକୁ ସାବଳୀଳ କରିଛି। କୃତ୍ରିମ ବୁଦ୍ଧିମତ୍ତା, ଏଆଇ ସବୁ କ୍ଷେତ୍ରରେ ମଣିଷର ସହଯୋଗୀ ପାଲଟିଛି। ଜୀବଜଗତ ପରି ଜଳ ବିନା କୃତ୍ରିମ ବୁଦ୍ଧିମତ୍ତାର ଅସ୍ତିତ୍ୱ କଳ୍ପନା କରାଯାଇନପାରେ।

ଏଆଇ ଡାଟା ସେଣ୍ଟର ଗୁଡ଼ିକ ସାଧାରଣତଃ ବଡ଼ ବଡ଼ ସହର / ଅଞ୍ଚଳରେ ନିର୍ମାଣ କରାଯାଏ। ସେଠି ଏହା ହଠାତ ଲକ୍ଷ ଲକ୍ଷ ଲିଟର ପାଣି ଶୋଷିନିଏ ଯାହାଦ୍ୱାରା ସେହି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଯାଏ। ଆଜିକାଲି ଏଆଇର କ୍ଷିପ୍ର ବିସ୍ତାର ଘଟୁଛି। ତଦନୁସାରେ ଅଧିକ ମାତ୍ରାରେ ପାଣି ଆବଶ୍ୟକ ହେଉଛି। ବର୍ଷକୁ ତିନି ଚାରି ଗୁଣ ପାଣି ଦରକାର ପଡୁଛି। ଡାଟା ସେଣ୍ଟର ନିର୍ମିତ ହୋଇଥିବା ଅଞ୍ଚଳ ଗୁଡ଼ିକ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି । ବିଶ୍ୱର ୭୧% ଜଳ ଦ୍ୱାରା ଆଚ୍ଛାଦିତ। ଏହାର ମାତ୍ର ୨% ମଧୁର ପାଣି। ପିଇବା ଯୋଗ୍ୟ। ଅବଶିଷ୍ଟ ୯୮% କ୍ଷାରୀୟ। ବ୍ୟବହାର ଅନୁପଯୁକ୍ତ। କଳକାରଖାନା, କୃଷି ଓ ଅନ୍ୟ କାମ ପାଇଁ ଅନୁପଯୋଗୀ। ୨% ମଧୁର ଜଳର ୮୭% ହିମବାହରୁ ମିଳିଥାଏ। ୧% ନଦୀ ହ୍ରଦ ଇତ୍ୟାଦିରୁ। ବାକି ୧୨% ଭୂତଳ ଜଳ। ଅର୍ଥାତ ଭୂତଳ ଜଳ ମଧୁର ଜଳର ମୁଖ୍ୟ ସ୍ରୋତ। ଅସନ୍ତୁଳିତ ପର୍ଯ୍ୟାବରଣ, ଅନାବୃଷ୍ଟି, ଅଳ୍ପବୃଷ୍ଟି, ଜନସଂଖ୍ୟା ବୃଦ୍ଧି, ଜଳର ଅପବ୍ୟବହାର, ସଂରକ୍ଷଣର ଅଭାବ ଇତ୍ୟାଦି ଜଳ ସଙ୍କଟ ସୃଷ୍ଟି କରୁଛି। ଭୂତଳ ଜଳସ୍ତର କମିବାରେ ଲାଗିଛି। ଶିଳ୍ପାୟନ ଏବଂ କୃତ୍ରିମ ବୁଦ୍ଧିମତ୍ତା ଅତ୍ୟଧିକ ଜଳ ଶୋଷୁଛି। ସ୍ଥିତି ଏଭଳି ରହିଲେ ଜଳ ସଙ୍କଟ ଆଗାମୀ ଦିନରେ ଅଧିକ ଉତ୍କଟ ହେବ। କୃଷି ଜଳ ଅଭାବ ପଡ଼ିବ। ନିଅଣ୍ଟ ହେବ। ଜଳ ସମ୍ପଦର ସୁରକ୍ଷା ଅତ୍ୟନ୍ତ ଜରୁରି ଅଟେ। ବ୍ୟକ୍ତିଗତ ଏବଂ ସାମୂହିକ ସ୍ତରରେ ଏଥିପାଇଁ ଉଦ୍ୟମ ଆବଶ୍ୟକ। ସରକାରୀ ଏବଂ ବେସରକାରୀ ସଂସ୍ଥା ଏଥିରେ ସହଯୋଗର ହାତ ବଢ଼ାଇପାରିବେ। ଜନସାଧାରଣଙ୍କ ମଧ୍ୟରେ ଜଳ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ। ସ୍କୁଲ ପିଲାଙ୍କୁ ଏଥିରେ ସାମିଲ କଲେ ଅଧିକ ଲାଭ ମିଳିବ। ସହଜରେ ଘରେ ଘରେ ସନ୍ଦେଶ ପହଞ୍ଚିପାରିବ। ଅଶିକ୍ଷିତ, ଅଳ୍ପ ଶିକ୍ଷିତ କିମ୍ବା ଅସଚେତନ ବ୍ୟକ୍ତିଙ୍କୁ ସେମାନେ ମାର୍ଗଦର୍ଶନ କରିପାରିବେ। ବର୍ଷା ଜଳ ସଂରଚନା ଜଳ ସଂରକ୍ଷଣର ଏକ ମୁଖ୍ୟ ମାର୍ଗ। ଏଥିପାଇଁ ବର୍ଷା ଜଳ ଅଯଥା ନଷ୍ଟ ନକରି ଜମା କରିବାକୁ ପଡ଼ିଥାଏ। ଜମା ଜଳରାଶିକୁ ଏଣେତେଣେ ନ ଛାଡ଼ି ଜମି ଭିତରକୁ ଯିବାର ବ୍ୟବସ୍ଥା କରାଯାଇଥାଏ। ଏହା ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଜଳ କଷ୍ଟ ରୋକିବାକୁ ହେଲେ ଜଳ ନଷ୍ଟ ରୋକିବାକୁ ହେବ। ବାସନ କୁସନ ଧୋଇବା, ବ୍ରଶ କରିବା, ଦାଢ଼ି କାଟିବା, ହାତ ଧୋଇବା ଇତ୍ୟାଦି କାମ ବେଳେ ନଳ ଖୋଲା ରଖନ୍ତୁ ନାହିଁ। ନଳରୁ ପାଣି ଝରୁଥିଲେ ତୁରନ୍ତ ତାକୁ ମରାମତି କରାନ୍ତୁ। ମଇଳା ଦୂଷିତ ଜଳ ନଦୀ, ନାଳ, ପୋଖରୀ, ସମୁଦ୍ରକୁ ଛାଡ଼ନ୍ତୁ ନାହିଁ। ଅଳିଆ ଆବର୍ଜନା ଜଳ ଉତ୍ସରେ ପକାନ୍ତୁ ନାହିଁ। ନିଜେ ସଚେତନ ହେଲେ ଆଖପାଖ ସାହିପଡ଼ିଶା ସଚେତନ ହେବେ। ଜଳର ମହତ୍ତ୍ୱ ବୁଝିବେ। ସରକାରୀ ଜଳ ଯୋଗାଣ ନଳରେ ଅଧିକ ସମୟରେ ପାଣି ଅକାରଣ ବହୁଥିବା ଦେଖାଯାଇଥାଏ। ଆମେ ଦେଖି ନ ଦେଖିବାର ବାହାନା କରିଥାଉ କିମ୍ବା ନିଜର କିଛି କ୍ଷତି ହଉନି ବୋଲି ଚିନ୍ତା କରିଥାଉ। ଏହା ଠିକ୍ ନୁହେଁ। ଜଳ ଏକ ଜାତୀୟ ସମ୍ପତ୍ତି। ତାର ସଂରକ୍ଷଣ ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ଏପରି ସ୍ଥିତି ଦୃଷ୍ଟିକୁ ଆସିଲେ ତୁରନ୍ତ ସମ୍ପୃକ୍ତ ସଂସ୍ଥା/କାର୍ଯ୍ୟାଳୟକୁ ଅବଗତ କରାନ୍ତୁ। କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରନ୍ତୁ। କୃଷି ଭାରତର ମୁଖ୍ୟ ଜୀବିକା। ଆର୍ଥିକ ଅଭିବୃଦ୍ଧି ପାଇଁ କଳକାରଖାନା ଆବଶ୍ୟକ। ଶିଳ୍ପାୟନ ଜରୁରି। ସମୟ ଓ ଶକ୍ତି ସଞ୍ଚୟ, ଜଟିଳ ଡାଟାର ବିଶ୍ଳେଷଣ ଓ ସଠିକ ନିର୍ଣ୍ଣୟ ନେବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ଆବଶ୍ୟକ। କୃଷି, କଳକାରଖାନା ଓ କୃତ୍ରିମ ବୁଦ୍ଧିମତ୍ତା ପାଇଁ ଜଳ ଅପରିହାର୍ଯ୍ୟ। କିନ୍ତୁ କେଉଁ କ୍ଷେତ୍ର ପାଇଁ ଆମେ କେତେ ଗୁରୁତ୍ୱ ଦେବା ଓ କେତେ ପରିମାଣର ଜଳ ଆବଣ୍ଟନ କରିବା ତାହା ବିଜ୍ଞତାର ସହ ବିଚାର ନକଲେ ବିପଦ ସୁନିଶ୍ଚିତ। ଜଳ ବିହୁନେ ସୃଷ୍ଟି ନାଶ ହେବା ଥୟ। ସୁରକ୍ଷିତ ଜୀବନ ପାଇଁ ଜୀବନ (ଜଳ) ସଂରକ୍ଷଣ ଏକାନ୍ତ ଜରୁରି।

ସମ୍ବଲପୁର , ମୋ-୭୯୭୮୨୮୩୧୯୦

# ନିଶା ନିବାରଣ ସମାଜ ପାଇଁ ଏକ ଆହ୍ୱାନ

## ଚିତ୍ତରଞ୍ଜନ ପୃଷ୍ଟି

**“ ପ୍ରତିବର୍ଷ, ସାରା ବିଶ୍ୱରେ ୨୬ ଜୁନ୍ ଦିନକୁ ନିଶା ସେବନର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ନିଶା ସେବନ ବିଷୟରେ ଲୋକଙ୍କୁ ସତର୍କ କରିବା ପାଇଁ ପାଳନ କରାଯାଏ। ମୁଖ୍ୟ ଉଦ୍ଦେଶ୍ୟ ହେଉଛି ‘ମାଦକ ଦ୍ରବ୍ୟକୁ ନା କୁହନ୍ତୁ’ ବାର୍ତ୍ତା ଜନସାଧାରଣଙ୍କୁ ପହଞ୍ଚାଇବା ଏବଂ ଗଣମାଧ୍ୟମ ମାଧ୍ୟମରେ ପ୍ରଚାର ଅଭିଯାନ ମାଧ୍ୟମରେ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚିବା।‘ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ’ରେ ଜୀବନ ରକ୍ଷା ଏବଂ ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଶ୍ୱବ୍ୟାପୀ ପ୍ରୟାସ କରାଯାଏ। ନିଶା ସେବନକାରୀଙ୍କୁ ନିଶା ଛାଡ଼ିବା ପାଇଁ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ।ନିଶା ବର୍ଜନ ସାରା ବିଶ୍ୱର ସୁସ୍ଥ ଭବିଷ୍ୟତ ପାଇଁ ନିତାନ୍ତ ପ୍ରୟୋଜନ।ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ଆପଣେଇ ନିଶା ଦ୍ରବ୍ୟକୁ ବର୍ଜନ କରି ଗଠନମୂଳକ କାର୍ଯ୍ୟରେ ବ୍ରତୀ ହେବା ଆବଶ୍ୟକ।ସମାଜରେ ମଣିଷ ପରି ମଣିଷ ହୋଇ ସୁସ୍ଥ, ନିରାମୟ, ରୋଗମୁକ୍ତ ପ୍ରଗତିଶୀଳ ପରିବାର ତଥା ସମାଜ ଗଠନରେ ନିଜକୁ ଉତ୍ସର୍ଗୀକୃତ କରିବାପାଇଁ ଆମେ ଆଜି ସମସ୍ତେ ଶପଥ ନେବା।**

ଏକବିଂଶ ଶତାବ୍ଦୀରେ ନିଶା ଏକ ଗୁରୁତର ସାମାଜିକ ବ୍ୟାଧି ପାଲଟିଛି। ଏହା କେବଳ ବ୍ୟକ୍ତିବିଶେଷଙ୍କ ସ୍ୱାସ୍ଥ୍ୟ ଏବଂ ଆର୍ଥିକ ଅବସ୍ଥାକୁ ନଷ୍ଟ କରେ ନାହିଁ, ବରଂ ପରିବାର ଓ ସମାଜକୁ ମଧ୍ୟ ଧ୍ୱଂସ କରିଦିଏ। ଦିନକୁ ଦିନ ନିଶା କାରବାର ତଥା ସେବନ ବଢ଼ିଚାଲିଛି। ବିଶେଷ ଭାବେ କିଶୋର ତଥା କମ୍ ବୟସର ପିଲାମାନେ ଏହାର କବଳିତ ହେଉଛନ୍ତି, ଯାହା ଏକ ସାମାଜିକ ବ୍ୟାଧିର ରୂପ ନେଲାଣି। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଭାବରେ ପାଳନ କରାଯାଉଛି। ଅବୈଧ ନିଶା କାରବାରକୁ ରୋକିବା ଏବଂ ନିଶା ସେବନରୁ ସମାଜକୁ ଦୂରେଇ ରଖିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ନିଶା ଏପରି ଏକ ମାନସିକ ଓ ଶାରୀରିକ ଆସକ୍ତି ଯାହା ବ୍ୟକ୍ତିଗତ ଜୀବନକୁ ବିକ୍ଷିପ୍ତ କରିବା ସହିତ ଘର, ପରିବାର, ସମାଜ ଓ ସମଗ୍ର ରାଷ୍ଟ୍ର ତଥା ବିଶ୍ୱକୁ ମଧ୍ୟ ଅସ୍ଥିର କରିଥାଏ।

ମଣିଷ ଧନର କୁହୁକ ଇନ୍ଦ୍ରଜାଲରେ ନ ପଡ଼ି ନୀରୋଗ ଓ ସୁସ୍ଥ ରହିବା ପାଇଁ ଚାହେଁ । କିନ୍ତୁ ନିଶା ସେବନ ଦ୍ୱାରା ମଣିଷ ନିଜର ସୁନ୍ଦର ସ୍ୱାସ୍ଥ୍ୟ ଓ ସୁସ୍ଥ ମାନସିକତା ହରାଇ ବସିଥାଏ । ନିଶା ଗୋଟିଏ ଛଦ୍ମବେଶୀ ବନ୍ଧୁପରି ଉଭାହୁଏ ମଣିଷ ପାଖରେ । ଶେଷରେ ସର୍ବସ୍ୱାନ୍ତ କରି ମୃତ୍ୟୁର ଅନ୍ଧକୂପ ଭିତରକୁ ଠେଲିଦେଇଥାଏ । ପ୍ରଥମେ ମଣିଷ ନିଶା ଖାଏ ପରେ ନିଶା ତାକୁ ଖାଏ । ଅର୍ଦ୍ଧଚେତନ ଅବସ୍ଥାରେ ମଣିଷ କ'ଣ କରେ କିଛି ବୁଝିପାରେନି । ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ନିଶା ଏକ ଅଭିଶାପ । ସମାଜ ନିମିଷକେ କଳୁଷିତ ହୋଇଯିବ ଯଦି ଯୁବପିଢି ବିପଥଗାମୀ ହେବେ। ସେଥିପାଇଁ ତ କୁହାଯାଏ, ‘ଆଜିର ଶିଶୁ କାଲିର ଭବିଷ୍ୟତ।’ ଯଦି ଭବିଷ୍ୟତ ଆଜିଠୁ ପଥଭ୍ରଷ୍ଟ ହୁଏ, ତେବେ ଆସନ୍ତାକାଲି ଯେ ଅଭିଶପ୍ତ ତାହା ଅନୁମେୟ।ଆଜିକାଲିର ଯୁବପିଢି ନିଶାଦ୍ରବ୍ୟକୁ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ କରିସାରିଲେଣି । ଖଣ୍ଡିଏ ପାନ ଚୋବାଇଦେଲେ କିମ୍ବା ବିଡି ଖଣ୍ଡେ ଟାଣିଦେଲେ ଆମର କିଛି କ୍ଷତି ହୁଏନାହିଁ ବୋଲି ଭାବୁଥାଏ , କିନ୍ତୁ କଥାରେ ଅଛି :

‘ପାନ ବିଡି ନୁହେଁ ଛୋଟିଆ ନିଶା
ଜଣା ପଡେନାହିଁ ଟାଣେ ପଇସା ।’

ନିଶା କାରବାର ଏବଂ ନିଶା ସେବନ ବର୍ତ୍ତମାନ ଏକ ମୁଖ୍ୟ ସମସ୍ୟା ପାଲଟିଗଲାଣି । ଯଦି ଏହିପରି ନିଶାର ଜାଲରେ ଯୁବପିଢି କବଳିତ ହୁଅନ୍ତି, ତେବେ ସମୟ ଆସିବ ଦେଶ ତଥା ବିଶ୍ୱର ଭବିଷ୍ୟତ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯିବେ । ତେଣୁ ଯୁବପିଢିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସୁସ୍ଥ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ରୂପେ ପାଳନ କରାଯାଉଛି। ୯ ବର୍ଷରୁ ୨୫ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ମାନଙ୍କର ବୟସର ପରିବର୍ତ୍ତନ ହେବା ସହ ହରମୋନର ପରିବର୍ତ୍ତନ ହୋଇଥାଏ । ଏହି ବୟସରେ କୁ ସଙ୍ଗରେ ପଡି ନିଶା ଦ୍ରବ୍ୟ ବ୍ୟବହାର ପାଇଁ ମନ ବଳାଇଥାନ୍ତି।

ବିଶ୍ୱବ୍ୟାପୀ, ୧୩-୧୫ ବର୍ଷ ବୟସରେ ଅତି କମ୍‌ରେ ୩୭ ନିୟୁତ ଯୁବକ



ଅନେକ ପ୍ରକାରର ନିଶା ବ୍ୟବହାର କରନ୍ତି। ଇଲେକ୍ଟ୍ରୋନିକ୍ ସିଗାରେଟ୍ ଏବଂ ନିକୋଟିନ୍ ପାଉଚ୍ ଭଳି ଦ୍ରବ୍ୟ ଯୁବକମାନଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରୁଛି । ସ୍କୁଲ ପିଲାମାନଙ୍କ ମଧ୍ୟରେ ଇ-ସିଗାରେଟ୍ ବ୍ୟବହାର ହାର ବଢିଛି । ନିଶା ନେଉଥିବା ବ୍ୟକ୍ତିଙ୍କ ଭିତରୁ ୭୫ପ୍ରତିଶତ ନିଜ କିଶୋର ଅବସ୍ଥାରୁ ନିଶା ସେବନ ଆରମ୍ଭ କରୁଥିବା ଜଣାପଡ଼ିଛି । ବହୁକ୍ଷେତ୍ରରେ ଯୁବଗୋଷ୍ଠୀ ସେମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇ ଧୂମ୍ରପାନ କରିଥାନ୍ତି । ନିଶା ବ୍ୟବହାର ପଛରେ ଅନେକ କାରଣ ରହିଛି ଯଥା: ମାନସିକ ଚାପ, ସାମାଜିକ ବ୍ୟବସ୍ଥା, ବଜାର ପ୍ରଭାବ, ବିଜ୍ଞାପନ ଏବଂ ନିଶା ଦ୍ରବ୍ୟର ସହଜ ଉପଲବ୍ଧତା ।

ନିଶା ସେବନ ଏକ ଗୁରୁତର ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି, ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁମୁଖରେ ପକାଉଛି । ଜୀବନର ମହତ୍ତ୍ୱକୁ ବୁଝି ମଣିଷ ନିଶା ସେବନ ପ୍ରତି ସଜାଗ ରହିଲେ ମୃତ୍ୟୁକୁ ରୋକିବା ସମ୍ଭବ ହୋଇପାରିବ। ଯୁବଗୋଷ୍ଠୀଙ୍କୁ ସୁସ୍ଥ ରଖିବା ନିମନ୍ତେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା, ନିଶା ମୁକ୍ତ ପରିବେଶ ନିମନ୍ତେ ଯୁବଗୋଷ୍ଠୀଙ୍କ ଅଭିଯାନକୁ ମଜଭୁତ କରିବା ତଥା ନିଶା ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ସ୍ତରରେ ଯୁବକଯୁବତୀମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଯୁବଗୋଷ୍ଠୀ ପାଇଁ ନିଶା ନିୟନ୍ତ୍ରଣ ସଚେତନତା କର୍ମଶାଳା ଆୟୋଜନ କରାଯିବାର ଆବଶ୍ୟକତା ରହିଛି ।‘ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ’ ପାଳନର ମୂଳ ଲକ୍ଷ୍ୟ ହେଉଛି ନିଶା ସେବନ ଦ୍ୱାରା ଉପୁଜୁଥିବା ବିପଦ ପ୍ରତି ଲୋକଙ୍କୁ ସଚେତନ କରିବା । ଏହା କେବଳ ବ୍ୟବହାରକାରୀ ନୁହେଁ, ତା ଆଖପାଖରେ ଥିବା ବ୍ୟକ୍ତି, ପରିବାର ସଦସ୍ୟ ଏବଂ ସର୍ବୋପରି ସମାଜ ଉପରେ ମଧ୍ୟ ଖରାପ ପ୍ରଭାବ ପକାଏ ।

ନିଶା କେବଳ ନିଶାଗ୍ରସ୍ତଙ୍କ ପାଇଁ କ୍ଷତିକାରକ ନୁହେଁ ବରଂ ଏହା ସମାଜର ଗଠନ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ନିଶା ହେଉଛି ଏପରି ରାସାୟନିକ ପଦାର୍ଥ ଯାହା ଜଣେ ବ୍ୟକ୍ତିଙ୍କ ଶରୀର କିମ୍ବା ମନର କାର୍ଯ୍ୟଶୈଳୀକୁ ପରିବର୍ତ୍ତନ କରେ। ଏପରି ନିଶାର ପ୍ରଭାବ ନିଶାଗ୍ରସ୍ତଙ୍କ ମନ, ଶରୀର, ହୃଦୟ, ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏବଂ ଆତ୍ମାରେ ବିପଜ୍ଜନକ ପରିବର୍ତ୍ତନ ଆଣିପାରେ। ନିଶା ହେଉଛି ଏକ ଅବସାଦକାରୀ ଯାହା କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀର କାର୍ଯ୍ୟକୁ ଧୀର କରିଦିଏ। ଅନ୍ୟ ଶବ୍ଦରେ, ନିଶା ଆମର ଭବିଷ୍ୟତ, ସ୍ୱପ୍ନ ଏବଂ ଜୀବନକୁ ମଧ୍ୟ ନଷ୍ଟ କରିପାରେ। ନିଶା ବର୍ତ୍ତମାନ ସମଗ୍ର ବିଶ୍ୱରେ ମହାମାରୀ ସ୍ତରରେ ପହଞ୍ଚିବାରେ ଲାଗିଛି।

ପ୍ରତିବର୍ଷ, ସାରା ବିଶ୍ୱରେ ୨୬ ଜୁନ୍ ଦିନକୁ ନିଶା ସେବନର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ନିଶା ସେବନ ବିଷୟରେ ଲୋକଙ୍କୁ ସତର୍କ କରିବା ପାଇଁ ପାଳନ କରାଯାଏ। ମୁଖ୍ୟ ଉଦ୍ଦେଶ୍ୟ ହେଉଛି ‘ମାଦକ ଦ୍ରବ୍ୟକୁ ନା କୁହନ୍ତୁ’ ବାର୍ତ୍ତା ଜନସାଧାରଣଙ୍କୁ ପହଞ୍ଚାଇବା ଏବଂ ଗଣମାଧ୍ୟମ ମାଧ୍ୟମରେ ପ୍ରଚାର ଅଭିଯାନ ମାଧ୍ୟମରେ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚିବା। ‘ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ’ରେ ଜୀବନ ରକ୍ଷା ଏବଂ ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଶ୍ୱବ୍ୟାପୀ ପ୍ରୟାସ କରାଯାଏ। ନିଶା ସେବନକାରୀଙ୍କୁ ନିଶା ଛାଡିବା ପାଇଁ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ। ନିଶା ବର୍ଜନ ସାରା ବିଶ୍ୱର ସୁସ୍ଥ ଭବିଷ୍ୟତ ପାଇଁ ନିତ୍ୟାନ୍ତ ପ୍ରୟୋଜନ।ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ଆପଣେଇ ନିଶା ଦ୍ରବ୍ୟକୁ ବର୍ଜନ କରି ଗଠନମୂଳକ କାର୍ଯ୍ୟରେ ବ୍ରତୀ ହେବା ଆବଶ୍ୟକ। ସମାଜରେ ମଣିଷ ପରି ମଣିଷ ହୋଇ ସୁସ୍ଥ, ନିରାମୟ, ରୋଗମୁକ୍ତ ପ୍ରଗତିଶୀଳ ପରିବାର ତଥା ସମାଜ ଗଠନରେ ନିଜକୁ ଉତ୍ସର୍ଗୀକୃତ କରିବାପାଇଁ ଆମେ ଆଜି ସମସ୍ତେ ଶପଥ ନେବା।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ବଡ଼ ପ୍ରଶ୍ନବାଚୀ

## ଶୁଭଲକ୍ଷ୍ମୀ ମିଶ୍ର

**“ ବନ୍ୟଜନ୍ତୁ ବିଶେଷଜ୍ଞମାନଙ୍କ ମତରେ ପ୍ରତିବର୍ଷ ଦେଶର ବିଭିନ୍ନ ଅଞ୍ଚଳରେ ଶହ ଶହ ହରିଣ ସଡ଼କ ଦୁର୍ଘଟଣା, ଅବୈଧ ଶିକାର, ବିଦ୍ୟୁତ୍ ତାରରେ ଫସିବା, ଜଳ ଅଭାବ ଓ ରୋଗରେ ମୃତ୍ୟୁବରଣ କରୁଛନ୍ତି। କେବଳ ରାଜସ୍ଥାନରେ ପ୍ରତିବର୍ଷ ଅନେକ ଶିକାର ମାମଲା ରେକର୍ଡ ହୋଇଥାଏ।ଆଇନ କଠୋର ହେଲେ ମଧ୍ୟ ଅବୈଧ ଶିକାର ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ବହୁ କ୍ଷେତ୍ରରେ ମାଂସ ବ୍ୟବସାୟ, ଟ୍ରଫି ଶିକାର କିମ୍ବା ଅନ୍ୟାନ୍ୟ ଅବୈଧ କାରଣରୁ ବନ୍ୟପ୍ରାଣୀଙ୍କ ହତ୍ୟା ହେଉଛି। ଗ୍ରାମାଞ୍ଚଳରେ ଅନେକ ସମୟରେ ଆହତ ପଶୁଙ୍କ ଚିକିତ୍ସା ସୁବିଧା ନଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିଯାଏ।**

ରାଜସ୍ଥାନର ମରୁଭୂମି ଅଞ୍ଚଳ କେବଳ ତାହାର ସାଂସ୍କୃତିକ ଐତିହ୍ୟ, ଦୁର୍ଗ ଓ ଲୋକ ସଂସ୍କୃତି ପାଇଁ ନୁହେଁ, ବରଂ ବନ୍ୟଜନ୍ତୁ ସୁରକ୍ଷା ପ୍ରତି ଅନନ୍ୟ ସାମାଜିକ ପ୍ରତିବଦ୍ଧତା ପାଇଁ ମଧ୍ୟ ଜଣାଶୁଣା। ବିଶେଷ କରି ବିଷ୍ଣୋଇ ସମ୍ପ୍ରଦାୟ ଦୀର୍ଘ ଶତାବ୍ଦୀ ଧରି କଳାହରିଣ, ଚିଙ୍କାରା ଓ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ନିଜକୁ ସମର୍ପିତ କରିଆସିଛନ୍ତି। କିନ୍ତୁ ସମ୍ପ୍ରତି ନାଗୌର ଜିଲ୍ଲାର ମୁକାମ ରେସ୍କ୍ୟୁ ସେଣ୍ଟରକୁ ନେଇ ଉଠିଥିବା ଏକ ଗୁରୁତର ଅଭିଯୋଗ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଛି।

ଅଭିଯୋଗ ଅନୁସାରେ, ଚଳିତ ବର୍ଷ ରେସ୍କ୍ୟୁ ସେଣ୍ଟରର ରେକର୍ଡରେ ପ୍ରାୟ ୧୩୦୦ ହରିଣଙ୍କ ନାମ ଥିବାବେଳେ ଘଟଣାସ୍ଥଳରେ କେବଳ ୮୦ଟି ହରିଣ ଜୀବିତ ମିଳିଥିବା ଦାବି କରାଯାଇଛି। ଅବଶିଷ୍ଟ ୧୨୨୦ଟି ହରିଣର ହିସାବ ନ ଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଏହି ଦାବି ସତ୍ୟ କିମ୍ବା ମିଥ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ, କିନ୍ତୁ ଘଟଣାଟି ଭାରତର ବନ୍ୟଜନ୍ତୁ ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତାକୁ ସାମ୍ନାକୁ ଆଣିଛି।



ସ୍ଥାନୀୟ ସୂତ୍ର ଅନୁସାରେ, ଏକ ବନ୍ୟପ୍ରାଣୀପ୍ରେମୀ ଯୁବତୀ ଏକ ଆହତ ହରିଣକୁ ଚିକିତ୍ସା ପାଇଁ ମୁକାମ ରେସ୍କ୍ୟୁ ସେଣ୍ଟରକୁ ଦେଇଥିଲେ। କିଛି ଦିନ ପରେ ସେ ହରିଣଟିର ଅବସ୍ଥା ଜାଣିବାକୁ ଆସିବା ସମୟରେ ତାହାକୁ ନ ପାଇଥିଲେ। ପରେ ହରିଣଟିର ମୃତ୍ୟୁ ହୋଇଥିବା କୁହାଯାଇଥିଲେ ମଧ୍ୟ ତାହାର ରେକର୍ଡ ଓ ସଠିକ୍ ସୂଚନା ମିଳିନଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ରେସ୍କ୍ୟୁ ସେଣ୍ଟରର ରେକର୍ଡ ଯାଞ୍ଚ କରାଯିବାରୁ ବଡ଼ ଧରଣର ଅସଙ୍ଗତି ଥିବା ଦାବି ସାମ୍ନାକୁ ଆସିଛି। ଯଦିଓ ଏହି ସବୁ ତଥ୍ୟ ସରକାରୀ ତଦନ୍ତ ଦ୍ୱାରା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ, ତଥାପି ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି।

ଭାରତ ବିଶ୍ୱର କେତେକ ଗୁରୁତ୍ୱପୂର୍ଣ୍ଣ ହରିଣ ପ୍ରଜାତିର ଆବାସସ୍ଥଳ। ଏଥିରେ କଳାହରିଣ, ଚିତଳ, ସାମ୍ବର, ବାରାସିଙ୍ଗା ଓ ଚିଙ୍କାରା ପ୍ରମୁଖ। ଏକ ସମୟରେ ଅତ୍ୟଧିକ ଶିକାର ଓ ଆବାସସ୍ଥଳ ନଷ୍ଟ ହେବା ଯୋଗୁଁ ଅନେକ ପ୍ରଜାତି ସଙ୍କଟରେ ପଡ଼ିଥିଲେ। କଳାହରିଣ ଭାରତର ସବୁଠାରୁ ସୁନ୍ଦର ଓ ଦ୍ରୁତଗତି ବନ୍ୟପ୍ରାଣୀମାନଙ୍କ ମଧ୍ୟରୁ ଗୋଟିଏ। ୧୯୭୨ ମସିହାର ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁସାରେ ଏହାକୁ ସର୍ବୋଚ୍ଚ ସୁରକ୍ଷା ଦିଆଯାଇଛି। ତଥାପି ଆଜି ମଧ୍ୟ ଶିକାର, ସଡ଼କ ଦୁର୍ଘଟଣା, କୁକୁର ଆକ୍ରମଣ ଓ ପରିବେଶ ଅବକ୍ଷୟ ଏହାଙ୍କ ପାଇଁ ବଡ଼ ବିପଦ ହୋଇ ରହିଛି । ପ୍ରତିବର୍ଷ କେତେ ହରିଣ ମରୁଛନ୍ତି । ଏହାର ସଠିକ୍ ଜାତୀୟ ତଥ୍ୟ ଭାରତରେ ଉପଲବ୍ଧ ନାହିଁ। ଏହା ନିଜେ ଏକ ବଡ଼ ସମସ୍ୟା। ବାଘ, ସିଂହ କିମ୍ବା ଗଣ୍ଡମୃଗ ପରି ପ୍ରାଣୀଙ୍କ ମୃତ୍ୟୁ ସମ୍ପର୍କରେ ନିୟମିତ ତଥ୍ୟ ରହିଥାଏ, କିନ୍ତୁ ହରିଣ ପ୍ରଜାତି ପାଇଁ ଜାତୀୟ ସ୍ତରରେ ସମନ୍ୱିତ ତଥ୍ୟ ନାହିଁ।

ବନ୍ୟଜନ୍ତୁ ବିଶେଷଜ୍ଞମାନଙ୍କ ମତରେ ପ୍ରତିବର୍ଷ ଦେଶର ବିଭିନ୍ନ ଅଞ୍ଚଳରେ ଶହ ଶହ ହରିଣ ସଡ଼କ ଦୁର୍ଘଟଣା, ଅବୈଧ ଶିକାର, ବିଦ୍ୟୁତ ତାରରେ ଫସିବା, ଜଳ ଅଭାବ ଓ ରୋଗରେ ମୃତ୍ୟୁବରଣ କରୁଛନ୍ତି। କେବଳ ରାଜସ୍ଥାନରେ ପ୍ରତିବର୍ଷ ଅନେକ ଶିକାର ମାମଲା ରେକର୍ଡ ହୋଇଥାଏ। ଆଇନ କଠୋର ହେଲେ ମଧ୍ୟ ଅବୈଧ ଶିକାର ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ବହୁ କ୍ଷେତ୍ରରେ ମାଂସ ବ୍ୟବସାୟ, ଟ୍ରଫି ଶିକାର କିମ୍ବା ଅନ୍ୟାନ୍ୟ ଅବୈଧ କାରଣରୁ ବନ୍ୟପ୍ରାଣୀଙ୍କ ହତ୍ୟା ହେଉଛି। ଗ୍ରାମାଞ୍ଚଳରେ ଅନେକ ସମୟରେ ଆହତ ପଶୁଙ୍କ ଚିକିତ୍ସା ସୁବିଧା ନଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିଯାଏ। ଯଦି ମୁକାମ ରେସ୍କ୍ୟୁ ସେଣ୍ଟରର ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା କେବଳ ଅବହେଳା ନୁହେଁ, ବରଂ ବନ୍ୟଜନ୍ତୁ ସୁରକ୍ଷା ବ୍ୟବସ୍ଥାର ଏକ ଗୁରୁତର ବିଫଳତା ଭାବେ ଗଣାଯିବ। ଏକ ରେସ୍କ୍ୟୁ ସେଣ୍ଟରର କାମ ହେଉଛି ଆହତ, ଅନାଥ କିମ୍ବା ଅସୁସ୍ଥ ବନ୍ୟପ୍ରାଣୀଙ୍କୁ ଚିକିତ୍ସା ଓ ସୁରକ୍ଷା ପ୍ରଦାନ କରିବା। ସେଠାରେ ପ୍ରତ୍ୟେକ ପଶୁର ପ୍ରବେଶ ତାରିଖ, ସ୍ୱାସ୍ଥ୍ୟ ଅବସ୍ଥା, ଚିକିତ୍ସା ବିବରଣୀ ଓ ଶେଷ ପରିଣତିର ସଠିକ୍ ରେକର୍ଡ ରହିବା ଆବଶ୍ୟକ।କିନ୍ତୁ ଭାରତର ଅନେକ ରେସ୍କ୍ୟୁ ସେଣ୍ଟରରେ ଏପର୍ଯ୍ୟନ୍ତ ଡିଜିଟାଲ ରେକର୍ଡ ବ୍ୟବସ୍ଥା ନାହିଁ। ଅନେକ ସ୍ଥାନରେ ହାତଲେଖା ଖାତା ଉପରେ ନିର୍ଭର କରାଯାଉଛି। ଏହା ଦୁର୍ନୀତି, ଭୁଲ ତଥ୍ୟ ଓ ଅସ୍ୱଷ୍ଟତା ପାଇଁ ସୁଯୋଗ ସୃଷ୍ଟି କରେ। ରାଜସ୍ଥାନର ବିଷ୍ଣୋଇ ସମ୍ପ୍ରଦାୟ ବନ୍ୟପ୍ରାଣୀ ସୁରକ୍ଷାର ଜୀବନ୍ତ ଉଦାହରଣ। ସେମାନେ କେବଳ ହରିଣଙ୍କୁ ସୁରକ୍ଷା ଦିଅନ୍ତି ନୁହେଁ, ଆହତ ପଶୁଙ୍କ ଚିକିତ୍ସା, ଖାଦ୍ୟ ଓ ପୁନର୍ବାସନରେ ମଧ୍ୟ ସହଯୋଗ କରନ୍ତି।ବିଶ୍ୱ ପରିବେଶ ଇତିହାସରେ ୧୭୩୦ ମସିହାର ଖେଜରଲୀ ବଳିଦାନ ଏହି ସମାଜର ପ୍ରକୃତିପ୍ରେମର ସର୍ବଶ୍ରେଷ୍ଠ ଉଦାହରଣ। ଗଛ କାଟିବାକୁ ବିରୋଧ କରି ୩୬୩ ଜଣ ବିଷ୍ଣୋଇ ଜୀବନ ବଳିଦାନ ଦେଇଥିଲେ। ଏହି ପରମ୍ପରା ଆଜି ମଧ୍ୟ ବନ୍ୟଜନ୍ତୁ ସୁରକ୍ଷାରେ ପ୍ରେରଣା ଦେଉଛି।ଏହି ଘଟଣା ଏକ ସତର୍କ ସଙ୍କେତ। ଭବିଷ୍ୟତରେ ଏପରି ବିବାଦ ଏଡ଼ାଇବା ପାଇଁ ସରକାରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ହେବ।

ପ୍ରଥମତଃ, ପ୍ରତ୍ୟେକ ରେସ୍କ୍ୟୁ ହୋଇଥିବା ପଶୁ ପାଇଁ ଡିଜିଟାଲ ପରିଚୟ ସଂଖ୍ୟା ଓ ମାଇକ୍ରୋଚିପ୍ ବ୍ୟବସ୍ଥା ଆରମ୍ଭ କରିବା ଦରକାର। ଦ୍ୱିତୀୟତଃ, ସମସ୍ତ ରେସ୍କ୍ୟୁ ସେଣ୍ଟରର ତଥ୍ୟ ସାର୍ବଜନିକ ପୋର୍ଟାଲରେ ଉପଲବ୍ଧ ହେବା ଉଚିତ। ତୃତୀୟତଃ, ପ୍ରତି ଛଅ ମାସରେ ସ୍ୱାଧୀନ ଅଡିଟ୍ କରାଯିବା ଆବଶ୍ୟକ। ଚତୁର୍ଥତଃ, ସମସ୍ତ କେନ୍ଦ୍ରରେ ୨୪ ଘଣ୍ଟିଆ ସିସିଟିଭି ନଜରଦାରି ବାଧ୍ୟତାମୂଳକ କରାଯିବା ଉଚିତ।

ପଞ୍ଚମତଃ, ବନ ବିଭାଗ, ସ୍ଥାନୀୟ ସମୁଦାୟ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ମଧ୍ୟରେ ସହଯୋଗ ବଢ଼ାଇବା ଦରକାର। ଷଷ୍ଠତଃ, ହରିଣ ମୃତ୍ୟୁ ସମ୍ପର୍କରେ ଜାତୀୟ ଡାଟାବେସ୍ ପ୍ରସ୍ତୁତ କରି ପ୍ରତିବର୍ଷ ରିପୋର୍ଟ ପ୍ରକାଶ କରାଯିବା ଆବଶ୍ୟକ। ମୁକାମ ରେସ୍କ୍ୟୁ ସେଣ୍ଟର ବିବାଦର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। କିନ୍ତୁ ଏହି ଘଟଣା ଏକ ମୌଳିକ ପ୍ରଶ୍ନ ଉଠାଇଛି—ଆମେ କି ସତରେ ଆମ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖିପାରୁଛୁ ? ଦେଶର ବନ୍ୟଜନ୍ତୁ ସୁରକ୍ଷା କେବଳ ଆଇନ ଉପରେ ନିର୍ଭର କରେନାହିଁ। ଏହା ସ୍ୱଚ୍ଛତା, ଓ ସାମାଜିକ ସଚେତନତା ଉପରେ ମଧ୍ୟ ନିର୍ଭର କରେ। ଯେଉଁ ଦେଶ ନିଜର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଇପାରେ ନାହିଁ, ସେ ନିଜ ପ୍ରାକୃତିକ ଐତିହ୍ୟକୁ ମଧ୍ୟ ସୁରକ୍ଷା ଦେଇପାରେ ନାହିଁ। ମୁକାମ ଘଟଣାର ତଦନ୍ତ ଯାହା ଫଳ ଦେଉନାହିଁ କାହିଁକି, ଏହା ନିଶ୍ଚିତ ଯେ ଏହି ବିବାଦ ଭାରତର ବନ୍ୟଜନ୍ତୁ ସୁରକ୍ଷା ବ୍ୟବସ୍ଥାକୁ ପୁନର୍ବିଚାର କରିବା ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ଏବେ ଦେଖିବାକୁ ବାକି ରହିଲା, ଏହି ପ୍ରଶ୍ନର ଉତ୍ତର ସରକାର, ବନ ବିଭାଗ ଓ ସମାଜ କିପରି ଦେଉଛନ୍ତି ।

## ଦ୍ୱିତୀୟ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନ ବିଳମ୍ବକୁ ନେଇ ଜନ ଅସନ୍ତୋଷ

ଖଣ୍ଡପଡ଼ା,(ନି.ପ୍ର): ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ହିତାଧିକାରୀଙ୍କୁ ୨ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଏନଏସି କର୍ତ୍ତୃପକ୍ଷ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ମାସ ପରେ ମାସ ଗଡେଇ ଚାଲିଥିବାରୁ ଆଶାୟୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି । ତେଣୁ ଏଥିପ୍ରତି ଖଣ୍ଡପଡ଼ା ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି । ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ସଂପର୍କରେ ପଚାରିବାରେ ଖୁବଶୀଘ୍ର ୨ ପର୍ଯ୍ୟାୟ ଆବାସ ଯୋଜନାର ହିତାଧିକାରୀଙ୍କ ତାଲିକା ଏନଏସି କାର୍ଯ୍ୟାଳୟରେ ପ୍ରକାଶ ସହ କାର୍ଯ୍ୟାଦେଶପତ୍ର ବଣ୍ଟନ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଘୋଷଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭାପୁର,(ନିପ୍ର): ଆସନ୍ତା ଜୁଲାଇ ମାସ ୧୬ ତାରିଖ ଚଳିତ ବର୍ଷର ରଥଯାତ୍ରା ଅନୁଷ୍ଠିତ ହେବ । ଏହାର ଅବ୍ୟବହିତ ପୂର୍ବରୁ ଭାପୁର ସଦର ମହକୁମାରେ ଅନୁଷ୍ଠିତ ରଥଯାତ୍ରା କିପରି ଭାବରେ ସରସ ସୁନ୍ଦର ଏବଂ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି ।ଜଗନ୍ନାଥ ମନ୍ଦିରର ସଭାପତି ସୁମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ,ରଥଯାତ୍ରା କମିଟିର ସ୍ଥାୟୀ ସଭାପତି ତହସିଲଦାର ଲୋପାମୁଦ୍ରା ରଥ,ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା,ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା,ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ,ବିଦ୍ୟୁତ ବିଭାଗର ଯନ୍ତ୍ରୀ,ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଦୀପ କୁମାର ପାଇକରାୟ,ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି, ପାନୀୟ ଜଳ ବିଭାଗ ଯନ୍ତ୍ରୀ ନୃସିଂହ ଚରଣ ଦାସ ,ଆରକ୍ଷୀ ଅଧିକାରୀ,ସମାଜସେବୀ ନିତୁରଞ୍ଜନ ଦାସ,ଜିତେନ୍ଦ୍ର କୁମାର ରଣସିଂ ତଥା ୩୦ ରୁ ଉର୍ଦ୍ଧ୍ୱ ଜଗନ୍ନାଥପ୍ରେମୀ ଯୋଗ ଦେଇ କିପରି ଭାବରେ ସରସସୁନ୍ଦର ରୂପେ ଘୋଷଯାତ୍ରା ଅନୁଷ୍ଠିତ ହେବ ସେ ସମ୍ପର୍କରେ ନିଜର ମତାମତ ରଖିଥିଲେ ।

## ବିଜେଡିର ନାରୀ ସୁରକ୍ଷା ଶୋଭାଯାତ୍ରା

ବାଲିପାଟଣା,(ନିପ୍ର): ରାଜ୍ୟ ସରକାରଙ୍କ ଅପାରଗତାରୁ ସାରା ରାଜ୍ୟରେ ନାରୀ ସୁରକ୍ଷିତ ନୁହେଁ । ବଢିଛି ନାରୀ ନିର୍ଯାତନା । ପ୍ରତ୍ୟେକ ଦିନ ରାଜ୍ୟରେ ନାରୀ ମହିଳା ମାନଙ୍କ ଉପରେ ଅତ୍ୟାଚାର ସମ୍ବନ୍ଧରେ ଖବର ଆସୁଛି । ମହିଳାଙ୍କ ପାଇଁ ସଂସଦରେ ୩୩% ସ୍ଥାନ ସଂରକ୍ଷଣ ନେଇ ସରକାର ନାଟକ କରୁଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ବୁଧବାର ବିଜେଡି ପକ୍ଷରୁ ଆୟୋଜିତ ନାରୀ ସୁରକ୍ଷା ଶୋଭାଯାତ୍ରା କାର୍ଯ୍ୟକ୍ରମରେ ନାରୀ ନେତ୍ରୀମାନେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ




କରିଛନ୍ତି । ପ୍ରାରମ୍ଭରେ ବାଲିପାଟଣା ଛକରେ ଗୋବବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ବାଲିପାଟଣା ବ୍ଲକ ଅଭିମୁଖେ ଯାଇଥିଲା ଶତାଧିକ ମହିଳା ପୁରୁଷ ବିଜେଡି ସମର୍ଥକ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ସରକାର ବିରୋଧୀ ସ୍ଲୋଗାନ ଦେଇ ବ୍ଲକ ଆଗରେ ଏକତ୍ର ହୋଇ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରୀଆ ରାଜ୍ୟସଭା ସାଂସଦ ସୁଲତା ଦେଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଇପ୍ସିତା ସାହୁ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରଭୃତି ଯୋଗ ଦେଇଥିଲେ ।ଶେଷରେ ବାଲିପାଟଣା ବ୍ଲକ ବିଡ଼ିଓଙ୍କୁ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ

ନୟାଗଡ,(ନିପ୍ର): ନୟାଗଡ଼ ଜିଲ୍ଲାର ନୟାଗଡ଼ ବ୍ଲକ ଅଧୀନସ୍ଥ କ୍ରୀଦାସପୁର ଅଙ୍ଗନବାଡ଼ି କେନ୍ଦ୍ରକୁ ଜିଲ୍ଲାପାଳ ମଧୁମିତା ରଥ,ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ ଏବଂ ଜିଲ୍ଲା ସଂଯୋଜକ ସୌମ୍ୟ ରଞ୍ଜନ ଦାଶ ଅଚାନକ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ପିଲାମାନଙ୍କ ସହ ସମୟ ଅତିବାହିତ କରି ସେମାନଙ୍କ ସହ ଆଲୋଚନା କରିଥିଲେ । ସେ ପିଲାମାନଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ ଏବଂ ଶିକ୍ଷାଗତ କାର୍ଯ୍ୟକଳାପର ସମୀକ୍ଷା କରିବା ସହିତ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଓ କଲ୍ୟାଣ ପାଇଁ କିପରି ଅଧିକ ଉନ୍ନତି ଆଣିହେବ ସେନେଇ ଆଲୋଚନା କରିଥିଲେ ।

## 'ଓଡ଼ିଶା ସାରା ବିକାଶ ଧାରା'

ଖଣ୍ଡପଡ଼ା,(ନି.ପ୍ର) ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଖଳିସାହି ପଞ୍ଚାୟତରେ ୩ ଦିନ ବ୍ୟାପୀ ଓଡିଶା ସାରା ବିକାଶ ଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମିଶନ ଶକ୍ତିର ମହିଳାମାନଙ୍କୁ ନେଇ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ସେହିପରି ଯୋଗ ଶିବିର, ବୃକ୍ଷ ରୋପଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟରେ ଦୁଇ ଅକ୍ସିଜେନ ପ୍ଲାଣ୍ଟ ଅଚଳ

## ରୋଗୀ ସେବା ବ୍ୟାହତ ହେବା ଆଶଙ୍କା

ରାୟଗଡା,(ନି:ପ୍ର): କୋଭିଡ଼ ମହାମାରୀର ପ୍ରାଦୁର୍ଭାବ ରହିଥିବା ସମୟରେ କୋଭିଡ଼ ଆକ୍ରାନ୍ତ ରୋଗୀଙ୍କୁ ନିରବଚ୍ଛିନ୍ନ ଭାବେ ଅକ୍ସିଜେନ ଯୋଗାଣ ପାଇଁ ପି.ଏମ କେୟାର୍ସ ଏବଂ ସି.ଏମ କେୟାର୍ସ ପାଣ୍ଠିରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ଥାପିତ ଦୁଇଗୋଟି ପି ଏସ ଏ ମେଡିକାଲ ଅକ୍ସିଜେନ ପ୍ଲାଣ୍ଟ ବହୁଦିନ ହେଲା ଅଚଳ ହୋଇପଡ଼ିଥିବା ବେଳେ ଏହାକୁ ନେଇ ରୋଗୀ ସେବା ଏବଂ ଓ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

୨୦୨୧ ମସିହା ଅକ୍ଟୋବର ୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅଭାସି ମାଧ୍ୟମରେ ପିଏମ କେୟାର୍ସ ପାଣ୍ଠିରେ ସ୍ଥାପନ କରାଯାଇଥିବା ଅକ୍ସିଜେନ ପ୍ଲାଣ୍ଟର ଉଦ୍‌ଘାଟିତ ହୋଇଥିଲା । ସ୍ଥାପିତ କରାଯାଇଥିବା ପ୍ଲାଣ୍ଟ ମାଧ୍ୟମରେ ଚିକିତ୍ସାଳୟର ପ୍ରତ୍ୟେକ ୱାର୍ଡକୁ ପାଇପ ଲାଇନ ଯୋଗେ ଅକ୍ସିଜେନ ଯୋଗାଣ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଉଭୟ ଅକ୍ସିଜେନ ପ୍ଲାଣ୍ଟ କୌଣସି କାରଣରୁ ଅଚଳ ହୋଇଯାଇଥିବା ବେଳେ ଜରୁରୀ ସମୟରେ ହସ୍ପିଟାଲକୁ ଅକ୍ସିଜେନ ସିଲିଣ୍ଡର ଓ ଅକ୍ସିଜେନ କଂସେଣ୍ଟ୍ରାଟର ଉପରେ ବହୁଳ ନିର୍ଭରତା ଫଳରେ ଗୁରୁତର ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟି ହେବା ଆଶଙ୍କାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି ।

ଖବରରୁ ପ୍ରକାଶ ଯେ, ନିକଟରେ ଅନୁଷ୍ଠିତ ଗଭର୍ଣ୍ଣିଂ ବଡି ବୈଠକରେ ଏହି ଅଚଳ ପ୍ଲାଣ୍ଟ ବିଷୟରେ କୌଣସି ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇନଥିବା ବିଷୟ ଜଣା ପଡିଛି । ଏହାଛଡା ପ୍ରସଙ୍ଗକୁ ବୈଠକରେ ଉପସ୍ଥାପନ କଟାଯାଇନଥିବା ମଧ ଜଣାପଡିଛି । ରୋଗୀ କଲ୍ୟାଣ ସମିତି ପାଣ୍ଠି ବ୍ୟବହାର କରାଯାଇ ଯାନ୍ତ୍ରିକ ତ୍ରୁଟିରେ ସୁଧାର ଅଣାଯାଇପାରୁଥିବା ସତ୍ତ୍ୱେ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବିଷୟକୁ ନେଇ ମଧ ଅନେକ ପ୍ରଶ୍ନ ସାମ୍ନାକୁ ଆସୁଛି । ଏହି ମୁଖ୍ୟ ଚିକିତ୍ସାଳୟରେ ଦୁଇଜଣ ମେଡିକାଲ ମ୍ୟାନେଜର ଏବଂ ଜଣେ ଅଧୀକ୍ଷକ ନିୟୋଜିତ ରହିଥିବା ବେଳେ ଏଭଳି ଅବ୍ୟବସ୍ଥା ସୃଷ୍ଟି ହେବା ପଛରେ କାରଣ କ'ଣ ହେଇପାରେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଥିବା ବେଳେ ଅସନ୍ତୋଷ ପ୍ରକାଶ ପାଇଛି ।

ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ନ ଥିବା ଘଟଣା ସାମ୍ନାକୁ ଆସିବା ପରେ ରାୟଗଡା ବିଧାୟକ ଆପଲା ସ୍ୱାମୀ କାଡ୍ରାକା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରକୃତ ଘଟଣା ବିଷୟରେ ଅବଗତ ହେବା ପାଇଁ ଏଡିଏମୋ(ମେଡିକାଲ)ଙ୍କ ସହ ଅକ୍ସିଜେନ ପ୍ଲାଣ୍ଟର ସ୍ଥିତି ଓ ରୋଗୀ ସେବା ସମ୍ପର୍କରେ ବିଚାରବିମର୍ଷ କରିବା ସହ ଏସଏନସିୟୁ ଅର୍ଥାତ ନବଜାତ ଶିଶୁ ସ୍ୱତନ୍ତ୍ର ଯତ୍ନ କକ୍ଷ ସ୍ଥଳ ପରିଦର୍ଶନ କରି ସେଠାରେ କରାଯାଇଥିବା ଅକ୍ସିଜେନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେଠାରେ ୨୪ ଟି ଶଯ୍ୟାରେ ପ୍ରାୟ ୨୦ ଜଣ ନବଜାତ ଶିଶୁ ରହିଥିବା ଦେଖିଥିଲେ । ରୋଗୀ ସେବାରେ କୌଣସି ପ୍ରକାର ବାଧା ଯେପରି ନ ଘଟେ ସେ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ଅକ୍ସିଜେନ ପ୍ଲାଣ୍ଟକୁ ଯଥାଶୀଘ୍ର ସଚଳ କରିବା ଦିଗରେ ଆଶୁ ପଦକ୍ଷେପ ନେବା ପାଇଁ ଅଧିକାରୀଙ୍କୁ କହିଥିଲେ । ଏନେଇ ଡ଼ିଏମଓ ତଥା ମେଡିକାଲ ଅଧୀକ୍ଷକ ଡାକ୍ତର କହିଥିଲେ ଯେ, ଅକ୍ସିଜେନ ପ୍ଲାଣ୍ଟର କୌଣସି ଯାନ୍ତ୍ରିକ ତ୍ରୁଟି ରହିଥିବା ହେତୁ ବୁଧବାର ପ୍ରାୟ ରାତି ୧୦ ଟାରୁ ବନ୍ଦ ରହିଛି । ହେଲେ ମେଡିକାଲରେ ପ୍ରାୟ ୨୦ଦିନ ପର୍ଯ୍ୟନ୍ତ ଆବଶ୍ୟକ ଅକ୍ସିଜେନ ସିଲିଣ୍ଡର ପର୍ଯ୍ୟାପ୍ତ ଭାବେ ଗଚ୍ଛିତ ରହିଛି । ଏହି ବ୍ୟବସ୍ଥା ରହିଛି, ଏହି ଷ୍ଟାଣ୍ଡବାଇ ବ୍ୟବସ୍ଥା ଫଳରେ ରୋଗୀ ସେବାରେ କୌଣସି ଅସୁବିଧା ରହିବ ନାହିଁ ବୋଲି କହିଥିଲେ ।

ଭୁବନେଶ୍ୱରରୁ ଏକ ବୈଷୟିକ ଦଳ ଆସି ଆବଶ୍ୟକ ଥିବା ଯନ୍ତ୍ରାଂଶକୁ ମରାମତି କରିଦେଲେ ଅକ୍ସିଜେନ ପ୍ଲାଣ୍ଟ ପୁଣି କାର୍ଯ୍ୟାକ୍ଷମ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି । ତେବେ କୋଭିଡ଼ ପରି ଅତ୍ୟାବଶ୍ୟକ ଜରୁରୀ ସେବାକୁ ଦୃଷ୍ଟିରେ ରଖି କୋଟି କୋଟି ଟଙ୍କା ବ୍ୟୟରେ ସ୍ଥାପିତ ଏହି ଅକ୍ସିଜେନ ପ୍ଲାଣ୍ଟଗୁଡିକ ଦୀର୍ଘଦିନ ଧରି ଅଚଳ ରହିବା ଘଟଣା ଜିଲ୍ଲାର ସ୍ୱାସ୍ଥ୍ୟ ପରିଚାଳନାକୁ ନେଇ ବୁଦ୍ଧିଜୀବୀ ଏବଂ ସାଧାରଣରେ ଗଭୀର ଚିନ୍ତା ପ୍ରକଟ କରାଯାଇଛି । ତୁରନ୍ତ ପ୍ଲାଣ୍ଟର ମରାମତି କାର୍ଯ୍ୟ କରି ଅତି ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି କରାଯାଇଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆଶୁ ପଦକ୍ଷେପ ନେବା ପାଇଁ ନିବେଦନ କରାଯାଇଛି ।

## ଖୋଲାରେ ବିଦ୍ୟୁତ୍ ଟ୍ରାନ୍ସଫରମର, ଲୋକେ ଭୟଭୀତ

ରାୟଗଡା,(ନି:ପ୍ର): ରାୟଗଡା ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ଦେଇ ମଙ୍ଗଳା ମନ୍ଦିର ଆଡକୁ ଲମ୍ବି ଯାଇଥିବା ରାସ୍ତା କଡରେ ରହିଛି ବିଦ୍ୟୁତ ବିଭାଗର ଏକ ଟ୍ରାନ୍ସଫରମର ବିନା କୌଣସି ଘେରରେ । ଏହି ଟ୍ରାନ୍ସଫରମର ନିକଟରେ ଅନେକ ଅଳିଆ ଆବର୍ଜନା ଜମା ହୋଇ ପଡିଥାଏ । ଏହାର ସାମ୍ନାକୁ ଓ ପଛକୁ ଲାଗି ରହିଛି ଅନେକ ଘର । ଘର ଲୋକେ ଏହାରି ତଳେ ପରିବା ଚୋପା, ପଲିଥିନରେ ପୁରାଇ ଏହି ସ୍ଥାନରେ ଫୋପାଡ଼ି ଦେଇ ଚାଲିଯାଆନ୍ତି । ସ୍ଥାନକୁ ଗାଇଗୋରୁ



ପକା ଯାଇଥିବା ଅଲୋଡ଼ା ଜିନିଷ ସବୁ ଖାଇବା ପାଇଁ ଭିଡ଼ ଜମାଇଥାନ୍ତି । ଏହା ନିକଟରେ ଛୋଟ ଛୋଟ ପିଲା ଖେଳାଖେଳି ମଧ କରନ୍ତି । ଏଣୁ କେତେବେଳେ ଯେ କଣ ଅଘଟଣ ଘଟିବ ଏହି ଆଶଙ୍କାରେ ଅଞ୍ଚଳ ବାସିନ୍ଦା । ବର୍ଷାଦିନ ଆସିଗଲାଣି । ବିଜୁଳି ଘଡଘଡି ମାରିବା ସହ ବିପଦ ରହିଥିବା ଲୋକେ କୁହନ୍ତି । ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଉକ୍ତ ଟ୍ରାନ୍ସଫରମର ଚତୁଃପାର୍ଶ୍ୱରେ ସିମେଣ୍ଟ ବାଡ଼ ବା ଘେରି ଦେବା ପାଇଁ ଅଞ୍ଚଳବାସିନ୍ଦା ଦାବି କରିଛନ୍ତି । ଏଦିଗରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା ପାଇଁ ଲୋକେ ଦାବି କରିଛନ୍ତି ।

## ଦୁର୍ଘଟଣା ଘଟାଇ ପଳାଉଥିବା ଡ୍ରାଇଭର ଦୁର୍ଘଟଣାର ଶିକାର, ଶ୍ରମିକ ଗୁରୁତର

କେସିଙ୍ଗା,(ନିପ୍ର) -କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ଖଜୁରପଡ଼ା ଛକ ନିକଟରେ ଗତକାଲି ରାତ୍ରି ୧୦ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ସୂଚନା ଅନୁଯାୟୀ ଖଜୁରୀପଡ଼ା ଛକରେ ଅବସ୍ଥିତ ଅରିହନ୍ତ ରାଇସ ମିଲରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମାଟିଆ ଗ୍ରାମର ଜୟରାମ ଗୌଡ଼ ବୁଧବାର ରାତ୍ରି ସମୟରେ ନିଜ କାର୍ଯ୍ୟ ସାରି ଘରକୁ ଯିବା ପାଇଁ ଜାତୀୟ ରାଜ ପଥ ୨୬ ପାର କରୁଥିବା ସମୟରେ ଭବାନୀପାଟଣାରୁ କେସିଙ୍ଗା ଅଭିମୁଖେ ଯାଉଥିବାଏକ ପିକ ଅପ ଭ୍ୟା ନ ଗାଡିନ. ଓ. ଡି. ୦୨ ଡିକେ ୭୭୪୧ ଧକ୍କା ଦେବାରୁ ଅଚେତ ହୋଇ ଶ୍ରମିକ ଜାତୀୟ ରାଜ ପଥ ରେ ପଡି ରହିଥିଲେ । ଏକ ମାଲ୍ ବୋଝେଇ ପିକଅପ୍ ଭ୍ୟାନ ଯାଉ ଥିବାବେଳେ ଦୃତଗତିରେ ଆସି ଶ୍ରମିକ ଜଣକୁ ଧକ୍କା ଦେଇ ଚାଲିଯାଇଥିଲା । ଦୁର୍ଘଟଣା ଘଟାଇଥିବା ପରେ ଡ୍ରାଇଭର ଜଣକ ଭୟରେ ଦୃତଗତିରେ ଯାଉଥିଲା । ଦୁର୍ଘଟଣା ଅଞ୍ଚଳରୁ ମାତ୍ର ଅଧା କିମି ଦୂର ନଯାଉଣୁ ସେହି ଗାଡ଼ିଟି ଭାରସାମ୍ୟ ହରାଇ ଚିଚର୍ଲା ଗ୍ରାମ ନିକଟରେ ଦୁର୍ଘଟଣା ଗସ୍ତହୋଇ ରାସ୍ତା ତଳକୁ ପଡି ଯାଇଥିଲା । ଦୁର୍ଘଟଣା ହୋଇଥିବା ଶ୍ରମିକ ଏବଂ ଡ୍ରାଇଭର ଅତି ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ । ଦୁର୍ଘଟଣା ବିଷୟରେ ଖବର ପାଇଁ ପୋଲିସ ଫାଣ୍ଡି ଅଧିକାରୀ ଉଭୟଙ୍କୁ ଉଦ୍ଧାର କରି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ଦୁହିଁଙ୍କ ଅବସ୍ଥା ସଙ୍କଟା ପୂର୍ଣ୍ଣ ଥିବାରୁ ଉଭୟଙ୍କୁଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

## ରେଳ ସିଗନାଲ ଓ ଟେଲିକମ ବିଭାଗ କର୍ମଚାରୀଙ୍କ ବିକ୍ଷୋଭ

ଜଟଣୀ,(ନିପ୍ର): ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ଠାରେ ସିଗନାଲ ଓ ଟେଲିକମ ବିଭାଗର କର୍ମଚାରୀମାନେ ଏକାଠି ହୋଇ ସର୍ବଭାରତୀୟ ରେଳ ସିଗନାଲ ଓ ଟେଲିକମ ଆସୋସିଏସନ ଡାକରାରେ ବିଭାଗର ଅନେକଗୁଡିଏ ମୌଳିକ ଦାବି ଯାହା ବର୍ଷ ବର୍ଷ ଧରି ପ୍ରଶାସନ କର୍ଣ୍ଣପାତ କରୁନାହିଁ । ଦାବି ଗୁଡିକୁ ହାସଲ କରିବା ଶାନ୍ତିପୂର୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦେଶର ସମସ୍ତ ବିଭାଗୀୟ କାର୍ଯ୍ୟାଳୟରେ ପାଳନ କରାଯିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା । ଖୋର୍ଦ୍ଧାରୋଡ ଏସ ଆଣ୍ଡ ଟି ଅଫିସ ସମ୍ମୁଖରେ ମଣ୍ଡଳ ସମ୍ପାଦକଙ୍କ ନେତୃତ୍ୱରେ କର୍ମଚାରୀ ମାନେ ଦାବି ଦିବସକୁ ସମର୍ଥନ କରି ନିଜ ଅଧିକାର ଓ ହକ ବିଷୟରେ ପ୍ରଶାସନ ଦୃଷ୍ଟିକୁ ଆଣିବା ପାଇଁ ବିଭିନ୍ନ ଦାବି ସମ୍ପର୍କିତ ପୋଷ୍ଟର ଓ ପ୍ଲାଗ କାର୍ଡ ସହିତ ସ୍ଲୋଗାନ ଦେଇଥିଲେ । ମୁଖ୍ୟ ଦାବି ଗୁଡିକ ହେଲା ସମସ୍ତ ଏସ ଆଣ୍ଡ ଟି କର୍ମଚାରୀଙ୍କ ପାଇଁ ରିସ୍କ ଓ ହାର୍ଡସିପ ଭତ୍ତା ପ୍ରଦାନ କରିବା , ସମସ୍ତ ୟୁନିଟରେ ରାତ୍ରି କାଳୀନ ଫେଲୁଅରକୁ ସଂଶୋଧନ ପାଇଁ ସ୍ୱତନ୍ତ୍ର ରାତ୍ରି ଗୋଷ୍ଠୀ ଗଠନ ଯାହା ଶ୍ରମିକ କଂଗ୍ରେସ ଓ ପ୍ରଶାସନ ପିଏନଏମ ସଭାରେ ସ୍ଥିର କରାଯାଇଥିଲା ତାହା ତୁରନ୍ତ ଲାଗୁ କରିବା ଭଳି ବିଭିନ୍ନ ଦାବି ରଖିଥିଲେ ।

## ଧାର୍ଯ୍ୟ ସମୟ ପୂର୍ବରୁ ଶେଷ ହେଲା ଏସଆଇଆର ଫର୍ମ ଗ୍ରହଣ, ଡିଜିଟାଇଜେସନ

କୁଚିଣ୍ଡା,(ନିପ୍ର): ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାର ଫର୍ମ ଗ୍ରହଣ ସହ ଦାଖଲ ଓ ଡିଜିଟାଇଜେସନ ଅବଧି ୨୮ ଜୁନ୍ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏସଟି-୧୫ ସମ୍ବିଧାନସଭା ନିର୍ବାଚନ ମଣ୍ଡଳୀରେ କୁଚିଣ୍ଡା ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସରତ୍ୱନନ୍‌ସଙ୍କ ପ୍ରତ୍ୟେକ୍ଷ ତଦାରଖରେ ସମସ୍ତ ୨୭୨ ବୁଥର ଶତପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟ ୨୩ ତାରିଖରେ ସଫଳତା ପୂର୍ବକ ସମ୍ପନ୍ନ ହୋଇଛି । ଉକ୍ତ ପ୍ରକ୍ରିୟାରେ ମୋଟ ୨,୨୬,୦୪୧ ଜଣ ନିର୍ବାଚକଙ୍କ ତଥ୍ୟ ଡିଜିଟାଇଜେସନ କରାଯାଇଛି ।

## ଓୟୁଜେର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ
## ସାମ୍ବାଦିକଙ୍କ ସୁରକ୍ଷା, ପେନସନ ଏବଂ ଆକ୍ରିଡ଼ିଏସନକୁ ନେଇ ଦାବି

ବଲାଙ୍ଗିର,(ନିପ୍ର): ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟର ବଲାଙ୍ଗୀର ଶାଖାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ପାଟଣାଗଡ଼ ସହର ନିକଟସ୍ଥ ଶ୍ରୀକାନ୍ତ ପାତ୍ରଙ୍କ ଅଦ୍ୱୈତ ଉଦ୍ୟାନର ସୁନ୍ଦର ସବୁଜିମା ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲା ସମ୍ପାଦକ ଅଭୟ ତ୍ରିପାଠୀ, ରାଜ୍ୟ ସମ୍ପାଦକ ଋତୁରାଜ ସିଂହ, ପର୍ଯ୍ୟବେକ୍ଷକ ସୁରେଶ ଦାଶ, କୋଷକ୍ଷଧକ୍ଷ ଅନ୍ତର୍ଯ୍ୟାମୀ ପଶାୟତ, ପୂର୍ବତନ ଜିଲ୍ଲା ସଭାପତି ଦୀପକ ସମ୍ପାଦାର, ନିର୍ବାଚନ ଅଧିକାରୀ ତଥା ବିଜେପି ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରା ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ବିଗତ ବୈଠକର ପାରିତ ପ୍ରସ୍ତାବ ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ସାମ୍ବାଦିକଙ୍କ ସୁରକ୍ଷା, ପେନସନ ଏବଂ ଆକ୍ରିଡ଼ିଏସନ ଉପରେ ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ ସହ ଦୃଷ୍ଟି ଆକର୍ଷଣ ନେଇ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତକାର କରିବା, ଅନ୍ତିମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆସନ୍ତା ସେପ୍ଟେମ୍ବର ମାସରେ ଟିଟିଲାଗଡ଼ ସହରରେ ଆୟୋଜନ କରିବା, ନୂତନ ସଦସ୍ୟ ଚୟନ ନେଇ ପ୍ରକ୍ରିୟା ଆରମ୍ଭ କରିବା, ସହ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ସେସବୁ ସମସ୍ୟାର ସମାଧାନ ନେଇ ଆଗକୁ ବଲାଙ୍ଗୀର ଓୟୁଜେ ବ୍ୟାପକ କାର୍ଯ୍ୟ ପନ୍ଥା ଗ୍ରହଣ କରିବା ନେଇ ନିଷ୍ପତ୍ତି ନିଆଯାଇଛି । ବୈଠକରେ ବଲାଙ୍ଗୀରରୁ ଉପଦେଷ୍ଟା ଧନମତ ପାଣିଗ୍ରାହୀ,ନବୀନ ପଶାୟତ, ପୂର୍ଣ୍ଣ ପଣ୍ଡା, ସଚିଦାନନ୍ଦ ବଗର୍ତି, ଶରତ ମିଶ୍ର,ପାଟଣାଗଡ଼ ରୁ ବଂଶୀ ଧର ସେଠ,ଉମାକାନ୍ତ ପ୍ରଧାନ, ଟିଟିଲାଗଡ଼ରୁ ସଞ୍ଜୟ ବେହେରା, ଭଗବାନ ମହାନ୍ତି, ଅଶୋକ ତ୍ରିପାଠୀ କଣ୍ଟାବାଞ୍ଜିରୁ ପୁଷ୍ପକେତୁ ବେହେରା, ସୁରଦାସ ବାଗ,ଆଗଲପୁରରୁ ପ୍ରହଲ୍ଲାଦ କୁମ୍ଭାର ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ ।

## ରେଳ ଷ୍ଟେସନ୍ ନିକଟରେ ଯୁବକକୁ ଆକ୍ରମଣ, ଆହତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର

ରାଉରକେଲା,(ନିପ୍ର): ରାଉରକେଲା ରେଳ ଷ୍ଟେସନ ନିକଟରେ ଯୁବକଙ୍କୁ ଲୁହା ରଡ୍‌ରେ ଆକ୍ରମଣ ଘଟଣାରେ, ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ରାଉରକେଲା ରେଳ ଷ୍ଟେସନ ନିକଟରେ ବୁଧବାର ସନ୍ଧ୍ୟାରେ ଘଟିଥିବା ଏକ ଚାଞ୍ଚଲ୍ୟକର ଘଟଣା । ଜଣେ ଯୁବ ଦୋକାନୀଙ୍କୁ କେତେକ ଅଜଣା ଯୁବକ ଲୁହା ରଡ୍ ଭୂଷି ଗୁରୁତର ଆହତ କରିଥିଲେ । ଆହତ ଯୁବକଙ୍କ ନାମ ଛୋଟେ ଲାଲ ଭଦେରିଆ ବୋଲି ଜଣା ପଡିଛି । ସେ ମଧ୍ୟପ୍ରଦେଶର ହୋଇଥିବା ବେଳେ ଷ୍ଟେସନରେ ଫୁଡ୍ ଭେଣ୍ଡର୍ କାମ କରୁଥିଲେ । ତାଙ୍କୁ ସରକାରୀ ହସ୍ପିଟାଲ୍ ପରେ ଜେପି ଏବଂ ଆପୋଲୋ ହସ୍ପିଟାଲ୍ ନିଆଯାଇଥିଲା । ମାତ୍ର ସେଠାରେ ଭଲ ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ତାଙ୍କ ପେଟରେ ପଶିଥିବା ମୁନିଆଁ ରଡ୍ ଏପର୍ଯ୍ୟନ୍ତ ବାହାର କରାଯାଇପାରିନାହିଁ । ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକ ଏବଂ ପୋଲିସ୍ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଥିଲେ ।

## ଅଣ୍ଡର-୧୨ ଟେନିସ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର : ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏସନ୍ ଏବଂ ଓଡ଼ିଶା ଟେନିସ୍ ଆସୋସିଏସନର ତତ୍ତ୍ୱାବଧାନରେ ମିଶନ୍ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଅଣ୍ଡର-୧୨ ଟେନିସ୍ ଟୁର୍ଣ୍ଣାମେଣ୍ଟ ୨୨ ରୁ ୨୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ମେଣ୍ଢାସାଲର ଗୁରୁକୁଳ ଟେନିସ୍ ଏକାଡେମୀରେ ସଫଳତାର ସହ ସମାପ୍ତ ହୋଇଥିଲା । ବାଳକ ବର୍ଗର ସିଙ୍ଗଲ୍ସ ଫାଇନାଲରେ, ଆନ୍ଧ୍ର ପ୍ରଦେଶର ଆଶୁତୋଷ ବର୍ମା ୬-୪, ୬-



୨ ରେ ଓଡ଼ିଶାର ଆଦ୍ରିଥ ପଟ୍ଟନାୟକଙ୍କୁ ପରାସ୍ତ କରି ତାଙ୍କର ପ୍ରଥମ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏସନ୍ ଅଣ୍ଡର-୧୨ ସିଙ୍ଗଲ୍ସ ଟାଇଟଲ୍ ହାସଲ କରିଥିଲେ । ମାତ୍ର ନଅ ବର୍ଷ ବୟସରେ, ଆସୁତୋଷ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉଲ୍ଲେଖନୀୟ ସଂଯମତା, ସ୍ଥିରତା ଏବଂ ପରିପକ୍ୱତା ପ୍ରଦର୍ଶନ କରିଥିଲେ, ଯାହା ତାଙ୍କ ବିଜୟକୁ ତାଙ୍କ ଯୁବ ଟେନିସ୍ ଯାତ୍ରାରେ ଏକ ସ୍ମରଣୀୟ ମାଇଲଖୁଣ୍ଟ କରିଥିଲା । ବାଳିକା ସିଙ୍ଗଲ୍ସ ଫାଇନାଲରେ, ଓଡ଼ିଶାର ତ୍ରିଶା ସାହୁ ଏକ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶାର ପ୍ରାପ୍ତି ପଦ୍ମାବତୀଙ୍କୁ ୬-୦, ୬-୦ ରେ ପରାସ୍ତ କରି ଚାମ୍ପିଅନସିପ୍ ଟାଇଟଲ ହାସଲ କରିଥିଲେ । ଚାମ୍ପିଅନମାନେ ଯୋଗ୍ୟ ଭାବରେ ଟ୍ରଫି ଉଠାଇଥିଲେ, ସମସ୍ତ ଚାରି ଫାଇନାଲିଷ୍ଟ ଟେନିସର ଏକ ଅସାଧାରଣ ସପ୍ତାହ ବିତାଉଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଦୁଇ ସର୍ବକନିଷ୍ଠ ଫାଇନାଲିଷ୍ଟଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ନଅ ବର୍ଷ ବୟସ୍କା ଆଶୁତୋଷ ବର୍ମା ତାଙ୍କର ପ୍ରଥମ ଥର ପାଇଁ ୧୨ ବର୍ଷ ବୟସ୍କ ଟାଇଟଲ ହାସଲ କରିଥିଲେ, ଯେତେବେଳେ ନଅ ବର୍ଷ ବୟସ୍କା ପ୍ରାପ୍ତି ପଦ୍ମାବତୀ ତାଙ୍କର ପ୍ରଥମ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏସନ୍ ୧୨ ବର୍ଷ ବୟସ୍କ ସିଙ୍ଗଲ୍ସ ଫାଇନାଲରେ ପହଞ୍ଚିଥିଲେ, ଯାହା ଭବିଷ୍ୟତ ପାଇଁ ଏକ ବିଶାଳ ପ୍ରତିଶ୍ରୁତି ପ୍ରଦର୍ଶନ କରିଥିଲା ।

## ପାନୀୟ ଜଳ ପାଇବାରୁ ବଞ୍ଚିତ, ଗ୍ରାମବାସୀଙ୍କ ଧାରଣା



ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ଭୋଦର ପଂଚାୟତ ଗୋବୁନ୍ଦପୁର ଠାରେ ପାନୀୟ ଜଳ ପ୍ରକଳ୍ପ ବିଭାଗ ପକ୍ଷରୁ ୨ଲକ୍ଷ କ୍ଷମତା ବିଶିଷ୍ଟ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ବସିଥିଲା । ଏହି ପ୍ରକଳ୍ପରୁ ଭୋଦର, ଲାଲବାଗ, ଗୋବିନ୍ଦପୁର,ବେଲପୋଖରୀ ସାହି, ବିଶିମାତ୍ରୀ, ବଉଳଦଣ୍ଡା,ଗଡ ଝିଙ୍କିରିଆ, ଜୁଣୁପୁର, ଶଙ୍ଖ ପଡା, ନରହରିପୁର ଦଶହରା ପଡିଆ, କଙ୍କଡା ଗଡିଆ, ଧେବାସାହି, ମାହାରଣା ସାହି, ମୁଣ୍ଡା ସାହି ଆଦି ୧୫ଟି ଗ୍ରାମକୁ ସଂଯୋଗ କରାଯାଇଛି ।

ପ୍ରକଳ୍ପର କ୍ଷମତା ଅନୁଯାୟୀ ପରିବାର ସଂଖ୍ୟା ଅଧିକ ହୋଇଥିବାରୁ ଏଥିରୁ ଲୋକମାନେ ପାନୀୟ ଜଳ ପାଇବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ମାତ୍ର ଏହି ପ୍ରକଳ୍ପ ଅଧୀନରେ ଥିବା ବିଶିମାତ୍ରୀ ଗ୍ରାମର ଲୋକମାନେ ଗତ ତିନିମାସରୁ ଉର୍ଦ୍ଧ୍ୱ ହେବ ପାନୀୟ ଜଳ ନପାଇବାରୁ ଗୁରୁବାର ଶତାଧିକ ପୁରୁଷ ଓ ମହିଳା ପାନୀୟ ଜଳ ପ୍ରକଳ୍ପକୁ ତାଲା ପକାଇ ସମ୍ମୁଖରେ ଧାରଣାରେ ବସିଥିଲେ ।

ଏ ସଂପର୍କରେ ବିଭାଗୀୟ ଅଧିକାରୀ ପ୍ରବୀର କୁମାର ବଳଙ୍କୁ ପଚାରିବାରେ ଏହି ପ୍ରକଳ୍ପରୁ ଲୋକମାନେ ବିଭିନ୍ନ ସ୍ଥାନରେ ପାନୀୟ ଜଳକୁ ଅପବ୍ୟବହାର କରୁଛନ୍ତି । ଫଳରେ ଶେଷ ମୁଣ୍ଡକୁ ପାଣି ପହଂଚିବାରେ ଅସୁବିଧା ହେଉଛି । ଏକ ସପ୍ତାହ ମଧ୍ୟରେ ପାନୀୟ ଜଳ ପ୍ରକଳ୍ପର ମରାମତି କରାଯାଇ ସମସ୍ତ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଲୋକମାନେ ଧାରଣାରୁ ଉଠିଥିଲେ ।

## ବହୁବିଧ ସମସ୍ୟାଘେରରେ କେସିଙ୍ଗା ନିର୍ବାଚନୀ ମଣ୍ଡଳୀ
## ଆଗକୁ ଲଢ଼େଇ ପାଇଁ ସଜବାଜ

କେସିଙ୍ଗା,( ନିପ୍ର) କଳାହାଣ୍ଡି ଜିଲାର ପ୍ରମୁଖ ନିର୍ବାଚନ ମଣ୍ଡଳୀ 'ଭାବରେ ପରିଚିତ କେସିଙ୍ଗା ନିର୍ବାଚନ ମଣ୍ଡଳୀ ବହୁ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ମହଲରେ କୁହାଯାଇଛି ଗତ ୨୦୦୮ ମସିହାରୁ ଦୀର୍ଘ ୧୮ ବର୍ଷ ହେଲାଣି ଏହା ଏକ ପ୍ରକାର ବାପା,ମା ଛେଉଣ୍ଡ ହୋଇ ଯାଇଛି ।୧୯୬୬ ମସିହାରେ ଅସ୍ତିତ୍ୱରେ ଆସିଥିବା କେସିଙ୍ଗା ନିର୍ବାଚନ ମଣ୍ଡଳୀ ୨୦୦୯ ମସିହାରେ ରାଜନୈତିକ ଅଭିସନ୍ଧି ଖଣ୍ଡଯୁଦ୍ଧ ପାଇଁ ଅଧା ଭବାନୀପାଟଣା ସଦର ନିର୍ବାଚନ ମଣ୍ଡଳୀରେ ଓ ଅଧା ନର୍ଲା ନିର୍ବାଚନ ମଣ୍ଡଳୀରେ ମିଶି ନିଜର ଅସ୍ତିତ୍ୱ ହରାଇଥିଲା । ଫଳରେ ମୁରବୀବିହୀନ ସହର ଭାବରେ କେସିଙ୍ଗା ସହର ରହିଛି । ଅନେକ ସମସ୍ୟା ରହିଥିଲେ ସୁଦ୍ଧା କାହାରି ନଜର ପଡୁ ନାହିଁ । ପ୍ରଥମେ ସ୍ୱାସ୍ଥ୍ୟ, ଶିକ୍ଷା, ରାଜନୈତିକ କ୍ଷେତ୍ରରେ ମଧ ଦକ୍ଷତା ଥିବା ଭଳି ପ୍ରାର୍ଥୀ ନ ଥିବାରୁ କେସିଙ୍ଗା ନିର୍ବାଚନ ମଣ୍ଡଳୀକୁ ଭବାନୀପାଟଣା ନିର୍ବାଚନ ଭାବେ ନିଆଗଲା ।ଫଳରେ ଭବାନୀପାଟଣା ରୁ ଅନେକ ରାଜନୈତିକ ଦଳ ମଧ୍ୟ ବିଧାୟକ ଠାରୁ ଆରମ୍ଭ କରି ଏମ୍ ପି ପ୍ରାର୍ଥୀ ହୋଇ ଆସୁଛନ୍ତି ।

କେସିଙ୍ଗା ନିର୍ବାଚନ ମଣ୍ଡଳୀ ହେବାକୁ ଆଉ କେହି ବି ଚାହୁଁ ନାହାନ୍ତି । ଫଳରେ କେସିଙ୍ଗା ଅଞ୍ଚଳରେ ଦିନକୁ ଦିନ ଅନେକ ସମସ୍ୟା ଦେଖା ଯିବା ସହ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଗମନାଗମନ ଆଦି କ୍ଷେତ୍ରରେ ସମସ୍ୟା ଘେରି




ରହିଛି ।କେସିଙ୍ଗାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକତା ଅନୁସାରେ ଡାକ୍ତର ଓ ବିଶେଷଜ୍ଞ ଅଭାବ, ଜିଲ୍ଲାର ସବୁଠୁ ଓସାରିଆ ଜାତୀୟ ରାଜପଥ ଅଛି ହେଲେ ଟ୍ରାଫିକ ସମସ୍ୟା, ପ୍ରାୟ ପାଖା ପାଖି ୪ ଶହ କୋଟି ଟଙ୍କା ବ୍ୟୟରେ ରେଳ ଓଭର ବ୍ରିଜ ହେଉଛି ହେଲେ ତାହାର ଅବସ୍ଥିତିକୁ ନେଇ ବଢୁଛି ଅସନ୍ତୋଷ । ଭିତ୍ତିଭୂମି , ବଜାର ଓ ପରିବହନର ସମସ୍ତ ସୁବିଧା ଥାଇ କେସିଙ୍ଗା ସୂତାକଳ ଦୀର୍ଘ ଦିନ ଧରି ବନ୍ଦ ପଡ଼ିଛି । ଗତ ୧୯୮୩-୮୪ମସିହାରେ ଶୁଭାରମ୍ଭ ହୋଇ ଥିବା ପେପର ମିଲ ଆଜି ଯାଏ କିଛି କାମ ହେଲା ନାହିଁ ।୧୫୦ଜଣ ଚାଷୀଙ୍କ ୧୮୦ଏକର ଜମି ହରାଇ ନିରାଶରେ ବସିଛନ୍ତି ଏହି ଜମିରେ ପୂର୍ବ ସରକାରଙ୍କ ଅମଳରେ ୧୨କୋଟି ବ୍ୟୟରେ ଏମ୍ ଏସ ଏମ୍ ଇ ପାର୍କ ନିର୍ମାଣ ପାଇଁ ବାଡ଼ା,ଡ୍ରେନ,ରୋଡ଼ ନିର୍ମାଣ କର ଗଲା କିନ୍ତୁ ତାହା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି । ଏହିପରି ଅନେକ ସମସ୍ୟା ଦେଖିବାକୁ ମିଳୁଥିଲେ ମଧ ରାଜନୈତିକ ଦଳର ହସ୍ତକ୍ଷେପର ଅଭାବରୁ ସମସ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । ଚଳିତ ବର୍ଷ ନିର୍ବାଚନ ମଣ୍ଡଳୀର ପୁନଃ ସୀମାନିର୍ଦ୍ଧାରଣ ହେବ ବୋଲି ଜଣାପଡିବା ପରେ କେସିଙ୍ଗାରେ ଏହାର ପ୍ରତିକ୍ରିୟା ଆରମ୍ଭ ହୋଇଦେଖିବା ମିଳୁଛି । ଏହି ନିର୍ବାଚନ ମଣ୍ଡଳୀର ମହତ୍ତ୍ୱକୁ ଫେରାଇ ଆଣିବାକୁ ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ସଚେତନ ସହିତ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବୀ ହେଉଛି । ବହୁତ ଶୀଘ୍ର ଉକ୍ତ ବିଷୟକୁ ନେଇ ସହରରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି । ଏନେଇ କେସିଙ୍ଗାର ଏକ ସାମାଜିକ ଗଣମାଧ୍ୟମ ସତ୍ୟର ସ୍ୱର ପକ୍ଷରୁ ସହରରେ କେସିଙ୍ଗା ନିର୍ବାଚନ ମଣ୍ଡଳୀ ଫେରାଇ ଆଣିବାକୁ ପୋଷ୍ଟର ଲଗାଇ ଅଞ୍ଚଳବାସୀଙ୍କୁ ଏକଜୁଟ ହୋଇ ସରକାରଙ୍କ ପାଖରେ ଦାବି ଉପସ୍ଥାନ ସହ ଦରକାର ପଡିଲେ ଅହିଂସ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଲୋକଙ୍କୁ ଜନ ସଚେତନ କରାଉ ଥିବାର ଜଣାପଡିଛି ।

# କାବେରୀ ନଦୀରେ ବୁଡ଼ି ୫ ଜଣଙ୍କ ମୃତ୍ୟୁ

କର୍ଣ୍ଣାଟକ, ୨୫।୬: କର୍ଣ୍ଣାଟକର ମାଣ୍ଡ୍ୟା ଜିଲ୍ଲାର ମୁଥାଥି ଅଞ୍ଚଳରେ ଘଟିଛି ଏକ ହୃଦୟବିଦାରକ ଅଘଟଣ । କାବେରୀ ନଦୀରେ ବୁଡ଼ି ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଏକ ଦଳ ପର୍ଯ୍ୟଟକ ମାଣ୍ଡ୍ୟା ଜିଲ୍ଲାର ମୁଥାଥି ଅଞ୍ଚଳକୁ ବୁଲିବାକୁ ଯାଇଥିଲେ । ସେମାନେ କାବେରୀ ନଦୀ କୂଳରେ ସମୟ ବିତାଉଥିବାବେଳେ କିଛି ଲୋକ ନଦୀ ଭିତରକୁ ପଶି ପହଁରିବା ସହ ଭିଡିଓ ଓ ଫଟୋ ଉଠାଉଥିଲେ । ଏହି ସମୟରେ ନଦୀର ଗଭୀର ପାଣି ଓ ପ୍ରବଳ ସ୍ରୋତରେ ସେମାନେ ଭାସିଯାଇଥିଲେ। ଘଟଣାସ୍ଥଳରେ ଥିବା ଅନ୍ୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରିନଥିଲେ।

# ପେଟ୍ରୋଲ ଦାମକୁ ନେଇ ବଚସା
# ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଜୀବନ୍ତ ଜାଳିଦେଲେ ଦୁର୍ବୃତ୍ତ



ନୂଆଦିଲ୍ଲୀ, ୨୫।୬: ମଧ୍ୟପ୍ରଦେଶର ଗ୍ୱାଲିୟରରେ ପେଟ୍ରୋଲ ଦାମକୁ ନେଇ ବଚସା ପରେ ଜଣେ ୨୬ ବର୍ଷୀୟ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ତିନି ଜଣ ଯୁବକ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଘଟଣାଟି ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଘଟିଥିଲା। ଆକାଶ ସେଙ୍ଗାର ନାମକ ପୀଡିତଙ୍କ ଅବସ୍ଥା ଗୁରୁତର ଥିବାବେଳେ ସେ ଜୟାରୋଗ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ବଞ୍ଚାଇବାକୁ ଆସିଥିବା ତାଙ୍କ ବାପା ମଧ୍ୟ ପୋଡ଼ି ହୋଇ ଆହତ ହୋଇଛନ୍ତି। ପୁଲିସର ସୂଚନା ଅନୁଯାୟୀ, ତିନି ଜଣ ବ୍ୟକ୍ତି ଏକ ବୁଲେଟରେ ପେଟ୍ରୋଲ ପମ୍ପରେ ପହଞ୍ଚି ତେଲ ଦର ନେଇ ଆକାଶଙ୍କ ସହ ଯୁକ୍ତିତର୍କ କରିଥିଲେ। ଧୀରେ ଧୀରେ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପୁଲିସ କହିଛି ଯେ, ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଆକାଶଙ୍କ ଉପରେ ପେଟ୍ରୋଲ ଢାଳି ଲାଇଟର ବ୍ୟବହାର କରି ନିଆଁ ଲଗାଇ ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ହୁତୁହୁତୁ ନିଆଁରେ ଜଳୁଥିବାବେଳେ ଆକାଶ ସାହାଯ୍ୟ ପାଇଁ ଆକୁଳ ଚିତ୍କାର କରୁଥିବାବେଳେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ନିକଟସ୍ଥ ଏକ ଟୁର୍ ଓ ଟ୍ରାଭେଲ୍ ଅଫିସରେ ସୁରକ୍ଷାକର୍ମୀ ଭାବରେ କାର୍ଯ୍ୟ କରୁଥିବା ତାଙ୍କ ବାପା ରାମଚନ୍ଦ୍ର ସେଙ୍ଗାର ସେଠାରେ ପହଞ୍ଚି ପୁଅକୁ ବଞ୍ଚାଇବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ। ରାମଚନ୍ଦ୍ରଙ୍କ ଗୋଡ ପୋଡ଼ି ଯାଇଥିଲା। ସ୍ଥାନୀୟ ଲୋକମାନେ ନିଆଁ ଲିଭାଇ ଉଭୟ ବାପପୁଅଙ୍କୁ ଜୟାରୋଗ୍ୟ ହସ୍ପିଟାଲର ବର୍ଣ୍ଣ ୱାର୍ଡରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ଏକ ଏତଲା ରୁଜୁ ହୋଇଛି। ପୁଲିସ ଦୁଇଜଣ ଅଭିଯୁକ୍ତ ଡୋଲି ଓରଫ ଅନୁଜ ଗୁର୍ଜର ଓ ସଚିନ ଗୁର୍ଜରଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଅରବିନ୍ଦ ଛାଭାଇ ଫେରାର୍ ଅଛି। ପୁଲିସ ସେହି ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରୁଛି।

# ଏମପି ଶିକ୍ଷା ସୋସାଇଟି ପାଣ୍ଠି ହେରଫେର ମାମଲା
# ୪ କୋଟି ନଗଦ ଟଙ୍କା ଜବତ

ନୂଆଦିଲ୍ଲୀ, ୨୫।୬: ମଧ୍ୟପ୍ରଦେଶର ଏକ ପ୍ରତିଷ୍ଠିତ ଶିକ୍ଷା ସୋସାଇଟିର ପାଣ୍ଠି ବେଆଇନ ହେରଫେର ଓ ସେଗୁଡ଼ିକୁ ଅନ୍ୟ ଆଡ଼େ ବ୍ୟବହାର କରିବା ଅଭିଯୋଗରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମନି ଲଣ୍ଡରିଂ ମାମଲାର ଯାଞ୍ଚ କରୁଥିବା ଏହି କେନ୍ଦ୍ରୀୟ ସଂସ୍ଥା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩.୯୭ କୋଟି ଟଙ୍କାର ନଗଦ ରାଶି ଏବଂ ପ୍ରାୟ ୩.୪୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଜବତ କରିଛି। ଗତ ଜୁନ୍ ୨୩ ତାରିଖରେ ''ଶ୍ରୀ ଆସ୍ଥା ଫାଉଣ୍ଡେସନ ଫର ଏଜୁକେସନ ସୋସାଇଟି'' ବିରୋଧରେ ଆର୍ଥିକ ଅନିୟମିତତା ନିରୋଧୀ ଆଇନ ଅଧୀନରେ ଏହି ସର୍ଚ୍ଚ ଅପରେସନ କରାଯାଇଥିବା ନେଇ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ମଧ୍ୟପ୍ରଦେଶ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଜୟନାରାୟଣ ଚୌକସେ ଏବଂ ଅନ୍ୟମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ଏଫଆଇଆର ଆଧାରରେ ଇଡି ଏହି ମାମଲାର ଯାଞ୍ଚ କରୁଛି। ଇଡିର ସୂଚନା ଅନୁଯାୟୀ, ରାଜ୍ୟର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଗୋଷ୍ଠୀ ''ଏଲଏନସିଟି ଗ୍ରୁପ''ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଜୟନାରାୟଣ ଚୌକସେ ଏବଂ ଚୌକସେ ଗ୍ରୁପ୍ ସହିତ ଜଡ଼ିତ ବିଭିନ୍ନ ଆବାସିକ ପରିସର, କାର୍ଯ୍ୟାଳୟ, ଟ୍ରଷ୍ଟ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଏହି ଚଢ଼ାଉ କରାଯାଇଥିଲା। ''ଶ୍ରୀ ଆସ୍ଥା ଫାଉଣ୍ଡେସନ ଫର ଏଜୁକେସନ ସୋସାଇଟି'' ଅଧୀନରେ ଅନେକ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ପରିଚାଳିତ ହେଉଥିବା ବେଳେ ଏହାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚୌକସେ ପରିବାର ଏବଂ ସେମାନଙ୍କ ସହଯୋଗୀଙ୍କ ହାତରେ ରହିଥିଲା। ତେବେ ଏହି ସମଗ୍ର ସଂସ୍ଥା ତରଫରୁ ବଡ଼ ଧରଣର ଆର୍ଥିକ ପ୍ରତାରଣା କରାଯାଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଚଢ଼ାଉ ସମୟରେ ଇଡି ବିପୁଳ ପରିମାଣର ଆର୍ଥିକ କାରବାରର ଦଲିଲ୍ ଏବଂ ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର ମଧ୍ୟ ଜବତ କରିଛି।

# ଥାନାରେ ପଶି ପୋଲିସକୁ ମାଡ଼ ମାରିଲା ସେନା
# ୪୦ ସୈନିକଙ୍କ ବିରୋଧରେ ଏଫଆଇଆର

କିସ୍ତୱାର, ୨୫।୬: ଥାନା ଭିତରେ ପଶି ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଏବଂ ସରକାରୀ ସମ୍ପତ୍ତିକୁ କ୍ଷତି ପହଞ୍ଚାଇବା ଅଭିଯୋଗରେ ଜାମ୍ମୁ -କାଶ୍ମୀର ପୋଲିସ ଜଣେ ସେନା କମାଣ୍ଡିଂ ଅଫିସରଙ୍କ ସମେତ ୪୦ ସେନା କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାଟି କିସ୍ତୱାର ଜିଲ୍ଲାର ଏକ ପୋଲିସ ଷ୍ଟେସନରେ ଘଟିଛି। ସେନା ପକ୍ଷରୁ କୁହାଯାଇଛି ଏହି ଘଟଣାର ତଦନ୍ତ କରାଯାଉଛି ଏବଂ ମିଳିତ ତଦନ୍ତ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଧିକାରୀଙ୍କ ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଜଣେ ସେନା ଅଧିକାରୀଙ୍କ ବ୍ୟକ୍ତିଗତ ଗାଡ଼ିକୁ ପୋଲିସ ଦଳ ଅଟକାଇ ଜବତ କରିବା ସମୟରେ ଏହି ଘଟଣା ଘଟିଥିଲା। ଆଥୋଲି ଥାନାରେ ରୁଜୁ ହୋଇଥିବା ଏଫଆଇଆରରେ କୁହାଯାଇଛି ଯେ ଜୁନ୍ ୨୪ ତାରିଖରେ ଷ୍ଟେସନ ହାଉସ୍ ଅଫିସର (ଏସଏଚଓ), ଇନ୍ସପେକ୍ଟର ଅମୃତ କୋଟାଚ ଡେପୁଟି କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେବାକୁ ପଡ୍ଡରର ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିବା ସମୟରେ ଏହି ଘଟଣା ଘଟିଥିଲା। କୋଟାଚ୍ ତାଙ୍କ ଅଭିଯୋଗରେ କହିଛନ୍ତି ଯେ ତାଙ୍କୁ ଏକ ଫୋନ୍ ଆସିଥିଲା ଯେଉଁଥିରେ ତାଙ୍କୁ ସୂଚନା ଦିଆଯାଇଥିଲା ଯେ ଏକ ଅପରାଧିକ ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ ପୋଲିସ ଷ୍ଟେସନ ପରିସରରେ ଏକ ହିଂସାତ୍ମକ ଆକ୍ରମଣ ହୋଇଛି ।

# ତୈଳ ପରିବହନ ଖର୍ଚ୍ଚ ନଅ ଗୁଣ ବୃଦ୍ଧି ପାଇଛି

ନୂଆଦିଲ୍ଲୀ, ୨୫।୬: ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବାର ରିପୋର୍ଟ ମଧ୍ୟରେ, ଏକ ନୂତନ ସମସ୍ୟା ଦେଖାଦେଇଛି। ଯୁଦ୍ଧବିରତି ପରେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜଗୁଡ଼ିକର ଗତି ଦ୍ରୁତ ଗତିରେ ପୁନର୍ବାର ଆରମ୍ଭ ହୋଇଥିବା ବେଳେ, ଏବେ ଜାହାଜର ଘୋର ଅଭାବ ଦେଖାଦେଇଛି। ଫଳସ୍ୱରୂପ, ଭାରତ ଅଭିମୁଖେ ଯାଉଥିବା ଏକ ବଡ଼ ତେଲ ଟ୍ୟାଙ୍କର ପାଇଁ ମାଲ ପରିବହନ ଦର ମାନକ ହାରର ପ୍ରାୟ ନଅ ଗୁଣ ସ୍ଥିର କରାଯାଇଛି – ରିପୋର୍ଟ ଅନୁଯାୟୀ ଏହା ବର୍ଷର ସର୍ବୋଚ୍ଚ। ଏହା ବ୍ୟତୀତ, ଦକ୍ଷିଣ କୋରିଆର ଜାହାଜ କମ୍ପାନୀ ସିନୋକୋର ଦ୍ୱାରା ଏହି ବୁକିଂ ଦର୍ଶାଉଛି ଯେ ହର୍ମୁଜ ପ୍ରଣାଳୀରେ ସଙ୍କଟ ଦୂର ହୋଇନାହିଁ;





ବରଂ ଏହା ଏକ ନୂତନ ରୂପରେ ପ୍ରକାଶ ପାଇଛି। ପର୍ସିଆନ ଉପସାଗରରୁ ଭାରତକୁ ଅଶୋଧିତ ତୈଳ ପରିବହନ ପାଇଁ ବୁକ ହୋଇଥିବା ବଡ଼ ଜାହାଜର କ୍ଷମତା ପ୍ରାୟ ୨ ନିୟୁତ ବ୍ୟାରେଲ। ଜାହାଜ ଦଲାଲଙ୍କ ଅନୁଯାୟୀ, ସମ୍ମତ ହୋଇଥିବା ମାଲ ପରିବହନ ଦର ସାଧାରଣର ପ୍ରାୟ ନଅ ଗୁଣ, ଯାହା ବର୍ଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୁକିଂ। ଏହି ସଂଖ୍ୟା ନିଜେ ସୂଚାଇ ଦିଏ ଯେ, ଉତ୍ତେଜନା ହ୍ରାସ ପାଇବାର ରିପୋର୍ଟ ସତ୍ତ୍ୱେ, ସମୁଦ୍ରରେ ପରିସ୍ଥିତି ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇନାହିଁ। ତୈଳ ଟ୍ୟାଙ୍କର ପାଇଁ ମାଲ ପରିବହନ ଦର ସିଧାସଳଖ ଡଲାର ପରିମାଣରେ ନିର୍ଣ୍ଣୟ କରାଯାଏ ନାହିଁ ବରଂ ପ୍ରତ୍ୟେକ ରୁଟ ପାଇଁ ଏକ ମାନକ ହାର ଉପରେ ଆଧାରିତ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମାଧ୍ୟମରେ ନିର୍ଣ୍ଣୟ କରାଯାଏ। ଯେତେବେଳେ ଏକ ଜାହାଜ ବୁକ କରାଯାଏ, ସେତେବେଳେ ମୂଲ୍ୟ ଏହି ମାନକ ହାର ସହିତ ସମାନ ପ୍ରତିଶତ ଭାବରେ ଉଦ୍ଧୃତ ହୁଏ। ସରଳ ଭାଷାରେ କହିବାକୁ ଗଲେ, ତେଲ ଆମଦାନୀ କରୁଥିବା କମ୍ପାନୀ ଗୋଟିଏ ପ୍ରେରଣ ପାଇଁ ମାନକ ଖର୍ଚ୍ଚର ନଅ ଗୁଣ ସମାନ ପରିମାଣ ପ୍ରଦାନ କରୁଛି। ଉତ୍ତେଜନା ହ୍ରାସ ହେବା ସତ୍ତ୍ୱେ ମାଲ ପରିବହନ ଦର କାହିଁକି ଏତେ ଉଚ୍ଚ ରହିଛି ତାହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଏକ ସଂଘର୍ଷ ମାର୍ଚ୍ଚ ୨୦୨୬ ରେ ଆରମ୍ଭ ହୋଇଥିଲା, ଯାହା ଫଳରେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ୯୨ ପ୍ରତିଶତ ହ୍ରାସ ପାଇଥିଲା।

# ହର୍ମୁଜ୍ ପାର୍ କରି ଭାରତ ଅଭିମୁଖେ ବାହାରିଲା ୩୦ ଜାହାଜ

ନୂଆଦିଲ୍ଲୀ, ୨୫।୬: ଆମେରିକା-ଇରାନ ଚୁକ୍ତି ପରେ ବଡ଼ ଆଶ୍ୱସ୍ତି, ହୋର୍ମୁଜ୍ ପାର୍ କରି ଭାରତ ଅଭିମୁଖେ ବାହାରିଲେ ୩୦ ଜାହାଜ। ପଶ୍ଚିମ ଏସିଆରେ ଦୀର୍ଘ ସପ୍ତାହ ଧରି ଲାଗି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଭାରତ ସମେତ ସମଗ୍ର ବିଶ୍ୱର ଶକ୍ତି ବଜାର ପାଇଁ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଇରାନ ଏବଂ ଆମେରିକା ମଧ୍ୟରେ ଅନ୍ତରୀଣ ଚୁକ୍ତି ପରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତେଲ ପରିବହନ ମାର୍ଗ ହର୍ମୁଜ୍ ପ୍ରଣାଳୀ ଦେଇ ୩୦ଟି ବାଣିଜ୍ୟିକ ଜାହାଜ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି। ଏହାସହ ଅନ୍ୟ ୨୬ଟି ଜାହାଜ ଏବେ ବାହାରିବା ପାଇଁ ପ୍ରସ୍ତୁତ ଅଛନ୍ତି । ସାମୁଦ୍ରିକ ଯାତାୟାତ ସ୍ୱାଭାବିକ ହେବା ସହ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦରରେ ବଡ଼ ହ୍ରାସ ଘଟିଛି । ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏବଂ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାରତ ଅଭିମୁଖେ ଆସୁଥିବା ୩୦ଟି ଜାହାଜ ଏ ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀ ସଫଳତାର ସହ ପାର୍ କରିସାରିଛନ୍ତି । ପାର୍ ହୋଇଥିବା ୩୦ଟି ଜାହାଜ ମଧ୍ୟରୁ ୧୫ଟି ଏଲଏନଜି, ଏଲପିଜି ଗ୍ୟାସ୍ ଜାହାଜ, ୮ଟି ବଲ୍କ କାର୍ଗୋ ଜାହାଜ ଏବଂ ୭ଟି ଅଶୋଧିତ ତେଲ ବୋଝେଇ ଜାହାଜ ରହିଛି। ବାକି ୨୬ଟି ଜାହାଜ ମଧ୍ୟରୁ ୩ଟି ଏନର୍ଜି କାର୍ଗୋ, ୧୦ଟି ସାର ଏବଂ ୧୩ଟି ଅନ୍ୟାନ୍ୟ ଜରୁରୀ ସାମଗ୍ରୀରେ ଭର୍ତ୍ତିଅଛି । ଭାରତ ଆସୁଥିବା ୩୦ଟି ଜାହାଜ ମଧ୍ୟରୁ ୧୭ଟିରେ ବିଦେଶୀ ପତାକା ଲାଗିଥିବା ବେଳେ ସେଗୁଡ଼ିକର ଗନ୍ତବ୍ୟ ସ୍ଥଳ ଭାରତ । ଏଥିମଧ୍ୟରୁ ସବୁଠାରୁ ଅଧିକ ୫ଟି ଜାହାଜ ମାର୍ଶଲ ଆଇଲ୍ୟାଣ୍ଡରେ ପଞ୍ଜିକୃତ ହୋଇଛି ।

# ଏମଭିଏ ମେଣ୍ଟର ରଣନୀତି ବୈଠକରେ ୨୩ ବିଧାୟକ ଅନୁପସ୍ଥିତ



ମୁମ୍ବାଇ, ୨୫।୬: ଶିବସେନା (ୟୁବିଟି)ର ୬ ଜଣ ସାଂସଦ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେବାର କିଛି ଦିନ ପରେ ଏବେ ପୁଣି ଏମଭିଏ ( ମହା ବିକାଶ ଅଘାଡ଼ି) ମେଣ୍ଟରେ ସଦ୍ୟ ସଙ୍କଟ ଉପୁଜିଛି। ମିଳିଥିବା ସୂଚନାନୁଯାୟୀ ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେଶନ ସମୟରେ ଏମଭିଏର ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି ବୈଠକ ଡକାଯାଇଥିଲା। କିନ୍ତୁ ଏମଭିଏର ମୋଟ୍ ୬୦ ବିଧାୟକଙ୍କ ମଧ୍ୟରୁ କେବଳ ୩୭ ଜଣ ବୈଠକରେ ଯୋଗ ଦେଇଥିଲେ। ୨୩ ବିଧାୟକ ବୈଠକକୁ ଆସିନଥିଲେ। ସମସ୍ତ ୩ ମେଣ୍ଟ ସହଯୋଗୀ କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପି(ଏସ୍ପି)ର ସଦସ୍ୟମାନେ ବୈଠକରେ ଅନୁପସ୍ଥିତ ଥିଲେ। ବରିଷ୍ଠ ନେତା ଶରଦ ପାୱାର ଏବଂ ଜୟନ୍ତ ପାଟିଲ ମଧ୍ୟ ଏହି ବୈଠକକୁ ଆସିନଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ଉଭୟ ଶରଦ ଏବଂ ଜୟନ୍ତ ପାଟିଲ ବୈଠକରେ ଯୋଗ ଦେଇନଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଉଦ୍ଧବ ଠାକରେ କହିଥିଲେ ସତରେ କ'ଣ ଆମେ ଏକାଠି ଅଛେ। ଉଲ୍ଲେଖଯୋଗ୍ୟ ଯେ ନିକଟରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳକୁ ସଂସଦରେ ଶକ୍ତ ଝଟକା ଲାଗିଥିବାବେଳେ ଏହି ସମୟର ବିରୋଧୀ ମେଣ୍ଟରେ ଏକଜୁଟତା ଅଛି କି ନା' ସେନେଇ ପ୍ରଶ୍ନ ଉଠିଛି। ଏତିକି ବେଳେ ପୁଣି ବିଧାୟକମାନଙ୍କ ଅନୁପସ୍ଥିତିକୁ ନେଇ ସଦ୍ୟ ପ୍ରଶ୍ନ ଉପୁଜିଛି। ମିଳିଥିବା ସୂଚନାନୁଯାୟୀ ବୈଠକରେ ଉଦ୍ଧବ ମେଣ୍ଟ ସହଯୋଗୀମାନଙ୍କୁ ଏକ ବାର୍ତ୍ତା ଦେଇ କହିଥିଲେ ଯେ ଏକତା କେବଳ ଏକ ରାଜନୈତିକ ସ୍ଲୋଗାନରେ ସୀମିତ ରହିବନାହିଁ। ଠାକରେ କହିଛନ୍ତି, ' ଆମେ ମହା ବିକାଶ ଅଘାଡ଼ି ଭାବେ ଏକାଠି ଅଛେ ବୋଲି ଦାବି କରୁଛେ। କିନ୍ତୁ ସତରେ କ'ଣ ଆମେ ଏକାଠି ଅଛେ। ଯଦି ଆମେ ଏକାଠି ଅଛେ ତେବେ ଆମେ ଏବେଠାରୁ ଏକାଠି କାମ କରିବା ଉଚିତ ଏବଂ ଏକାଠି ରହିବା ଉଚିତ। ମେଣ୍ଟ ବିଧାନସଭାରେ ଏକାଠି ଫଳପ୍ରଦ ଭାବେ କାମ କରୁଛି କି ନାହିଁ ସେନେଇ ଠାକରେ ପ୍ରଶ୍ନ କରିଥିଲେ ।

## ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ହେର୍‌ଫେର୍
# ଏସ୍‌ଆଇଟି ତଦନ୍ତ ପରେ ୮ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ



ଅଯୋଧ୍ୟା, ୨୫।୬: ଅଯୋଧ୍ୟାସ୍ଥିତ ଶ୍ରୀ ରାମ ମନ୍ଦିର ନିର୍ମାଣ ପାଇଁ ମିଳିଥିବା ଚାନ୍ଦା ହେରଫେର ମାମଲାରେ ୮ ଜଣ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ ହୋଇଛି । ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି)ର ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ ରାମ ଜନ୍ମଭୂମି ପୁଲିସ ଷ୍ଟେସନରେ ଏହି ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଶ୍ରୀ କୃଷ୍ଣ ମୋହନ ଅଭିଯୋଗ କରିଥିଲେ। ଏହାପରେ ଉତ୍ତର ପ୍ରଦେଶ ସରକାରଙ୍କର ନିର୍ଦ୍ଦେଶ କ୍ରମେ ମାମଲାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୬, ୩୧୬(୫), ୩୧୭(୪), ୩୧୭(୫), ୬୧ ଏବଂ ୩(୫) ଧାରା ଲଗାଯାଇଛି। ମିଳିଥିବା ସୂତ୍ର ଅନୁସାରେ, ମନ୍ଦିର ଟ୍ରଷ୍ଟ ଏଫଆଇଆରରେ ୮ ଜଣଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଯାଇଛି। ଅନେକ ଅଜଣା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଅଭିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ମନୀଷ ଯାଦବ, ରାମଶଙ୍କର ମିଶ୍ର, ରାମଶଙ୍କର ଯାଦବ ଓରଫ ଟିନ୍ନୁ, ସୁଭାଷ ଚନ୍ଦ୍ର, କରୁଣେଶ ପାଣ୍ଡେ ଏବଂ ଆଉ ଜଣେ ଅଭିଯୁକ୍ତ ଅଛନ୍ତି ଯାହାଙ୍କ ନାମ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଏଫଆଇଆରରେ ଉଦ୍ଦେଶ୍ୟମୂଳକ ଚୋରି, ଅଭ୍ୟାସଗତ ଚୋରି, ଚୋରିରେ ସହାୟତା ଏବଂ ଅପରାଧିକ ଷଡ଼ଯନ୍ତ୍ର ଅଧୀନରେ ସରକାରୀ କର୍ମଚାରୀ କିମ୍ବା ସଂସ୍ଥାଗତ କର୍ମଚାରୀଙ୍କ ଦ୍ୱାରା ଅପରାଧିକ ବିଶ୍ୱାସ ଭଙ୍ଗ ସମ୍ପର୍କିତ ଅଭିଯୋଗ ରହିଛି। ସମ୍ପତ୍ତି ଆତ୍ମସାତ, ଠକେଇ ଏବଂ ଅପରାଧିକ ଷଡ଼ଯନ୍ତ୍ର ସମ୍ପର୍କିତ ଧାରା ଅନୁଯାୟୀ ମାମଲା ପଞ୍ଜିକୃତ ହୋଇଛି ।ସମସ୍ତ ୮ ଜଣ ଅଭିଯୁକ୍ତଙ୍କଠାରୁ ଟଙ୍କା ଆଦାୟ କରାଯିବା ପରେ ସେମାନଙ୍କୁ ହେପାଜତକୁ ନିଆଯାଇଛି ବୋଲି ସୂତ୍ରରୁ ସୂଚନା ମିଳିଛି। ଚଳିତ ବର୍ଷ ଜୁନ୍ ୧୩ ତାରିଖରେ ରାମ ମନ୍ଦିରକୁ ମିଳୁଥିବା ଚାନ୍ଦାରେ ଅନିୟମିତତା ନେଇ ଆସିଥିବା ଅଭିଯୋଗ ପରେ, ଟ୍ରଷ୍ଟର ଅନୁରୋଧ କ୍ରମେ ଉତ୍ତର ପ୍ରଦେଶ ସରକାର ଏସଆଇଟି ଗଠନ କରିଥିଲେ। ପ୍ରସଙ୍ଗଟି ଜୁନ୍ ୭ ତାରିଖରେ ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବଙ୍କ ମନ୍ତବ୍ୟ ପରେ ରାଜନୈତିକ ମୋଡ଼ ନେଇଥିଲା। ସେ ମନ୍ଦିର ଚାନ୍ଦାର କୋଟି କୋଟି ଟଙ୍କା ନିଖୋଜ ଥିବା ନେଇ ରିପୋର୍ଟର ଦ୍ୱାହି ଦେଇ ଅଦାଲତଙ୍କ ହସ୍ତକ୍ଷେପ ଲୋଡିଥିଲେ।ଏହାର ଜବାବରେ ଉତ୍ତର ପ୍ରଦେଶ ମନ୍ତ୍ରୀ ସଞ୍ଜୟ କୁମାର ନିଶାଦ କହିଛନ୍ତି ଯେ ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ଏହି ବିବାଦରୁ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି।

# ୟୁରୋପରେ ବଢୁଛି ଅଂଶୁଘାତ: ୪୮ ମୃତ

ନୂଆଦିଲ୍ଲୀ, ୨୫।୬: ୟୁରୋପରେ ଏବେ ଭୀଷଣ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଫ୍ରାନ୍ସ, ବ୍ରିଟେନ, ଇଟାଲୀ, ସ୍ପେନ୍, ବେଲଜିୟମ, ନେଦରଲ୍ୟାଣ୍ଡ ଓ ସ୍ୱିଜରଲ୍ୟାଣ୍ଡ ସମେତ ଅନେକ ଦେଶରେ ଲଗାତାର ତାପମାତ୍ରାର ନୂଆ ରେକର୍ଡ ସୃଷ୍ଟି ହେଉଛି। ତାପମାତ୍ରା ବୃଦ୍ଧି ଯୋଗୁ ପରିସ୍ଥିତି ଏପରି ହୋଇଛି ଯେ ଅନେକ ସ୍ଥାନରେ ସ୍କୁଲ ବନ୍ଦ କରାଯାଇଛି। ତାପମାତ୍ରା ବୃଦ୍ଧି ଯୋଗୁ ଟ୍ରେନ ଓ ଅନ୍ୟ ପରିବହନ ସେବାଗୁଡିକ ଉପରେ ପ୍ରଭାବ ପଡୁଛି। ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ଘରେ ରହିବାକୁ ଓ ପର୍ଯ୍ୟାପ୍ତ ପାଣି ପିଇବାକୁ କହୁଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଫ୍ରାନ୍ସ। ସୂଚନା ଅନୁସାରେ ଦକ୍ଷିଣ-ପଶ୍ଚିମ ସହର ପିସସୋସରେ ତାପମାତ୍ରା ୪୪ ଡିଗ୍ରି ସେଲସିୟସ୍ ପାର ହୋଇଛି। ଗତ ବର୍ଷମାନଙ୍କରେ ରେକର୍ଡ ହୋଇଥିବା ତାପମାତ୍ରା ଠାରୁ ଏହା ସର୍ବାଧିକ। ବଢୁଥିବା ତାପମାତ୍ରାକୁ ନଜରରେ ରଖି ପ୍ରଶାସନ ଅନେକ ଅଞ୍ଚଳରେ ଆଲର୍ଟ ଜାରି କରିଛି। ଉତ୍ତାପ ବୃଦ୍ଧି ଯୋଗୁ ବିଜୁଳି ବ୍ୟବସ୍ଥା ଓ ସାର୍ବଜନିକ ସେବା ଉପରେ ଚାପ ବଢି ଯାଇଛି। ତାପମାତ୍ରା ବୃଦ୍ଧିର ପ୍ରଭାବ ଲୋକଙ୍କ ଜୀବନ ଉପରେ ମଧ୍ୟ ପଡୁଛି। ଗରମରୁ ରକ୍ଷା ପାଇବା ପାଇଁ ଫ୍ରାନ୍ସରେ ଲୋକେ ନଦୀ ଓ ଜଳ ଉତ୍ସକୁ ମୁହାଁଇଛନ୍ତି। ଏଣୁ ପାଣିରେ ବୁଡି ଅନେକ ଲୋକ ପ୍ରାଣ ହରାଇଲେଣି। ଫ୍ରାନ୍ସ ରେ ଗ୍ରୀଷ୍ମ ମୃତ୍ୟୁ ସଂଖ୍ୟା ୪୦ରୁ ବଢି ୪୮କୁ ପହଞ୍ଚିଛି। ସେହିପରି ସ୍ପେନରେ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତରେ କିଛି ଲୋକଙ୍କ ମୃତ୍ୟୁ ହୋଇଛି। ଏପରି ଗ୍ରୀଷ୍ମ ପ୍ରବାହ ପାଇଁ ପାଣିପାଗ ବୈଜ୍ଞାନିକ 'ହିଟ ଡୋମ' ନାମକ ପାଣିପାଗ ସ୍ଥିତିକୁ ଦାୟି କରିଛନ୍ତି। ଏଥିରେ ଗରମ ପବନର ବିଶାଳ ବଳୟ କୌଣସି ଏକ କ୍ଷେତ୍ର ଉପରେ ସ୍ଥାୟୀ ହୋଇ ରହିଯାଏ।

# ଅଭିନେତ୍ରୀଙ୍କ ଘରୁ ମିଳିଲା ବ୍ୟବସାୟୀଙ୍କ ମୃତଦେହ

ନୂଆଦିଲ୍ଲୀ, ୨୫।୬: ବିବାଦରେ କନ୍ନଡ ଅଭିନେତ୍ରୀ କ୍ରିଶି ଥାପଣ୍ଡା। ବେଙ୍ଗାଲୁରୁର ରାଜାରାଜେଶ୍ୱରୀ ନଗର ସ୍ଥିତ କ୍ରିଶିଙ୍କ ଘର ଭିତରୁ ମିଳିଛି ଜଣେ ଯୁବ ବ୍ୟବସାୟୀଙ୍କ ମୃତଦେହ। ଏହି ବ୍ୟବସାୟୀ ଜଣଙ୍କ ବେଶ କିଛି ଦିନ ହେଲା କ୍ରିଶିଙ୍କ ଘରେ ରହୁଥିଲେ। ସେ ମାନସିକ ଅବସାଦ ସହ ସଂଘର୍ଷ କରୁଥିଲେ। କିନ୍ତୁ ଏବେ ସେ ଅଭିନେତ୍ରୀଙ୍କ ଘରେ ହିଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ଘଟଣା ବେଳେ କ୍ରିଶି ଥାପଣ୍ଡା ଘରେ ନଥିଲେ। ସେ ୟେଲାହାଙ୍କାରେ ଥିଲେ। ମୃତକ ଜଣଙ୍କ ହେଲେ ବୈଶାଖ ଓ ସେ ଅଭିନେତ୍ରୀଙ୍କ ବାସଭବନରେ ପ୍ରାୟ ଗୋଟିଏ ସପ୍ତାହ ହେଲା ରହୁଥିଲେ। କିନ୍ତୁ ସେ ଅଭିନେତ୍ରୀଙ୍କ ଘରେ କ'ଣ ପାଇଁ ରହୁଥିଲେ, ସେକଥା ସ୍ପଷ୍ଟ ହୋଇନି। ପୁଲିସ୍ ମଧ୍ୟ ଏ ସମ୍ପର୍କରେ କିଛି ବି କହିନି। ପୁଲିସ ମୃତଦେହକୁ ଜବତ କରିଥିବା ବେଳେ ଘର ଭିତରୁ କୌଣସି ପ୍ରକାରର ସୁଇସାଇଡ ନୋଟ ଜବତ କରିନାହିଁ। ମୃତଦେହକୁ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଭିକ୍ଟୋରିଆ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଲିସ୍ ଜାଣିବାକୁ ପାଇଛି ଯେ ବୈଶାଖ ବେଶ କିଛି ମାସ ହେବ ମାନସିକ ଅବସାଦ ମଧ୍ୟରେ ରହିଥିଲେ।

# କେତନ ଅଗ୍ରୱାଲ ହତ୍ୟାକାଣ୍ଡ ମାମଲା
# ସିୟା ଓ ପ୍ରେମିକଙ୍କୁ ପଚରାଉଚରା



ପୁଣେ, ୨୫।୬: ମହାରାଷ୍ଟ୍ରର ପୁଣେ ଜିଲ୍ଲାରେ ଘଟିଥିବା କେତନ ଅଗ୍ରୱାଲ ହତ୍ୟାକାଣ୍ଡର ତଦନ୍ତ ଆଗକୁ ବଢୁଛି। ପୁଲିସ ଏହି ମାମଲାରେ କେତନଙ୍କ ଭାବି ପତ୍ନୀ ସିୟା ଗୋୟଲ ଓ ତାଙ୍କ କଥିତ ପ୍ରେମିକ ଚେତନ ଚୌଧୁରୀଙ୍କୁ ସାମ୍ନାସାମ୍ନି ବସାଇ ପଚରାଉଚରା କରିଛି। ଦୁହିଁଙ୍କ ବୟାନରେ ଥିବା ଅସଙ୍ଗତି ଓ ଘଟଣାକ୍ରମକୁ ସ୍ପଷ୍ଟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ପୁଲିସ କହିଛି। ପ୍ରାଥମିକ ତଦନ୍ତ ଅନୁସାରେ, କେତନ ଅଗ୍ରୱାଲ ଓ ସିୟା ଗୋୟଲଙ୍କ ବିବାହ ନିଶ୍ଚିତ ହୋଇଥିଲା। ଉଭୟଙ୍କର ନିର୍ବନ୍ଧ ବି ସରିଥିଲା। କିନ୍ତୁ ପୂର୍ବରୁ ସିୟାଙ୍କ ସହ ଚେତନ ଚୌଧୁରୀଙ୍କ ଘନିଷ୍ଠ ପ୍ରେମ ସମ୍ପର୍କ ଥିଲା। ଏହି ପ୍ରେମ ସମ୍ପର୍କ ହତ୍ୟାର ପ୍ରମୁଖ କାରଣ ବୋଲି ପୁଲିସ ସନ୍ଦେହ କରୁଛି। ତଦନ୍ତକାରୀ ଅଧିକାରୀମାନେ ଉଭୟଙ୍କ ମୋବାଇଲ ଫୋନ୍, କଲ୍ ରେକର୍ଡ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଯାଞ୍ଚ କରୁଛନ୍ତି। ଘଟଣାଟି ପୁଣେ ନିକଟସ୍ଥ ଲୋହଗଡ଼ ଦୁର୍ଗ ଅଞ୍ଚଳରେ ଘଟିଥିଲା। ସେଠାରେ କେତନଙ୍କ ମୃତଦେହ ସନ୍ଦେହଜନକ ପରିସ୍ଥିତିରେ ମିଳିଥିଲା।

# ଟ୍ରମ୍ପଙ୍କୁ ଝଟକା: ସିନେଟରେ ଯୁଦ୍ଧ ବିରୋଧୀ ପ୍ରସ୍ତାବ ଗୃହୀତ

ୱାଶିଂଟନ, ୨୫।୬: ଇରାନ୍ ବିରୋଧରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ରୋକିବା ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଯୁଦ୍ଧନୀତିକୁ ବଡ଼ ବିରୋଧ କରାଯାଇ ସିନେଟ ପ୍ରଥମ ଥର ପାଇଁ ଏହି 'ଯୁଦ୍ଧ କ୍ଷମତା ସଂକଳ୍ପ' (ୱାର ପାୱାର୍ସ ରିଜୋଲ୍ୟୁଶନ)କୁ ଅନୁମୋଦନ କରିଛି। ଟ୍ରମ୍ପ ପ୍ରଶାସନ ନିଜ ସ୍ତରରେ ଆରମ୍ଭ କରିଥିବା ଏହି ସଂଘର୍ଷ ପାଇଁ ଏବେ ସଂସଦ (କଂଗ୍ରେସ) ନିକଟରୁ ପାଣ୍ଠି ମାଗୁଥିବା ବେଳେ ସାଂସଦମାନେ ଏହି ପଦକ୍ଷେପକୁ ସନ୍ଦେହଜନକ ଦୃଷ୍ଟିରେ ଦେଖୁଛନ୍ତି। ଚଳିତ ମାସ ପ୍ରାରମ୍ଭରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ମଧ୍ୟ ଏହି ସଂକଳ୍ପକୁ ଅନୁମୋଦନ କରିସାରିଛି। ଯଦିଓ ଏହି ସଂକଳ୍ପଟି ମୁଖ୍ୟତଃ ପ୍ରତୀକାତ୍ମକ ଏବଂ ଏହାର ସମ୍ପୂର୍ଣ୍ଣ ଆଇନଗତ ବାଧ୍ୟବାଧକତା ନାହିଁ, ତଥାପି ଏହା ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନ ପାର୍ଟିର ସାଂସଦମାନଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ସ୍ପଷ୍ଟ କରୁଛି। ସିନେଟରେ ଭୋଟ ଗ୍ରହଣ ପରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ (ଟ୍ରୁଥ୍ ସୋସିଆଲ)ରେ କ୍ଷୋଭ ପ୍ରକାଶ କରି ଏହି ଭୋଟକୁ 'ଅସମୟୋଚିତ ଏବଂ ଅର୍ଥହୀନ' ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏହାଦ୍ୱାରା ଇରାନକୁ ପରୋକ୍ଷ ସହାୟତା ମିଳୁଛି। ୪ ଜଣ ରିପବ୍ଲିକାନ ସିନେଟର ସଦସ୍ୟ ଲିସା ମୁରକୋସ୍କି, ସୁସାନ କଲିନ୍ସ, ରାଣ୍ଡ ପଲ୍ ଏବଂ ବିଲ୍ କାସିଡି ଦଳୀୟ ଆଦେଶ ବିରୋଧରେ ଯାଇ ଯୁଦ୍ଧ ବିରୋଧୀ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଟ୍ରମ୍ପ ଏହି ୪ ସାଂସଦଙ୍କୁ ସମାଲୋଚନା କରିବା ସହ ସେମାନେ ତାଙ୍କ କାର୍ଯ୍ୟକୁ ଅଧିକ ଜଟିଳ କରିଦେଇଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ କେଣ୍ଟୁକିର ବରିଷ୍ଠ ସିନେଟର ମିଚ୍ ମ୍ୟାକକୋନେଲ ଅସୁସ୍ଥତା ହେତୁ ମେଡିକାଲରେ ଭର୍ତ୍ତି ହୋଇଥିବାରୁ ଏବଂ ଅନ୍ୟ ଜଣେ ସାଂସଦ ଅନୁପସ୍ଥିତ ଥିବାରୁ ଶାସକ ଦଳ ସିନେଟରେ ବହୁମତ ବଜାୟ ରଖିବାରେ ବିଫଳ ହୋଇଥିଲା। ନ୍ୟୁୟର୍କର ଡେମୋକ୍ରାଟିକ



ଦଳର ନେତା ଚକ୍ ସୁମର କହିଛନ୍ତି ଯେ, ଆମେରିକାବାସୀ ଟ୍ରମ୍ପଙ୍କ ଐତିହାସିକ ଭୁଲ୍ ପାଇଁ ବଡ଼ ମୂଲ୍ୟ ଦେଇଛନ୍ତି ଏବଂ ଏହା ଆମେରିକାର ବୈଦେଶିକ ନୀତି ଇତିହାସରେ ସବୁଠାରୁ ଖରାପ ପଦକ୍ଷେପ ଭାବେ ଲିପିବଦ୍ଧ ହେବ। ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ (ପେଣ୍ଟାଗନ) ଏହି ଯୁଦ୍ଧ ପାଇଁ ଅତିରିକ୍ତ ୮୦ ବିଲିୟନ ଡଲାର ପାଣ୍ଠି ମାଗୁଛି, ଯାହାକୁ ନେଇ ସାଧାରଣ ଆମେରିକୀୟ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ବର୍ତ୍ତମାନ ଦେଶର ଜନସାଧାରଣ ବର୍ଦ୍ଧିତ ତୈଳ ଦର ଓ ମହଙ୍ଗା ମାଡ଼ରେ ଅତିଷ୍ଠ ହୋଇପଡ଼ିଛନ୍ତି। ବିଶେଷଜ୍ଞଙ୍କ ମତରେ 'ଅପରେଶନ ଏପିକ୍ ଫ୍ୟୁରି' ନାମକ ଏହି ସାମରିକ ଅଭିଯାନର ମୋଟ ଖର୍ଚ୍ଚ ପ୍ରାୟ ୧୦୦ ବିଲିୟନ ଡଲାର ଛୁଇଁଲାଣି। ଏଥିସହିତ ଇରାନ୍ର ପୁନର୍ନିର୍ମାଣ ପାଇଁ ଟ୍ରମ୍ପ ପ୍ରଶାସନ ୩୦୦ ବିଲିୟନ ଡଲାରର ଏକ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନେଇଛି, ଯାହାକୁ ଟେଡ୍ କ୍ରୁଜ୍‌ଙ୍କ ଭଳି ପ୍ରମୁଖ ରିପବ୍ଲିକାନ ନେତାମାନେ ମଧ୍ୟ ତୀବ୍ର ବିରୋଧ କରୁଛନ୍ତି। ବର୍ତ୍ତମାନ ଉଭୟ ପକ୍ଷ ମଧ୍ୟରେ ଏକ ଅସ୍ଥାୟୀ ଯୁଦ୍ଧବିରତି ଲାଗି ଆଲୋଚନା ଚାଲିଥିବା ବେଳେ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଅତିରିକ୍ତ ସାମରିକ ପାଣ୍ଠି ମଞ୍ଜୁର କରିବାକୁ ସଂସଦ ଉପରେ ଚାପ ପକାଉଛନ୍ତି।

## ବେଆଇନ ଭାବେ ବାଲି ଚାଲାଣ ଦୁଇ ହାଇଓ୍ବା ଜବତ



ବେଲଗୁଣ୍ଠା(ନିପ୍ର): ବେଆଇନ ଭାବେ ବାଲି ଚୋରାଚାଲାଣ ବେଲଗୁଣ୍ଠା ଅଂଚଳରେ ଥିବା ବହୁ ବାଲି ଘାଟରୁ ଅନବରତ ବାଲି ଚୋରା ଚାଲିଛି । ଲକ୍ଷ ଲକ୍ଷ ରାଜସ୍ୱ ହାନି ହେଉଛି । ଗୁରୁବାର ଦୁଇ ବାଲି ବୋଝେଇ ହାଇଓ୍ବା ଗାଡିକୁ ଜବତ କରିଛି ଗାଙ୍ଗପୁର ପୋଲିସ । ଖବରରୁ ଜଣାପଡିଛି ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡ଼ି ନିକଟରେ ଗାଙ୍ଗପୁର ଥାନା ଅତିରିକ୍ତ ଥାନା ଅଧିକାରୀ ସକ୍ଷରଲତା ପ୍ରଧାନ ପୋଲିସ ଟିମ ସହ ବ୍ଲକିଙ୍ଗ ଚେକିଂ କରୁଥିବା ବେଳେ ଭଞ୍ଜନଗରପଟୁ ଆସିକା ଅଭିମୁଖେ ଯାଉଥିବା ଦୁଇଟି ବାଲି ବୋଝେଇ ହାଇବା (ଓଡି -୩୨କେ ୬୮୯୫) ଓ (ଓଡି -୩୨କେ ୪୬୪୭) ଦୁଇଟିକୁ ଯାଞ୍ଚ କରିବାରୁ ବାଲି ବେଆଇନ ଭାବେ ନିଆଯାଉଥିବା ଜଣାପଡିଥିଲା । ଏନେଇ ଗାଙ୍ଗପୁର ଥାନାରେ ୮୪/୨୬ରେ ଏକ ମାମଲା ରଜୁକରି ଦୁଇଟି ବାଲି ବୋଝେଇ ହାଇଓ୍ବାକୁ ଜବତ କରିବା ସହ ଗାଡି ଦୁଇଟିର ଡ୍ରାଇଭରମାନଙ୍କୁ ନୋଟିସ ଦେଇ ପୋଲିସ ଛାଡିଥିବା ଏସଆଇ ତଥା ତଦନ୍ତକାରୀ ଅଧିକାରୀ ବିନାୟକ ବିଧାର ପ୍ରକାଶ କରିଛନ୍ତି ।

### ଉଠାଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

## ୪ ଆକ୍ରମଣକାରୀ ଧରାପଡ଼ିଲେ, ଅସ୍ତ୍ରଶସ୍ତ୍ର ଜବତ

ଭୁବନେଶ୍ୱର(ନିପ୍ର): ୟୁନିଟ୍ ୯ରେ ଥିବା ଏକ ଉଠା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ଖାରବେଳନଗର ଥାନା ପୋଲିସ ଗୁରୁବାର ୪ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିଛି । ଗିରଫ ଆକ୍ରମଣକାରୀମାନେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ଜ୍ଞାନଜିତ ସାମଲ (୨୩), ୟୁନିଟ୍-୪ର ଦେବାଶିଷ ଦାଶ ଓରଫ ମୂଷା (୨୩), ୟୁନିଟ୍ ୮ର ଦିବ୍ୟରଞ୍ଜନ ପ୍ରଧାନ ଓରଫ ରାପି (୨୧) ଓ ସାଳିଆସାହିର ରାକେଶ ସାହୁ ଓରଫ ମୁନା (୨୨) । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ କଟୁରୀ,ଚାପଡ,୧୨ ହଜାର ଟଙ୍କା,୬ଟି ମୋବାଇଲ ଫୋନ ଜବତ କରାଯାଇଛି । ଏନେଇ ମଦନ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୨୪ ତାରିଖ ରାତି ୮ଟା ସମୟରେ ଅଭିଯୋଗକାରୀ ତାଙ୍କ ୟୁନିଟ୍-୯ ସ୍ଥିତ ମାଷ୍ଟରଚେଫ୍ ଓପେଲଫେଡ୍ ଦୋକାନରେ ଥିବା ବେଳେ ୫ରୁ ୬ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଦୋକାନ ଭିତରକୁ ପ୍ରବେଶ କରିଥିଲେ । ଅଭିଯୁକ୍ତ ମୁସା ଉର୍ଫ ଦେବାଶିଷ ଦାଶ ଅଭିଯୋଗକାରୀଙ୍କ ବେକରେ ମାରଣାସ୍ତ୍ର ଲଗାଇ ଧମକ ଦେବା ସହ ଟଙ୍କା ଦାବି କରିଥିଲେ । ଅଭିଯୋଗକାରୀ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ୧୨ ହଜାର ଟଙ୍କା ନଗଦ, ଏକ ହାତଘଡ଼ି, ସୁନା ରଙ୍ଗର "ଓଁ" ଲକେଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଛଡ଼ାଇ ନେଇଥିଲେ । ସେମାନେ ଦୋକାନର ଚେୟାର, ଟେବୁଲ, ପ୍ଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା ମଧ୍ୟ କରିଥିଲେ । ଅଭିଯୋଗକାରୀ ଅଭିଯୁକ୍ତ ମୁସା ଏବଂ ଜ୍ଞାନଜିତଙ୍କୁ ଚିହ୍ନଟ କରିଥିଲେ । ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ନିଜ ସହଯୋଗୀମାନଙ୍କ ସହ ମିଶି ମାରଣାସ୍ତ୍ର ଧରି ଏକ ବେଆଇନ ସମାବେଶ ଗଠନ କରି ଏହି ଡକାୟତି କରିଥିଲେ । ଘଟଣା ପରେ ସେମାନେ ୟୁନିଟ୍-୩, ୟୁନିଟ୍-୪ ଓ ୟୁନିଟ୍-୯ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଯାଇ ସମାନ ପ୍ରକାରର ଅପରାଧ ଘଟାଇବା ସହ କିଛି ବ୍ୟକ୍ତିଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ, ଜଣେ ବ୍ୟକ୍ତିଙ୍କୁ ଅପହରଣ କରିଥିଲେ ଏବଂ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲେ । ପୋଲିସ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଅସ୍ତ୍ରଧାରୀ ଅସାମାଜିକ ବ୍ୟକ୍ତିମାନଙ୍କ ଗତିବିଧି ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇ ଖାରବେଳନଗର ଥାନା ପୁଲିସ ଆଜି ଚଢ଼ାଉ କରି ଚାରି ଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା । ବ୍ୟକ୍ତିଗତ ତଲାସୀ ସମୟରେ ସେମାନଙ୍କ ନିକଟରୁ ମାରଣାସ୍ତ୍ର, ଲୁଟ୍ ହୋଇଥିବା ନଗଦ ଟଙ୍କା, ଚୋରି ସାମଗ୍ରୀ, ମୋବାଇଲ ଫୋନ ଏବଂ ଘଟଣାରେ ବ୍ୟବହୃତ ଗାଡ଼ି ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ଅନ୍ୟ ଜଣେ ସହଯୋଗୀ ଅଭିଯୁକ୍ତ ଗ୍ଲୁଟ୍ ଓରଫ ସୋହେବ ସୁନ୍ଦର ପ୍ରଧାନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତମାନେ ଘଟଣାରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ ।

## ସାମାନ୍ୟ ଘଟଣାରୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର(ନିପ୍ର): ସାମାନ୍ୟ ଘଟଣାରୁ ଜଣେ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଗୁରୁବାର ଦୁଇଜଣ ପେଶାଦାର ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅପରାଧୀ ଦ୍ୱୟ ହେଲେ ଭୋଇସାହିର ଦୀପକ ଭୋଇ (୨୭) ଓ ରତିପୁରର ସେକ୍ ଫୟାଜ (୩୩) । ଏନେଇ ସେକ୍ ସୁକାରୁ ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତଦ ୧୮ ତାରିଖ ଦିନ ସନ୍ଧ୍ୟା ୬ଟା ସମୟରେ ଅଭିଯୁକ୍ତମାନେ ସେମାନଙ୍କ ସହଯୋଗୀମାନଙ୍କ ସହ ମିଶି ଅଭିଯୋଗକାରୀଙ୍କ ଘର ନିକଟରେ ରେଳବାଇର ଇନସୁଲେଟେଡ୍ ତାର ପୋଡୁଥିଲେ, ଯାହାଫଳରେ ପ୍ରବଳ ଧୂଆଁ ଓ ଦୁର୍ଗନ୍ଧ ସୃଷ୍ଟି ହେଉଥିଲା । ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘର ଭିତରକୁ ଜବରଦସ୍ତ ପ୍ରବେଶ କରିଥିଲେ । ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ତଳେ ପକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଅଭିଯୋଗକାରୀଙ୍କ ଭାଉଜ ତାଙ୍କୁ ବଞ୍ଚାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା । ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ଘରର ଝରକା ଭାଙ୍ଗିବା ସହ ପଥର ଫିଙ୍ଗି ତାଙ୍କ ଅଟୋ ରିକ୍ସାକୁ କ୍ଷତିଗ୍ରସ୍ତ କରିଥିଲେ । ଏହି ଆକ୍ରମଣରେ ଅଭିଯୋଗକାରୀଙ୍କ ଆଖି ନିକଟରେ ଗୁରୁତର ଆଘାତ ସହ ଶରୀରରେ ଅନେକ ଆଘାତ ଲାଗିଥିଲା । ତଦନ୍ତରୁ ଅଭିଯୁକ୍ତ ଦୀପକ ଭୋଇ ଏବଂ ଶେଖ୍ ଫୟାଜ ଉର୍ଫ ଫୟାଜ ମହମ୍ମଦଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା । ନିର୍ଭରଯୋଗ୍ୟ ସୂଚନା ଆଧାରରେ ରଥିପୁର ଅଞ୍ଚଳରେ ଚଢ଼ଉ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା । ପଚରାଉଚରା ବେଳେ ସେମାନେ ନିଜର ଏବଂ ଅନ୍ୟ ସହଯୋଗୀମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ । ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ଦୀପକ ଭୋଇଙ୍କ ବିରୋଧରେ ଜଟଣୀ ଥାନାରେ ଦଙ୍ଗା, ମାରପିଟ, ବଟି ଆଦାୟ, ଧମକ, ଅସ୍ତ୍ର ଆଇନ ଏବଂ ସମ୍ପତ୍ତି ସମ୍ବନ୍ଧୀୟ ଅପରାଧକୁ ନେଇ ୬ଟି ମାମଲା ରହିଥିବା ବେଳେ ଫତେଗଡ଼ ଥାନାରେ ଚୋରି ଓ ଘରଭଙ୍ଗା ସମ୍ବନ୍ଧୀୟ ଆଉ ୫ଟି ମାମଲା ରହିଛି । ଅଭିଯୁକ୍ତ ଶେଖ୍ ଫୟାଜ ଉର୍ଫ ଫୟାଜ ମହମ୍ମଦଙ୍କ ବିରୋଧରେ ପୂର୍ବରୁ ୪ଟି ଅପରାଧିକ ମାମଲା ରହିଛି, ଯାହା ମଧ୍ୟରେ ୨ଟି ଏନଡିପିଏସ ମାମଲା ଏବଂ ମାରପିଟ, ଧମକ ଓ ମହିଳାଙ୍କ ପ୍ରତି ଅସଦାଚରଣ ଭଳି ୨ଟି ମାମଲା ଅନ୍ତର୍ଭୁକ୍ତ ।

---

### ମରଣାନ୍ତକ ଆକ୍ରମଣ ମାମଲା:

## ଦୁଇ ଅଭିଯୁକ୍ତଙ୍କୁ ୩ ବର୍ଷ ଦଣ୍ଡାଦେଶ

ପିପିଲି(ନିପ୍ର): ପୁରୀ ଜିଲ୍ଲା ପିପିଲି ସହକାରୀ ଦୌରାଜଜ ବିଶେଷ କୁମାର ସାହୁ ମାମଲାର ବିଚାର କରି ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତକୁ ୩ ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଦଣ୍ଡାଦେଶ ବେଳେ କୋଡିଏ କୋଡିଏ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି । କୋଡିଏ କୋଡିଏ ହଜାର ଟଙ୍କା ପଇଠ ନକରନ୍ତି ତେବେ ଅଧିକ ଛଅ ମାସ ଜେଲ ଦାଣ୍ଡ ଭୋଗିବାକୁ ପଡିବ । ଯଦି ଜୋରିମାନା ପଇଠ କରନ୍ତି ତେବେ ଆହତ ପ୍ରଫୁଲ୍ଲ ବେହେରାଙ୍କୁ କୋଡିଏ ହାଜର ଦେବା ସହିତ ରାଜା ବେହେରାଙ୍କ ଉତ୍ତରାଧିକାରୀଙ୍କୁ କୋଡିଏ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ ପିପିଲି ଅଠର ଭଗା ଗ୍ରାମର ପ୍ରସନ୍ନ ବେହେରା ଓ ପ୍ରଭାକର ବେହେରା ନାମକ ଦୁଇଜଣ ବ୍ୟକ୍ତି ସେହି ଗ୍ରାମର ଯଶୋଦା ବେହେରାଙ୍କ ସ୍ୱାମୀ ପ୍ରଫୁଲ୍ଲ ବେହେରା ଏବଂ ଦାଦା ଶଶୁର ରାଜ ବେହେରାଙ୍କୁ ଧାରୁଆ ଅସ୍ତ୍ର ଯୋଗେ ମରଣାନ୍ତକ ଆକ୍ରମଣ କରିଥିଲେ । ସେହି ଆକ୍ରମଣ ଘଟଣାରେ ଯଶୋଦା ପିପିଲି ଥାନାରେ ଲିଖିତ ଅଭିଯୋଗ କରିବାରୁ ପିପିଲି ଥାନା କେସ ନଂ ୩୨୬/୧୫ ଫୌଜଦାରୀ ଆଇନର ଦଫା -୩୪୧.୨୯୪.୩୨୬.୩୦୭.୫୦୬.୩୪ରେ ମାମଲା ଆଗତକରି ପିପିଲି ଥାନାର ସେ ସମୟର ଏସଆଇ ପି. କେ ଜୁଝିଆରସିଂହ ତଦନ୍ତ କରି ଆକ୍ରମଣକାରୀଙ୍କ ନାମରେ ଚାର୍ଜସିଟ ଦାଖଲ କରିଥିଲା । ଏହାରି ଉପରେ କୋର୍ଟ ବିଚାର କରି ଗୁରୁବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି ।

### ମଦ୍ୟପ ବ୍ୟକ୍ତିର ଉନ୍ମତ୍ତକାଣ୍ଡ

## ଘରେ ନିଆଁ ଲଗାଇ ଦେବାରୁ ୨ବଖରା ପୋଡ଼ି ପାଉଁଶ

ପିପିଲି(ନିପ୍ର): ମଦ ନିଶାରେ ଜଣେ କେତେ ତଳକୁ ଖସି ପାରେ ତାହା ଦେଖିବାକୁ ମିଳିଛି ବଳଙ୍ଗା ଥାନା ଅନ୍ତର୍ଗତ ସମରୋଇ ଶାସନ ଗ୍ରାମରେ । ଜଣେ ମଦ୍ୟପ ବ୍ୟକ୍ତି ଘରେ ସାମାନ୍ୟ କଳହକୁ କେନ୍ଦ୍ରକରି ନିଶାରେ ନିଜ ଘରେ ନିଆଁ ଲଗାଇ ଦେବାରୁ ୨ବଖରା ପୋଡ଼ି ପାଉଁଶ ହୋଇଯାଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ମୁତାବକ ଗ୍ରାମର ଲକ୍ଷ୍ମୀଧର ବେହେରା ନାମକ ଜଣେ ବ୍ୟକ୍ତି ଅନେକ ସମୟରେ ମଦ୍ୟ ପାନ କରି ଘରେ ବିଶୃଙ୍ଖଳା ସୃଷ୍ଟି କରନ୍ତି । ବୁଧବାର ରାତିର କୌଣସି କାରଣରୁ ନିଶାରେ ନିଜ ପୁଅ ସହ ପାଟି ତୁଣ୍ଡ କରିଥିଲେ । ଫଳରେ ପୁଅ ବୋହୂ ଘରୁ ଚାଲିଯାଇଥଲେ । ଲକ୍ଷ୍ମୀଧର ନିଶାରେ ନିଜର ହିତାହିତ ଜ୍ଞାନ ଭୁଲିଯାଇ ନିଜ ଘରେ ନିଆଁ ଲଗାଇ ଦେଇଥିଲେ । ନିଆଁ ଲାଗିବାରୁ ପଡୋଶୀମାନେ ଦେଖି ଡାକ ପକାଇବା ସହ ଲିଭାଇବାକୁ ଚେଷ୍ଟା କରିବା ସହ ପିପିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ୨ବଖରା ବାସ ଗୃହ ସମ୍ପୂର୍ଣ୍ଣ ପୋଡ଼ି ଯିବା ସହ ସମସ୍ତ ଆସବାବ ପତ୍ର ପୋଡ଼ି ଯାଇଥିଲା ।

---

## ବିଦ୍ୟୁତ ଖୁଣ୍ଟି ଚୋରି, ୨ ଗିରଫ

ଭୁବନେଶ୍ୱର(ନିପ୍ର): ଜନପଥ ରୋଡରେ ଥିବା ବିଦ୍ୟୁତ ଖୁଣ୍ଟି ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଗୁରୁବାର ଦୁଇଜଣ ଚୋରଙ୍କୁ ଗିରଫ କରିଛି । ଗିରଫ ଚୋର ଦୁଇଜଣ ହେଉଛନ୍ତି, ୟୁନିଟ୍- ୩ ଶାନ୍ତିନଗର ବସ୍ତିର ସେକ୍ ହମିଦ (୩୦) ଓ ସେକ୍ ରମଜାନ (୩୦) । ଏନେଇ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ଏ.ଇ.ଇ. (ସିଭିଲ)-କମ୍-ଡେପୁଟି ମ୍ୟାନେଜର (ଇଞ୍ଜିନିୟରିଂ) ସିଦ୍ଧେଶ୍ୱର ବେହେରା ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟ ଅନୁସାରେ, ସିସିଟିଭି ଫୁଟେଜ୍ ଓ କ୍ଷେତ୍ର ପରିଦର୍ଶନ ଆଧାରରେ ଜଣାପଡ଼ିଥିଲା ଯେ ମେ ୨୭ ତାରିଖ ଭୋର ୩ଟା୪୦ ମିନିଟ୍ ସମୟରେ କିଛି ଅଜଣା ବ୍ୟକ୍ତି ଖାରବେଳନଗର ଥାନା ଅନ୍ତର୍ଗତ ଜନପଥ ରାସ୍ତା କଡ଼ରେ ସ୍ଥାପିତ ସରକାରୀ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ଚୋରି କରି ନେଇଥିଲେ । ଯାହାଫଳରେ ସରକାରୀ ସମ୍ପତ୍ତିର କ୍ଷତି ହୋଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଏସ୍.କେ. ଆନାସ, ଏସ୍.କେ. ଜୈନାଲ, ଏସ୍.କେ. ରାଜେଶ, ଏସ୍.କେ. ହମିଦ, ଏସ୍.କେ. ରମଜାନ ଓ ନୂର ଇସଲାମ ଏକ ସଂଗଠିତ ଗୋଷ୍ଠୀ ଗଠନ କରି ଅପରାଧିକ ଷଡ଼ଯନ୍ତ୍ର ମାଧ୍ୟମରେ ରାମ ମନ୍ଦିର ଛକଠାରୁ ଆଇଡିବିଆଇ ଛକ ପର୍ଯ୍ୟନ୍ତ ଜନପଥ ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ସରକାରୀ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ପର୍ଯ୍ୟାୟକ୍ରମେ ଚୋରି କରି ସ୍କ୍ରାପ୍ ବ୍ୟବସାୟୀଙ୍କ ମାଧ୍ୟମରେ ବିକ୍ରୟ କରି ବେଆଇନ ଆର୍ଥିକ ଲାଭ ହାସଲ କରୁଥିଲେ । ଅଧିକ ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ଏକ ସ୍କୁଟି ଓ ଏକ ଟ୍ରଲି ସଂଯୁକ୍ତ ଗାଡ଼ିକୁ ପୂର୍ବରୁ ଜବତ କରାଯାଇଥିଲା । ସନ୍ଦିଗ୍ଧ ଚୋରି ସରକାରୀ ସମ୍ପତ୍ତି ଏସ୍.କେ. ଜୈବୁରଙ୍କ ସ୍କ୍ରାପ୍ ଦୋକାନରୁ ଉଦ୍ଧାର କରାଯାଇ ଆଇନ ଅନୁଯାୟୀ ମଧ୍ୟ ଜବତ କରାଯାଇଥିଲା । ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ ଚୋରି ସରକାରୀ ସମ୍ପତ୍ତି ନୂର ଇସଲାମ, ଏସ୍.କେ. ଜୈବୁର, ଏସ୍.କେ. ମିନାତୁର ଏବଂ କାଳିଆ ସ୍କ୍ରାପ୍ ଦୋକାନ ମାଧ୍ୟମରେ ବିକ୍ରୟ କରାଯାଉଥିଲା । ଏହି ମାମଲାରେ ପୂର୍ବରୁ ଅଭିଯୁକ୍ତ ଏସ୍.କେ. ଆନାସ, ଏସ୍.କେ. ଜୈନାଲ, ଏସ୍.କେ. ରାଜେଶ, ନୂର ଇସଲାମ ଏବଂ ଏସ୍.କେ. ଜୈବୁରଙ୍କୁ ଗିରଫ କରାଯାଇ ତା ୨୩.୦୬.୨୦୨୬ ରିଖରେ କୋର୍ଟ ଚାଲାଣ କରାଯାଇଥିଲା । ଗୁରୁବାର ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ଶାନ୍ତିନଗର ବସ୍ତି ଅଞ୍ଚଳରେ ଚଢ଼ଉ କରି ଫେରାର ଅଭିଯୁକ୍ତ ଏସ୍.କେ. ହମିଦ ଓ ଏସ୍.କେ. ରମଜାନଙ୍କୁ କାବୁ କରିଥିଲା । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ପ୍ରାୟ ୫୦ରୁ ୬୦ଟି ସରକାରୀ ବିଦ୍ୟୁତ ଖୁଣ୍ଟ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସାମଗ୍ରୀ ନୂର ଇସଲାମଙ୍କୁ ହସ୍ତାନ୍ତର କରି ସ୍କ୍ରାପ୍ ବ୍ୟବସାୟୀଙ୍କ ମାଧ୍ୟମରେ ବିକ୍ରୟ କରିଥିବା ପ୍ରକାଶ କରିଥିଲେ । ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତମାନେ ଏକ ସଂଗଠିତ ଅପରାଧିକ ଗୋଷ୍ଠୀର ସଦସ୍ୟ ଭାବେ ବାରମ୍ବାର ସରକାରୀ ସମ୍ପତ୍ତି ଚୋରି କରି ସରକାରଙ୍କ କ୍ଷତି କରିବା ସହ ସାଧାରଣ ଜନସ୍ୱାର୍ଥକୁ ପ୍ରଭାବିତ କରିଥିଲେ । ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ଏସ୍.କେ. ହମିଦଙ୍କ ବିରୋଧରେ ପୂର୍ବରୁ ଖାରବେଳନଗର, ମଞ୍ଚେଶ୍ୱର ଓ ବାଲିଅନ୍ତା ଥାନାରେ ରୁଜୁ ହୋଇଥିବା ଚୋରି, ଗୃହଭଙ୍ଗା ଓ ସମ୍ପତ୍ତି ସମ୍ବନ୍ଧୀୟ ମୋଟ ୮ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି ।

### ବିଲ୍ଡରଙ୍କୁ ହତ୍ୟା ଲାଗି ୧୦ ଲକ୍ଷର ସୁପାରୀ

## ଅଘଟଣ ପୂର୍ବରୁ ମାଡ଼ି ବସିଲା ପୋଲିସ

ଭୁବନେଶ୍ୱର(ନିପ୍ର): ଜଣେ ବିଲ୍ଡରଙ୍କୁ ହତ୍ୟା କରିବା ଲାଗି ୧୦ ଲକ୍ଷ ଟଙ୍କାର ସୁପାରି ନେଇଥିବା ଜଣେ ଦୁର୍ବୃତ୍ତଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ । ଗିରଫ ଅଭିଯୁକ୍ତଙ୍କ ନାମ ଅରୁଣ ସେଠୀ (୩୬) ଓ ତାଙ୍କ ଘର କେନ୍ଦ୍ରାପଡା ମାର୍ଶାଘାଇରେ ବୋଲି ଜଣାପଡିଛି । ଏନେଇ ବିଲ୍ଡର ପ୍ରଦୀପ କୁମାର ମିଶ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, କିଛି ଦୁର୍ବୃତ୍ତ ଅଭିଯୋଗକାରୀ ଓ ତାଙ୍କର ପରିବାର ସଦସ୍ୟମାନଙ୍କର କ୍ଷତି କରିବା ପାଇଁ ଯୋଜନା କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ସତ୍ୟବ୍ରତ ଦାସ ନାମକ ଜଣେ ବ୍ୟକ୍ତି ଘଟଣାର କିଛି ଦିନ ପୂର୍ବରୁ ଅଭିଯୋଗକାରୀଙ୍କୁ ସୂଚନା ଦେଇଥିଲେ । ସେ ଆହୁରି ମଧ୍ୟ ଜଣାଇଥିଲେ ଯେ, ବଣ୍ଟି ଟୁଙ୍ଗା ନାମକ ବ୍ୟକ୍ତି ଅଭିଯୋଗକାରୀଙ୍କୁ ହତ୍ୟା କରିବା ପାଇଁ ଅଭିଯୁକ୍ତ ଅରୁଣ ସେଠୀଙ୍କୁ ସୁପାରି ଦେଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ଅଫିସକୁ ଯାଇ ତାଙ୍କୁ ହତ୍ୟା କରିବା ପାଇଁ ୫ ଲକ୍ଷ ଟଙ୍କା ନେଇଥିବା କଥା କହି ଜୀବନ ରକ୍ଷା ବଦଳରେ ତାଙ୍କଠାରୁ ଅଧିକ ଟଙ୍କା ଦାବି କରିଥିଲେ । ଗତ ୨୪ ତାରିଖ ଦିନ ପ୍ରାୟ ୧ଟା୧୦ ସମୟରେ ଅଭିଯୋଗକାରୀ ଅଫିସରେ ନଥିବା ବେଳେ ଅଭିଯୁକ୍ତ ଅଫିସ ଭିତରକୁ ପଶି ସେଠାରେ ଥିବା କର୍ମଚାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ, ଏକ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ ଏବଂ ଅଭିଯୋଗକାରୀଙ୍କ ଠାରୁ ୧୦ ଲକ୍ଷ ଟଙ୍କା ବଟି ଦାବି କରିଥିଲେ । ଏହା ଦେଖି ଅଫିସର ଜଣେ କର୍ମଚାରୀ ଗୁପ୍ତ ଭାବେ ଅଭିଯୋଗକାରୀଙ୍କୁ ସୂଚନା ଦେଇଥିଲେ । ଅଭିଯୋଗକାରୀ ତୁରନ୍ତ ପୁଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ । ତଦନ୍ତ ସମୟରେ ପଚରାଉଚରା ବେଳେ ଅଭିଯୁକ୍ତ ସ୍ୱୀକାର କରିଥିଲେ ଯେ, ସେ ତାଙ୍କ ସହଯୋଗୀ ବଣ୍ଟି ଟୁଙ୍ଗା ଓ ଅନ୍ୟମାନଙ୍କ ସହ ମିଶି ଅଭିଯୋଗକାରୀଙ୍କୁ ମୃତ୍ୟୁ ଓ ଗୁରୁତର କ୍ଷତିର ଭୟ ଦେଖାଇ ଟଙ୍କା ଆଦାୟ କରିବାକୁ ଷଡଯନ୍ତ୍ର କରିଥିଲେ । ଅଭିଯୋଗକାରୀଙ୍କୁ ୧୦ ଲକ୍ଷ ଟଙ୍କା ଦେବାକୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ସେମାନେ ଧମକ ଦେଇଥିବା କଥା ମଧ୍ୟ ସେ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ପାହାଲରେ ଯୁବକଙ୍କୁ ବିଭତ୍ସ ହତ୍ୟା ମାମଲା

## ଫେରାର ହତ୍ୟାକାରୀ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ପାହାଲ ଥାନା ଅନ୍ତର୍ଗତ ସିନର୍ଜି କଲେଜ କଲର୍ଭଟ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହକୁ ଗତ ୧୭ ତାରିଖ ସକାଳେ ପୋଲିସ ଜବତ କରିଥିଲା । ମୃତ ଯୁବକ ଜଣଙ୍କ ହେଉଛନ୍ତି, ସ୍ଥାନୀୟ ଅନନ୍ତପୁର ଗାଁର ପ୍ରଭାତ କୁମାର ବେହେରା ଓରଫ ଜଗା ବୋଲି ଜଣାପଡିଥିଲା । ୧୬ ତାରିଖ ରାତିରେ କେହି ଜଣେ ଦୁର୍ବୃତ୍ତ ଜଗାକୁ ଘରୁ ଡାକି ନେଇ ବିଭତ୍ସ ଭାବେ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା । ଏହି ମାମଲାର ତଦନ୍ତ କରି ପୋଲିସ ଘଟଣାର ୩ ଦିନ ପରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଶନିବାର ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏହି ଘଟଣାରେ ଗୁରୁବାର ପୋଲିସ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ଫୁଲନଖରା ଅଞ୍ଚଳର ରୁଦ୍ରନାରାୟଣ ବାରିକ ଓରଫ ରାହୁଲ ଓରଫ ଲୋକନାଥ (୨୭)ଙ୍କୁ ଗିରଫ କରିବାରେ ସଫଳ ହୋଇଛି । ତେବେ ଏବେ ବି ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି ।

## ଅଂଶୁଘାତରେ ଗଛ କଟାଳି ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଆସିକା(ନିପ୍ର): କୋଟିନଡ଼ା ଥାନା ଜୟପୁର ଗ୍ରାମର ରଞ୍ଜନ ବେହେରାଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଥାଉକି ଗୁରୁବାର କୋଟିନଡ଼ା ଥାନା ଜୟପୁର ଗ୍ରାମର ରଞ୍ଜନ ବେହେରା ଧରାକୋଟ ଥାନା ଜାହାଡା ଗ୍ରାମ ବାରନାଳିଆକୁ ଗଛ କାଟିବା ପାଇଁ ଯାଇ ଦିନ ୧୧. ୪୦ ରେ ଘରକୁ ଫେରୁଥିବା ବେଳେ ବାର ନାଳିଆ ବିଲ ମଧ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହଠାତ ଅଚେତ ହୋଇପଡିଯାଇଥିଲେ । ସଙ୍ଗେ ସଙ୍ଗେ ନିକଟରେ ଥିବା ତାଙ୍କ ସହଯୋଗୀ ଓ ସ୍ଥାନୀୟ ଲୋକ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ରଞ୍ଜନ ବେହେରାଙ୍କ ଝିଅ ନନ୍ଦିନୀ ବେହେରା ଧରାକୋଟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ଶବ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି ।

## ଘରେ ପଶି ଆକ୍ରମଣ କରିଥିବା ଦୁଇ ଅପରାଧୀ ଗିରଫ



ଜଟଣୀ(ନିପ୍ର): ଜଟଣୀ ଥାନା ଅନ୍ତର୍ଗତ ରଥିପୁର ଗ୍ରାମଠାରେ ଦୁଇ ନମ୍ବରୀ କାର୍ଯ୍ୟରେ ଲିପ୍ତ ଦୁଇଜଣ ଅପରାଧୀଙ୍କୁ ବିରୋଧ କରିଥିବା ଜଣେ ବ୍ୟକ୍ତି ଓ ତାଙ୍କ ଭାଉଜଙ୍କ ଉପରେ କରାଯାଇଥିବା ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଲିସ ଅଭିଯୋଗକାରୀ ଶେଖ୍ ସୁକାରୁ (୩୫)ଙ୍କ ଲିଖିତ ରିପୋର୍ଟ ଆଧାରରେ ଫାୟାଜ୍ ମହମ୍ମଦ (୩୩) ଓରଫ ଶେକ ଫାୟାଜ ଓ ଦୀପକ ଭୋଇ (୨୭) ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ମତେ ଗତ ୧୮ ତାରିଖ ରିଖ ସନ୍ଧ୍ୟା ୬ଟା ସମୟରେ ଅଭିଯୁକ୍ତମାନେ ସେମାନଙ୍କ ସହଯୋଗୀ ମାନଙ୍କ ସହ ମିଶି ଅଭିଯୋଗକାରୀଙ୍କ ଘର ନିକଟରେ ରେଳବାଇର ଇନସୁଲେଟେଡ୍ ତାର ପୋଡୁଥିଲେ, ଯାହାଫଳରେ ପ୍ରବଳ ଧୂଆଁ ଓ ଦୁର୍ଗନ୍ଧ ସୃଷ୍ଟି ହେଉଥିଲା । ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘର ଭିତରକୁ ଜବରଦସ୍ତ ପ୍ରବେଶ କରିଥିଲେ ।ଏବଂ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ତଳେ ପକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଅଭିଯୋଗକାରୀଙ୍କ ଭାଉଜ ତାଙ୍କୁ ବଞ୍ଚାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା । ଅଭିଯୁକ୍ତମାନେ ତାଙ୍କ ଘରର ଝରକା ଭାଙ୍ଗିବା ସହ ପଥର ଫିଙ୍ଗି ତାଙ୍କ ଅଟୋ ରିକ୍ସାକୁ କ୍ଷତିଗ୍ରସ୍ତ କରିଥିଲେ । ଏହି ଆକ୍ରମଣରେ ଅଭିଯୋଗକାରୀଙ୍କ ଆଖି ନିକଟରେ ଗୁରୁତର ଆଘାତ ସହ ଶରୀରରେ ଅନେକ ଆଘାତ ଲାଗିଥିଲା । ତଦନ୍ତରୁ ଅଭିଯୁକ୍ତ ଦୀପକ ଭୋଇ ଏବଂ ଶେଖ୍ ଫୟାଜ ଉର୍ଫ ଫୟାଜ ମହମ୍ମଦଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା । ନିର୍ଭରଯୋଗ୍ୟ ସୂଚନା ଆଧାରରେ ରଥିପୁର ଅଞ୍ଚଳରେ ଚଢ଼ାଉ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା । ପଚରାଉଚରା ବେଳେ ସେମାନେ ନିଜର ଏବଂ ଅନ୍ୟ ସହଯୋଗୀ ମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ । ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ଦୀପକ ଭୋଇଙ୍କ ବିରୋଧରେ ଜଟଣୀ ଥାନାରେ ଦଙ୍ଗା, ମାରପିଟ, ବଟି ଆଦାୟ, ଧମକ, ଅସ୍ତ୍ର ଆଇନ ଏବଂ ସମ୍ପତ୍ତି ସମ୍ବନ୍ଧୀୟ ଅପରାଧକୁ ନେଇ ୬ଟି ମାମଲା ରହିଥିବା ବେଳେ ଫତେଗଡ଼ ଥାନାରେ ଚୋରି ଓ ଘରଭଙ୍ଗା ସମ୍ବନ୍ଧୀୟ ଆଉ ୫ଟି ମାମଲା ରହିଛି । ଅଭିଯୁକ୍ତ ଶେଖ୍ ଫୟାଜ ଉର୍ଫ ଫୟାଜ ମହମ୍ମଦଙ୍କ ବିରୋଧରେ ପୂର୍ବରୁ ୪ଟି ଅପରାଧିକ ମାମଲା ରହିଛି, ଯାହା ମଧ୍ୟରେ ୨ଟି ଏନଡିପିଏସ ମାମଲା ଏବଂ ମାରପିଟ, ଧମକ ଓ ମହିଳାଙ୍କ ପ୍ରତି ଅସଦାଚରଣ ଭଳି ୨ଟି ମାମଲା ଅନ୍ତର୍ଭୁକ୍ତ । ଫେରାର ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି ।

### ବଡ଼ ପୁଅଙ୍କ ନିର୍ଯାତନା ଓ ଧମକ ଅଭିଯୋଗ

## ନ୍ୟାୟ ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳର ଜଣେ ୮୨ ବର୍ଷୀୟ ଜ୍ୟେଷ୍ଠ ନାଗରିକ ହରେନ୍ଦ୍ର କୁମାର ଦାସ ନିଜ ପରିବାର ଭିତରେ ଚାଲିଥିବା କଥିତ ନିର୍ଯାତନା, ଧମକ ଓ ଘରୁ ଉଚ୍ଛେଦ କରିବା ଉଦ୍ୟମ ବିରୋଧରେ ନ୍ୟାୟ ଦାବି କରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସପି)ଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୋଗ ପତ୍ରରେ ହରେନ୍ଦ୍ର ଦାସ ଦର୍ଶାଇଛନ୍ତି ଯେ, ୧୯୪୭ ମସିହାରୁ ସେ ଓ ତାଙ୍କ ପରିବାର ନିଜ ପୈତୃକ ଘରେ ବସବାସ କରିଆସୁଛନ୍ତି । ମାତ୍ର ସମ୍ପ୍ରତି ତାଙ୍କ ବଡ଼ ପୁଅ ଲକ୍ଷ୍ମୀଧର ଦାସ ଓ ତାଙ୍କ ପରିବାର ସଦସ୍ୟମାନେ ତାଙ୍କୁ ଏବଂ ତାଙ୍କ ପତ୍ନୀଙ୍କୁ ଘର ଛାଡ଼ିବା ପାଇଁ ନିରନ୍ତର ଚାପ ପକାଉଥିବା ଅଭିଯୋଗ କରିଛନ୍ତି । ଏପରିକି ବିଭିନ୍ନ ପ୍ରକାର ଧମକ, ମାନସିକ ନିର୍ଯାତନା ଓ ଅପମାନଜନକ ବ୍ୟବହାର ମାଧ୍ୟମରେ ସେମାନଙ୍କୁ ଘରୁ ବାହାର କରିବା ପାଇଁ ଷଡଯନ୍ତ୍ର ଚାଲିଥିବା ସେ ଦାବି କରିଛନ୍ତି । ହରେନ୍ଦ୍ର ଦାସଙ୍କ କହିବା ଅନୁଯାୟୀ, କେବଳ ସେ ଓ ତାଙ୍କ ପତ୍ନୀ ନୁହେଁ, ପରିବାରର ଅନ୍ୟ କିଛି ସଦସ୍ୟ ମଧ୍ୟ ଏହି ପରିସ୍ଥିତିରେ ଅସୁରକ୍ଷିତ ଅନୁଭବ କରୁଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, କିଛି ସମୟ ପୂର୍ବରୁ ମଧ୍ୟ ସେ ଏହି ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅବଗତ କରାଇଥିଲେ । ତେବେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ତାଙ୍କ ବଡ଼ ପୁଅଙ୍କ ଅଭିଯୋଗ ଆଧାରରେ ପୋଲିସ ଏଫଆଇଆର ରୁଜୁ କରି ତାଙ୍କ ଉପରେ ଚାପ ସୃଷ୍ଟି କରୁଥିବା ସେ ଦାବି କରିଛନ୍ତି । ବୃଦ୍ଧ ହରେନ୍ଦ୍ର ଦାସ ଅଭିଯୋଗରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ପୋଲିସର କିଛି କାର୍ଯ୍ୟକଳାପ ତାଙ୍କୁ ମାନସିକ ଭାବେ ଅଧିକ ବିଚଳିତ କରିଛି । ତାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଘରୁ ଦୂରେଇ ଦେବା ପାଇଁ ପ୍ରଶାସନିକ ସ୍ତରରେ ଚାପ ପକାଯାଉଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଫଳରେ ବୃଦ୍ଧ ଦମ୍ପତି ନିଜ ସୁରକ୍ଷା ନେଇ ଗଭୀର ଚିନ୍ତାରେ ରହୁଥିବା ସେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ହରେନ୍ଦ୍ର ଦାସ ଜ୍ୟେଷ୍ଠ ନାଗରିକ ସୁରକ୍ଷା ସମ୍ବନ୍ଧୀୟ ଆଇନ ଅନୁଯାୟୀ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଯଥେଷ୍ଟ ସୁରକ୍ଷା ପ୍ରଦାନ କରିବା, ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଅଭିଯୋଗରେ ନାମ ଉଲ୍ଲେଖ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ନିକଟରେ ଦାବି ଜଣାଇଛନ୍ତି । ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପ୍ରଶାସନ ପକ୍ଷରୁ କେଉଁ ପଦକ୍ଷେପ ନିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ବଡ଼ ବିସ୍ଫୋରଣରୁ ବର୍ତ୍ତିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର




ଗୋଲାମୁଣ୍ଡା(ନିପ୍ର): କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଖଲିଆକାନୀ ପଞ୍ଚାୟତ ନିକଟରେ ଏକ ଏଲ୍‌ପିଜି ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି । ଏହି ଦୁର୍ଘଟଣାରେ ଟ୍ୟାଙ୍କରର ଡ୍ରାଇଭର ଓ ହେଲପର ଅକ୍ଷତ ରହିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଧର୍ମଗଡ଼ ପଟରୁ ଆସୁଥିବା ଏଲ୍‌ପିଜି ଗ୍ୟାସ୍ ବୋଝେଇ ଟ୍ୟାଙ୍କର (ନମ୍ବର ସିଜି-୦୭-ସିଏକ୍ସ-୭୨୬୪) ଡ୍ରାଇଭରଙ୍କ ଅନ୍ୟମନସ୍କତା ଯୋଗୁଁ ରାସ୍ତା କଡ଼ରେ ଥିବା ସୁରକ୍ଷା ବାଡ଼ରେ ଯାଇ ଧକ୍କା ଦେଇଥିଲା । ଧକ୍କା ପରେ ଟ୍ୟାଙ୍କରଟି କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଗ୍ୟାସ୍ ଲିକ୍ କିମ୍ବା ବିସ୍ଫୋରଣ ଘଟିନଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ଖବରପାଇ ଗୋଲାମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ୟାଙ୍କରର କାଗଜପତ୍ର ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଏନେଇ ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସ୍ଥାନୀୟ ଅଞ୍ଚଳବାସୀ ଏହି ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିବା ସହ ଗ୍ୟାସ୍ ବୋଝେଇ ଯାନବାହନ ଚଳାଚଳ ସମୟରେ ଅଧିକ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ସାଧାରଣରେ ଚର୍ଚ୍ଚା ।

■ ରାତ୍ରୀକାଳୀନ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ଗୁଦ୍‌ଗୁଦା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୁଚିଣ୍ଡା,୨୫/୬(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଥଲେଟିକ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ମୁକୁନ୍ଦି ଷ୍ଟାଡିୟମଠାରେ ପ୍ରଥମଥର ପାଇଁ ରାତ୍ରୀକାଳୀନ ରାଜ୍ୟ ସ୍ତରୀୟ ଗୁଦ୍‌ଗଦା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ସନ୍ଧ୍ୟା ସାଢ଼େ ୭ଟା ସମୟରେ ଉଦଘାଟିତ ହୋଇଯାଇଛି । ଏଥିରେ ରାଜ୍ୟର ବଛାବଛା ୮ଟି ଫୁଟବଲ୍ ଟିମ ଅଂଶଗ୍ରହଣ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳରାମ, ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗିନ୍ଦ୍ର କିଷାନ, କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ଜମନକିରା ବିଡ଼ିଓ ରାଜେନ୍ଦ୍ର ସେଠୀ,ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, ଆଥଲେଟିକ ଆସୋସିଏସନ୍ ଉପସଭାପତି ଖିତିଶ ଭୋଇ, ସମାଜସେବୀ ଶୁଶିଳ କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ରାଉରକେଲା ରେଡ୍ ଓ ଝାରସୁଗୁଡ଼ା ଶାନ୍ତିନଗର ଏଫ୍‌ସି ମଧ୍ୟରେ ଉଦଘାଟନୀ ମ୍ୟାଚ୍ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଉଭୟ ଟିମ୍‌କୁ ୨-୨ଗୋଲ ସ୍କୋର କରିବାରୁ ମ୍ୟାଚ ଅମିମାଂସିତ ହୋଇଥିଲା । ଶେଷରେ ଟାଇ ବ୍ରେକର ମାଧ୍ୟମରେ ୪-୩ ଗୋଲରେ ଝାରସୁଗୁଡ଼ା ଏଫସି ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନିତ ହୋଇଥିଲା ।





ଶାସ୍ତ୍ରୀନଗର ବସ୍ତିରେ ବେଆଇନ ଗୋଦାମ ଗୃହକୁ ବିଏମସି ପକ୍ଷରୁ ଉଚ୍ଛେଦ (ଫଟୋ-ଦିନଲିପି)

# ଆରଡ଼ି ରାସ୍ତାର ମରାମତି ପାଇଁ ୨୦କୋଟି ମଞ୍ଜୁର

**କଟକ, ୨୫/୬(ନିପ୍ର):** ଜିଲ୍ଲା ଗ୍ରାମ୍ୟ ନିର୍ମାଣ ଡିଭିଜନ (୧) ଅଧୀନରେ ରହିଥିବା ସମସ୍ତ ଆରଡ଼ି ରାସ୍ତା ମରାମତି, ରକ୍ଷଣା ବେକ୍ଷଣ ଓ ନବୀକରଣ ପାଇଁ ରାଜ୍ୟ ସରକାର ୨୦ କୋଟି ୮୦ଲକ୍ଷ ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି । ଏହି ଅର୍ଥ ବିନିଯୋଗରେ କଟକ ସଦର ବିରିବାଟି,ମାହାଙ୍ଗା, ଚମ୍ପତିପୁର, କୁଳିଆ, ବରାକୋଟ, ନିଆଳି ବାଲିଗଡ଼ା, ବାହାରଣା, ବଡ଼ବିଲ ବ୍ରାହ୍ମଣବଟୀ, ଟାଙ୍ଗୀ ହରିପୁର, ନିଶ୍ଚିନ୍ତକୋଇଲି, କୃଷ୍ଣପ୍ରସାଦ, ଗଡ଼ମା, ଖଣ୍ଡାଇତା, ବାଲିଗଡ଼, ସରିଛୁଆଁ ଆଦି ୫୬ଟି ରାସ୍ତାର ରକ୍ଷଣା ବେକ୍ଷଣ ମରାମତିକାର୍ଯ୍ୟ ହେବ ।

# ରବିଧାନ ସଂଗ୍ରହ ନେଇ ସମବାୟ ବିଭାଗ ତତ୍ପରତା

**ନିମାପଡ଼ା, ୨୫।୬ (ନିପ୍ର):** ନିମାପଡ଼ା ବ୍ଲକ୍ ଅଧୀନସ୍ଥ ୧୬ଟି ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ରବିଧାନ ବିକ୍ରି କରିବା ନିମନ୍ତେ ୧୮୭୫ ଜଣ ଚାଷୀ ପଞ୍ଜୀକରଣ କରିଥିବା ବ୍ଲକ୍ କୃଷି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ୧୮୩୬ ଚାଷୀଙ୍କ କାଗଜପତ୍ର, ଆଧାର କାର୍ଡ ଆଦି କୃଷି ପୋର୍ଟାଲରେ ଯୋଗ କରାଯାଇଥିବା ବେଳେ ୨୦୪୯ଟି ଟୋକନ ପ୍ରଦାନ ପାଇଁ ସ୍ଥିରୀକୃତ ହୋଇଛି । ଟୋକନ ବାବଦକୁ ୯୯୩୯୯ କ୍ୱିଂଟାଲ ସମିତି ଦ୍ୱାରା କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଅଦ୍ୟାବଧି ୧୬୦୩ ଜଣ ଚାଷୀ ୭୦୨୪୪ କ୍ୱିଂଟାଲ ଧାନ ମଣ୍ଡିରେ ବିକ୍ରି କରିଥିବା ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ସଂପାଦକ ସୁଶାନ୍ତ ରାଉତ ସୂଚନା ଦେଇଥିଲେ । ସମସ୍ତ ପଞ୍ଜୀକୃତ ଚାଷୀ ଏବଂ ଟୋକନ ପାଇଥିବା ଚାଷୀଙ୍କ ଠାରୁ ପର୍ଯ୍ୟାୟକ୍ରମେ ଧାନ କିଣାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି ।

ନାବାଳକଙ୍କୁ ଦୁଷ୍କର୍ମ ଅଭିଯୋଗ

# ଅଭିଯୁକ୍ତ ଶିକ୍ଷକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ, ୨୫/୬(ଖବର):** କଟକ ଜିଲ୍ଲାର କ୍ୟାଣ୍ଟେନମେଣ୍ଟ ଥାନା ଅଞ୍ଚଳରେ ହୋଇଥିବା ଏକ ଦୁଷ୍କର୍ମ ମାମଲାରେ ଅଦାଲତ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତ ଜଣକ ବକ୍ସିବଜାର ସ୍ଥିତ ଏକ ବିଦ୍ୟାଳୟରେ ଉର୍ଦ୍ଦୁ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଜଣେ ୧୨ ବର୍ଷୀୟ ନାବାଳକଙ୍କୁ ଉର୍ଦ୍ଦୁ ଶିକ୍ଷା ଦେବା ଆଳରେ ୨୦୨୪ ମସିହା ଅଗଷ୍ଟରୁ ଡିସେମ୍ବର ମାସ ମଧ୍ୟରେ ବାରମ୍ବାର ଯୌନ ନିର୍ଯାତନା ଦେଇଥିଲେ । ଏନେଇ କ୍ୟାଣ୍ଟନମେଣ୍ଟ ଥାନାରେ ୨୦୨୫ ମସିହା ଅଗଷ୍ଟ ୨୩ରେ ପୋକ୍ସୋ ଆଇନର ଧାରା-୬ ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ତଦନ୍ତ ପରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା । କଟକ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ-୧ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି । ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ।

# ପୁରୀରେ ନିର୍ମାଣ ହେବ ବହୁମୁଖୀ ସମ୍ମିଳନୀ କେନ୍ଦ୍ର

ଭୁବନେଶ୍ୱର,୨୫।୬(ନିପ୍ର): ପୁରୀରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ । ଏହା ଦ୍ୱାରା ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଏହି ଭିତ୍ତିଭୂମି ସହାୟକ ହେବ। ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ - ସମାବେଶୀ ସହର - ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ' ଆଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଏହା ଘୋଷଣା କରିଛନ୍ତି । ମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ପୁରୀ ନୁହେଁ, ଓଡ଼ିଶାର ବିଭିନ୍ନ ପୌରସଂସ୍ଥାଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି । ଏହି ପଦକ୍ଷେପ ସହରାଞ୍ଚଳର ସୁବିଧା ସୁଯୋଗକୁ ସୁଦୃଢ଼ କରିବ, ଗୋଷ୍ଠୀ ସହଭାଗିତାକୁ ପ୍ରୋତ୍ସାହିତ କରିବ ଏବଂ ଦ୍ରୁତ ଗତିରେ ବଢୁଥିବା ସହରାଞ୍ଚଳ ଜନସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବ ।

# ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କର: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୬(ନିପ୍ର):** ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବାକୁ ଗତକାଲି ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅନୁରୂପ ନିର୍ଦ୍ଦେଶ ଦିଆଯାଇଛି । ଲୋକସଭା ଭବନରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ନିରାପତ୍ତା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ସଭାପତିତ୍ୱ କରିଥିଲେ । ବୈଠକରେ, ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା, ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ କେତେ ଅନୁପାଳନ ହୋଇଛି ସେ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା । ରୋଗୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଅଗ୍ନି ନିର୍ବାପକ ଉପକରଣର ନିୟମିତ ଯାଞ୍ଚ, ଜରୁରୀକାଳୀନ ବ୍ୟବସ୍ଥାର ସୁନିଶ୍ଚିତକରଣ, ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର ପାଳନ ଏବଂ ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।

# ପ୍ରହସନ ପାଲଟିଛି ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ

ନୟାଗଡ, ୨୫/୬(ନିପ୍ର): ନୟାଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ମଧୁମିତା ରଥଙ୍କ ତତ୍ତ୍ୱାବଧାନରେ ସମ୍ପ୍ରତି ଏକ ନିଶାନିବାରଣ ସଚେତନତାରଥ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ । ତେବେ ଏହି କାର୍ଯ୍ୟକ୍ରମ ପରେ ସାଧାରଣ ଲୋକଙ୍କ ମଧ୍ୟରେ ଏକ ପ୍ରଶ୍ନ ଉଠିଛି ଏହି ସଚେତନତା କାର୍ଯ୍ୟକ୍ରମ କେବଳ ନାମକୁ ମାତ୍ର ସୀମିତ ହୋଇ ରହିଯାଉଛି କି ? ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ନିଶାଦ୍ରବ୍ୟ ଓ ଧଳାଜହର କାରବାର ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି । ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଯୁବପିଢ଼ି ନିଶାର କବଳରେ ପଡୁଥିବା ଚିତ୍ର ଦେଖିବାକୁ ମିଳୁଛି । ବିଶେଷକରି କିଛି ଅଞ୍ଚଳରେ ବ୍ରାଉନସୁଗାର, ଗଞ୍ଜେଇ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟର ଚୋରା କାରବାର ଖୁଲମ ଖୁଲା ଚାଲୁଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି । ସହର ଉପକଣ୍ଠ ଦେଇ ଯାଇଥିବା ବାଇପାସ ରାସ୍ତା ନିଶାଡି ଏବଂ ମାଦକ ଦ୍ରବ୍ୟ ଚୋରା ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ।

# ବେଆଇନ ମୋରମ ଚାଲାଣ କରି ବନ୍ଧାହେଲେ

**ଭୁବନେଶ୍ୱର, ୨୫/୬(ନିପ୍ର):** ବେଆଇନ ମୋରମ ଚାଲାଣ କରୁଥିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଗୁରୁବାର ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଡ୍ରାଇଭରର ନାମ ନିରଞ୍ଜନ ତ୍ରିପାଠୀ (୪୨) ଓ ତାଙ୍କ ଘର ଓଗଳାପଡାରେ ବୋଲି ଜଣାପଡିଛି । ତାଙ୍କ ଠାରୁ ଏକ ମୋରମ ବୋଝେଇ ଟ୍ରକକୁ ପୋଲିସ ଜବତ କରିଛି । ଏନେଇ ଥାନାର ଏଏସ୍‌ଆଇ ସି ନାରାୟଣ ରାଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ,୨୫ ତାରିଖ ରାତ୍ରି ୧ଟା୪୫ ମିନିଟ୍ ସମୟରେ ଇନ୍‌ଫୋସିଟି ଥାନା ପୋଲିସ ପାଟ୍ରୋଲିଂ ଟିମ୍ ଗଙ୍ଗାପଡ଼ା ଛକ ନିକଟରେ ବେଆଇନ ଭାବେ ସରକାରୀ କ୍ଷୁଦ୍ର ଖଣିଜ ପଦାର୍ଥ ଖନନ ଓ ପରିବହନ ରୋକିବା ପାଇଁ ଗାଡ଼ି ଯାଞ୍ଚ କରୁଥିବା ବେଳେ ଖୋର୍ଦ୍ଧା ପଟୁ ଏକ ଆଶୋକ ଲେଲ୍ୟାଣ୍ଡ ହାଇଓ୍ୱା ବହୁ ପରିମାଣର ମୋରମ ବୋଝେଇ କରି ଆସୁଥିବା ଦେଖିଥିଲେ । ପୁଲିସ ଯାଞ୍ଚ ପାଇଁ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ଚାଳକ ଜାଣିଶୁଣି ଗାଡ଼ିକୁ ପୁଲିସ କର୍ମଚାରୀଙ୍କ ଆଡ଼କୁ ଦ୍ରୁତ ଗତିରେ ଚଳାଇଥିଲେ । ଫଳରେ ପୁଲିସ କର୍ମଚାରୀମାନେ ନିଜ ଜୀବନ ରକ୍ଷା ପାଇଁ ରାସ୍ତାରୁ ସାଇଡ ହେବାକୁ ବାଧ୍ୟ ହୋଇଥିଲେ । ଏହାପରେ ଚାଳକ ଗାଡ଼ି ନେଇ ଫେରାର ହେବାକୁ ଉଦ୍ୟମ କରିଥିଲେ । ପୋଲିସ ପକ୍ଷରୁ ଗାଡ଼ିକୁ ପିଛା କରାଯାଇ ଯାଁଳା ଛକ ନିକଟରେ ଅଟକାଯାଇଥିଲା । ସେଠାରେ ଚାଳକ ଗାଡ଼ି ଛାଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ କାବୁ କରାଯାଇଥିଲା । ପଚରାଉଚରା ବେଳେ ସେ ନିଜ ପରିଚୟ ନିରଞ୍ଜନ ତ୍ରିପାଠୀ ବୋଲି ଦେଇଥିଲେ । ତଦନ୍ତ ସମୟରେ ଜବତ ହୋଇଥିବା ହାଇଓ୍ୱା ଓ ମୋରମ ଯାଞ୍ଚ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତଙ୍କ ପାଖରେ ମୋରମ ପରିବହନ ପାଇଁ କୌଣସି ବୈଧ ଟ୍ରାନ୍‌ଜିଟ୍ ପାସ୍, ଖଣି ଅନୁମତିପତ୍ର, ରୟାଲଟି ରସିଦ, ଇ ଚାଲାଣ କିମ୍ବା ଅନ୍ୟ କୌଣସି ଆଇନସମ୍ମତ ଦସ୍ତାବିଜ ନଥିଲା । ପଚରାଉଚରା ବେଳେ ସେ ସ୍ୱୀକାର କରିଥିଲେ ଯେ, ଉକ୍ତ ମୋରମ ଖୋର୍ଦ୍ଧା ଜିଲ୍ଲାର ପିତାପଲ୍ଲୀ ଅଞ୍ଚଳର ଏକ ବେଆଇନ ଖଣିରୁ ଖନନ କରାଯାଇଥିଲା ଏବଂ ଗାଡ଼ି ମାଲିକ ପିଣ୍ଟୁ ମହାପାତ୍ରଙ୍କ ନିର୍ଦ୍ଦେଶରେ ପରିବହନ କରା ଯାଉଥିଲା । ଅଧିକ ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଜାଣିଶୁଣି ଭାରୀ ମୋରମ ବୋଝେଇ ହାଇଓ୍ୱାକୁ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କ ଆଡ଼କୁ ଚଳାଇ ସେମାନଙ୍କ ଜୀବନକୁ ବିପଦରେ ପକାଇବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ ।




ଭୁବନେଶ୍ୱର: ହେଲ୍‌ଥ ଆଇକନ୍ସ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)

# ମହରମ ପାଇଁ ପୋଲିସ ଡିଜିଙ୍କ ସମୀକ୍ଷା

**କଟକ, ୨୫/୬(ନିପ୍ର):** ଶୁକ୍ରବାର ପବିତ୍ର ମହରମ ପର୍ବକୁ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ଭାଇଚାରାର ପରିବେଶ ମଧ୍ୟରେ ପାଳନ କରିବା ନିମନ୍ତେ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗୁରୁବାର ପୂର୍ବାହ୍ନରେ ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆଭାସୀ ମାଧ୍ୟମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମହରମ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ପାଇଁ ଡିଜିପି ସମସ୍ତ ପୋଲିସ ଅଧିକାରୀଙ୍କୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ, ସମସ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ ଜୋରଦାର କରିବା ସହ ଆବଶ୍ୟକ ସ୍ଥଳେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ ଓ ସେମାନଙ୍କ ସଠିକ୍ ବ୍ରିଫିଂ ଉପରେ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟର ଚିହ୍ନଟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ପ୍ଲାନ ସହ ଅତିରିକ୍ତ ସତର୍କତା ଅବଲମ୍ବନ କରିବା ସହ ବିଗତ ବର୍ଷ ମାନଙ୍କରେ ଘଟିଥିବା ବିଭିନ୍ନ ଛୋଟବଡ଼ ଘଟଣାର ସମୀକ୍ଷା କରାଯାଇ ସେହିସବୁ ସ୍ଥାନଗୁଡ଼ିକ ପ୍ରତି ଅଧିକ ଯତ୍ନବାନ ରହିବାକୁ କୁହାଯାଇଛି । ସୋସିଆଲ ମିଡିଆରେ ଗୁଜବ ଓ ଉତ୍ତେଜନାମୂଳକ ପୋଷ୍ଟ ପ୍ରସାରଣକୁ ରୋକିବା ପାଇଁ ୨୪ ଘଣ୍ଟିଆ ସାଇବର ପାଟ୍ରୋଲିଂ କରାଯିବା ସହ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି କହିଛନ୍ତି ।

# ଝୁମ୍ପୁଡି ବସ୍ତି ନଭାଙ୍ଗିବା ପାଇଁ କଂଗ୍ରେସ ନେତାଙ୍କ ଡିଆରଏମଙ୍କୁ ଅନୁରୋଧ



**ଜଟଣୀ, ୨୫/୬(ନିପ୍ର):** ଖୋର୍ଦ୍ଧାରୋଡ଼ ଡିଭିଜନର ସର୍ବପୁରାତନ ରେଲବାଇ କଲୋନୀ ଭାବେ ବିବେଚିତ ଲୋକୋ କଲୋନୀରେ ରେଲବାଇ ପ୍ରଶାସନର ଅବହେଳା ପାଇଁ ଖୋଲା ସ୍ଥାନ ଓ ରେଳ କ୍ୱାର୍ଟରକୁ ଲଗାଇ ବହୁ ଆର୍ଥିକ ଅନଗ୍ରସର ତେଲୁଗୁ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକ ମାନେ ନୂଆଣିଆ ଆଜବେଷ୍ଟସ ଘର ଯାହାକୁ ଝୁମ୍ପୁଡି କୁହାଯାଏ ନିର୍ମାଣ କରି ରହୁଥିଲେ । ଯାହାକୁ ପରୋକ୍ଷରେ କିଛି ବିଭାଗୀୟ ଅସାଧୁ କର୍ମଚାରୀ ମାନେ ହାତଗୁଞ୍ଜା ନେଇ ପରୋକ୍ଷରେ ସାହାଯ୍ୟ କରି ବେଆଇନ ବିଦ୍ୟୁତ ଓ ପାଣି ସଂଯୋଗ ଦେବା ଫଳରେ ସେମାନଙ୍କ ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଥିଲା । ଏଣେ ରେଳବାଇର ବିଭିନ୍ନ କାର୍ଯ୍ୟାଳୟର କଳେବର ବୃଦ୍ଧି ପାଇବାରୁ ନିର୍ମାଣ ପାଇଁ ସ୍ଥାନ ଅଭାବ ହେତୁ ବାରମ୍ବାର ବସ୍ତି ବାସିନ୍ଦାଙ୍କୁ ତୁରନ୍ତ ଜାଗା ଖାଲି କରିବାକୁ ରେଳ ପ୍ରଶାସନ ନୋଟିସ ଦେଉଥିଲେ ମଧ୍ୟ ନେତା ମାନଙ୍କ ହସ୍ତକ୍ଷେପ ପାଇଁ ଉଚ୍ଛେଦ ପ୍ରକ୍ରିୟା କୋହଳ ହେଉଥିଲା । ତେବେ କିଛିବର୍ଷ ତଳେ ଦୃଢ ପଦକ୍ଷେପ ପାଇଁ ବହୁ ଝୁମ୍ପୁଡି ଭଙ୍ଗା ଯାଇଥିଲା । ହେଲେ ନେତା ମାନେ ସେତେବେଳେ ଲୋକ ମାନଙ୍କୁ ଦେଇଥିବା ପ୍ରତିଶୃତି ପାଣିର ଗାର ସାବ୍ୟସ୍ତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ରେଳ ପ୍ରଶାସନ ତରଫରୁ ଆସନ୍ତା ଶନିବାର ୨୭ ତାରିଖ ଦିନ ବଳକା ରହିଯାଇଥିବା ବସ୍ତି ଘର ଉଚ୍ଛେଦ କରିବା ନିମନ୍ତେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା । ଯାହାକୁ ନେଇ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱ ଡିଆରଏମ ଅଫିସ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା ।

## AFFIDAVIT

By virtue of an affidavit sworn before EXECUTIVE MAGISTRATE, SANAKHEMUNDI, dated 24/06/2026 I, JILU PRADHAN, Address VILLAGE-GAMBHARIGUDA, PO-KONKORADA, PS-PATTAPUR, DIST-GANJAM, STATE ODISHA, PIN-761144 declare that I have changed the name of my Daughter from PUJA PRADHAN to PRAKRUTI PRADHAN. Henceforth, she shall be known as PRAKRUTI PRADHAN for all purposes.

Sd/-Jilu Pradhan

||||||||||||||||||| ବଳିପଡ଼ିଲା ବିକାଶ, ପଦାରେ ପଡ଼ିଲା ପିସି କାରବାର |||||||||||||||||||

# ଉଦ୍‌ଘାଟନ ପୂର୍ବରୁ ଫାଟିଲା ସେତୁର କାନ୍ଥ

ଧାମନଗର,୨୫/୬(ନିପ୍ର): ବିକାଶ ନାଁରେ କିଭଳି ସରକାରୀ ଅର୍ଥର ହରିଲୁଟ୍ ଚାଲିଛି ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଆଖି ସାମ୍ନାରେ କିପରି ଖୋଲାଖୋଲି ନିମ୍ନମାନର କାମ ହେଉଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତରେ । ମୁଥାନଗର-ଖଡ଼ିପଦା ପଞ୍ଚାୟତ ଅଫିସ ରାସ୍ତାରେ ଭୋଲାନାଥ ବେହେରା ନାଳ ଉପରେ ନିର୍ମାଣାଧୀନ ସେତୁର କାର୍ଯ୍ୟ ଶେଷ ନହେଉଣୁ ଏହାର ଆପ୍ରୋଚ୍ ରୋଡ୍‌ର ଆବଟମେଣ୍ଟ ଓ୍ୱାଲ୍ ଭାଙ୍ଗି ଦୁଇ ଫାଳ ହୋଇଯାଇଛି । ସରକାରୀ କାର୍ଯ୍ୟାଦେଶ ଅନୁଯାୟୀ ଏହି କାମ ପ୍ରାୟ ୧୫ ମାସ ପୂର୍ବରୁ ସରିବା କଥା, କିନ୍ତୁ ଏବେ ସୁଦ୍ଧା କାମ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ଯେତିକି କାମ ହୋଇଛି ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ପ୍ରମାଣିତ ହୋଇଛି । ରାଜ୍ୟ ସରକାରଙ୍କ 'ସେତୁ ବନ୍ଧନ ଯୋଜନା' ଅଧୀନରେ ୪ କୋଟି ୮୮ ଲକ୍ଷ ୩୩ ହଜାର ୩୮୪ ଟଙ୍କା ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେଉଛି । ଏହି ସେତୁଟି ଖଡ଼ିପଦା ପଞ୍ଚାୟତ ଅଫିସ ସମେତ ବେଦପୁର, ମୁଥାନଗର ଏବଂ ବୈକୁଣ୍ଠି ଆଦି ଗାଁକୁ ଯୋଡ଼ିବା ସହ ଦୋବଲ, ଧାମନଗର, ଭଦ୍ରକ ଏବଂ ଯାଜପୁର ଟାଉନକୁ ଯାତାୟାତ ପାଇଁ ଏକ ସୁବିଧାଜନକ ରାସ୍ତା ସୃଷ୍ଟି କରିବ । ଦୈନିକ ୫୦୦୦ରୁ ଅଧିକ ଲୋକ ନିର୍ଭର କରୁଥିବା ଏହି ସେତୁର ଅବସ୍ଥା ଏବେ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରିଛି । ଗ୍ରାମ୍ୟ ନିର୍ମାଣ ବିଭାଜନ-୨, ଭଦ୍ରକର ଅଧୀକ୍ଷଣ ଯନ୍ତ୍ରୀଙ୍କ ତଦାରଖରେ ଏହି କାମ ହେଉଥିବା ବେଳେ ସେମାନଙ୍କ ଦାୟିତ୍ୱହୀନତା ବର୍ତ୍ତମାନ ପଦାରେ ପଡ଼ିଛି । ପ୍ରକଳ୍ପ ନକ୍ସା ଅନୁଯାୟୀ, ୩୩.୨୧ ମିଟର ଲମ୍ବ ଏବଂ ୭.୫୦ ମିଟର ଚଉଡ଼ା ବିଶିଷ୍ଟ ଏହି ସେତୁ ନିର୍ମାଣରେ ଆରସିସି ଏମ୍-୩୦ ଏବଂ ଏମ୍-୩୫ ଉଚ୍ଚ ଗ୍ରେଡ୍ ?ର କଂକ୍ରିଟ୍ ମିକ୍ସ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି । ହେଲେ କାନ୍ଥ ଫାଟିବାର ମୁଖ୍ୟ ବୈଷୟିକ କାରଣ ଖୋଜିଲେ ଠିକାଦାରଙ୍କ ଖାମଖିଆଲି ମନୋଭାବ ସାମ୍ନାକୁ ଆସୁଛି । ଆପ୍ରୋଚ୍ ରୋଡ୍ ନିର୍ମାଣ ବେଳେ ବାଲି ଫିଲିଂ ବଦଳରେ ପଇସା ବଞ୍ଚାଇବା ପାଇଁ ଠିକାଦାର କେବଳ ସାଧାରଣ ମାଟି ଭରଟ କରିଦେଲେ । ମାଟିକୁ ସ୍ତର ସ୍ତର କରି ରୋଲିଂ ବା କମ୍ପାକ୍ସନ କରାଗଲା ନାହିଁ । ବର୍ଷା ହେବା ଫଳରେ ଏହି ମାଟି ପାଣି ଶୋଷି ଓଜନଦାର ହେଲା ଏବଂ କାନ୍ଥ ଉପରେ ପ୍ରବଳ ପାର୍ଶ୍ୱବର୍ତ୍ତୀ ପକାଇଲା । କାନ୍ଥରେ ପାଣି ବାହାରିବା ପାଇଁ ଆବଶ୍ୟକୀୟ ଓ୍ୱିପ୍ ହୋଲ୍ ମଧ୍ୟ ନଥିବାରୁ, ଚାପ ସମ୍ଭାଳି ନପାରି ନିମ୍ନମାନର କଂକ୍ରିଟ୍‌ରେ ତିଆରି ଏହି କାନ୍ଥ ମୂଳ ଗଠନରୁ ଛିଣ୍ଡି ଆଡ଼େଇ ହୋଇଗଲା ବୋଲି କୁହାଯାଉଛି । ଏତେ ବଡ଼ ବୈଷୟିକ ତ୍ରୁଟି ଏବଂ ଖୋଲାଖୋଲି ଦୁର୍ନୀତି ହେଉଥିବା ବେଳେ ବିଭାଗୀୟ ଦାୟିତ୍ୱପ୍ରାପ୍ତ ଯନ୍ତ୍ରୀମାନେ କିପରି ସବୁ ଜାଣିଶୁଣି ନଜରଅନ୍ଦାଜ କଲେ, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିନା ଯାଞ୍ଚରେ ଠିକାଦାରଙ୍କୁ ବିଲ୍ କରାଇଦେବା ପାଇଁ ଏହା ଯନ୍ତ୍ରୀ ଓ ଠିକାଦାରଙ୍କ ଏକ ମିଳିତ ଷଡଯନ୍ତ୍ର ବୋଲି ସାଧାରଣରେ ଅଭିଯୋଗ ହେଉଛି । ସାମାନ୍ୟ ମାଟି ଚାପରେ ଯଦି କାନ୍ଥ ଭାଙ୍ଗିଯାଉଛି, ତେବେ ପୋଲ ଉପରେ ଭାରୀ ଯାନ ଚାଲିଲେ ଲୋକଙ୍କ ଜୀବନ କେତେ ସୁରକ୍ଷିତ ? ଏହି ଦୁର୍ନୀତିର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ କରାଯାଇ ଦୋଷୀ ଠିକାଦାର ଓ ନିରବଦ୍ରଷ୍ଟା ସାଜିଥିବା ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି ଯେ, ତଦନ୍ତ ପରେ ପଦକ୍ଷେପ ନିଆଯିବ ।








Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ